Daily Odia Newspaper
SEITHO ARAMBHA
RNI No : ORIORI/2006/21585
Vol.: 20, Issue : 88
Monday, 1 June 2026
Balasore, Page : 8, ₹ 2/
ବାଲେଶ୍ୱର, ସୋମବାର, ୧ ଜୁନ୍, ୨୦୨୬
ପୃଷ୍ଠା:୮, ମୂଲ୍ୟ:୨ଟଙ୍କା
Seitho Arambha
Seithoarambha
www.seithoarambha.com

ସେଇଠୁ ଆରମ୍ଭ

SEITHO ARAMBHA

ଯାହାଠାରେ ସତ୍ୟ, ପବିତ୍ରତା, ନିଃସ୍ୱାର୍ଥପରତା ବିଦ୍ୟମାନ, ବାଧା ବିପତ୍ତି ତା'ର କ'ଣ କରିବ ?
ଜଗତ୍‌ବାସୀ ତାହା ବିରୋଧରେ ଦଣ୍ଡାୟମାନ ହେଲେ ସୁଦ୍ଧା ତାହାର କୌଣସି ଅନିଷ୍ଟ ହୁଏ ନାହିଁ ।
- ସ୍ୱାମୀ ବିବେକାନନ୍ଦ

ଓଡ଼ିଶାର ବେଲପଣା-ସୁବର୍ଣ୍ଣରେଖା ଆମ୍ବକୁ ପ୍ରଧାନମନ୍ତ୍ରୀଙ୍କ ପ୍ରଶଂସା

ନୂଆଦିଲ୍ଲୀ, ୩୧/୫(ନ୍ୟୁ.ଏ): ୧୩ତମ୍ ମନ୍ କି ବାତ୍‌ରେ ସମ୍ବୋଧନ କରିଛନ୍ତି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି । ମନ୍ କି ବାତ୍ କାର୍ଯ୍ୟକ୍ରମରେ ସମ୍ବୋଧନ କରିଛନ୍ତି ପ୍ରଧାନମନ୍ତ୍ରୀ ମୋଦି । ଓଡ଼ିଶାର ବେଲପଣା କଥା କହିଲେ ପ୍ରଧାନମନ୍ତ୍ରୀ । ଏହା ସହିତ ଓଡ଼ିଶାର ସୁବର୍ଣ୍ଣରେଖା ଆମ୍ବ କଥା ବି କହିଛନ୍ତି ।ଗ୍ରୀଷ୍ମ ପ୍ରବାହକୁ ନେଇ ସତର୍କ ରହିବାକୁ ପ୍ରଧାନମନ୍ତ୍ରୀ ପରାମର୍ଶ ଦେଇଛନ୍ତି । ପେଟକୁ ଥଣ୍ଡା ରଖୁଥିବା ବେଲପଣା ପିଇବାକୁ ପରାମର୍ଶ ଦେଇଛନ୍ତି । ବିଜିନ୍ସ ଲାଇନ୍‌ରେ ହେସାଲ ପଣ ବିଷୟରେ କହି ଓଡ଼ିଶାର ସ୍ୱତନ୍ତ୍ର ବେଲପଣା କାଦବରେ ଦେଶବାସୀଙ୍କୁ କହିଛନ୍ତି ପ୍ରଧାନମନ୍ତ୍ରୀ । ଓଡ଼ିଶାର ବେଲପଣା ଓ ସୁବର୍ଣ୍ଣରେଖା ଆମ୍ବକୁ ପ୍ରଶଂସା କରିଛନ୍ତି ପ୍ରଧାନମନ୍ତ୍ରୀ । ମନ୍ କି ବାତ୍‌ରେ ଗ୍ରୀଷ୍ମ ପ୍ରବାହକୁ ନେଇ ମୋଦି କହିଛନ୍ତି, ଯଦି ଆପଣଙ୍କୁ ଖରାରେ ବାହାରକୁ ଯିବାକୁ ପଡ଼େ, ତେବେ ସତର୍କ ରୁହନ୍ତୁ । ଦେଶର ଅଧିକାଂଶ ସ୍ଥାନରେ ବହୁତ ଗରମ । ପ୍ରଚଣ୍ଡ ସୂର୍ଯ୍ୟତାପ, ଗରମ ପବନ, ଏପରି ପାଗରେ ନିଜର ଯତ୍ନ ନେବା ବହୁତ ଗୁରୁତ୍ୱପୂର୍ଣ୍ଣ । ପାଣି ପିଅନ୍ତୁ । ଯଦି ଆପଣଙ୍କୁ ଖରାରେ ବାହାରକୁ ଯିବାକୁ ପଡ଼େ, ତେବେ ସତର୍କତାର ସହିତ ବାହାରକୁ ଯାଅ । ଏହି ଦିଗରେ ସରକାରଙ୍କ ବିଭିନ୍ନ ବିଭାଗ ଦ୍ୱାରା

ଜାରି କରାଯାଇଥିବା ନିର୍ଦ୍ଦେଶାବଳୀକୁ ଭୁଲିବୁ ନାହିଁ । ଆମ ଦେଶରେ, ଗରମ ସହିତ ଲଡ଼ିବାର ଉପାୟ ପ୍ରାୟତଃ ରୋଷେଇ ଘରେ ମଧ୍ୟ ମିଳିଥାଏ । ଆପଣ ଏହା ମଧ୍ୟ ଲକ୍ଷ୍ୟ କରିଥିବେ ଯେ ଗରମ ବଢ଼ିବା ସହିତ ରୋଷେଇ ଘରର ସ୍ୱାଦ ବଦଳିଯାଏ, ରୋଷେଇ ଘରର ପ୍ରକାର ବଦଳିଯାଏ । କିଛି ସ୍ଥାନରେ ମାଟି ପାତ୍ରରୁ ପାଣି ବହିବାକୁ ଲାଗେ, କିଛି ସ୍ଥାନରେ ଦହି ପଡ଼ିବାକୁ ଲାଗେ, କିଛି ସ୍ଥାନରେ କଂଚା ଆମ୍ବ ଫୁଟିବାକୁ ଲାଗେ ଏବଂ ତା'ପରେ ସ୍ଥାନୀୟ ପାନୀୟର ଯୁଗ ଆରମ୍ଭ ହୁଏ । ' ବିଜିନ୍ସ ଲାଇନ୍‌ର ଦେଶୀ ପାନୀୟ ବିଷୟରେ କହିଲେ- ମନ୍ କି ବାତରେ ପ୍ରଧାନମନ୍ତ୍ରୀ ମୋଦି କହିଥିଲେ, 'ଆପଣମାନେ ସ୍ଥାନୀୟ ପାନୀୟ ସହିତ ମଧ୍ୟ ପରିଚିତ, ଯଦି ଆପଣ ଭରର ରାଜ୍ୟ ଯାଆନ୍ତି, ତେବେ ଆପଣଙ୍କୁ ଅନେକ ସ୍ଥାନରେ ଆମ ପନ୍ନା, କଂଚା ଆମ୍ବ ସ୍ୱାଦ ଏବଂ ଗରମରୁ ମୁକ୍ତି ମିଳିବ । ଯଦି ଆପଣ ପଞ୍ଜାବ-ହରିଆଣା ଯାଆନ୍ତି, ତେବେ ଆପଣଙ୍କୁ ଲସି ମିଳିବ, ଏକ ବଡ଼ ଗ୍ଲାସରେ ଲସି । ରାଜସ୍ଥାନ ଏବଂ ଗୁଜରାଟରେ ଦଗଦମିଛ, ଏହା ପ୍ରତ୍ୟେକ ଖାଦ୍ୟର ସାଥୀ ହୋଇଯାଏ ଏବଂ ଦିହାର, ଝାଡ଼ଖଣ୍ଡ, ପୂର୍ବ ଭରତ ପ୍ରଦେଶରେ ଋତୁ ଶରତରେ, ଏହା ବିଷୟରେ କଣ କହିବା, ଏହା ପେଟ ଥଣ୍ଡା କରେ ଏବଂ ଶକ୍ତି ମଧ୍ୟ ଦିଏ । କୋଙ୍କଣ ଏବଂ ଗୋଆରେ କୋକୁମ ଶରବତ, ସୋଲ କଢି । ଦକ୍ଷିଣ ଭାରତରେ ପନକମ୍, ନୀର ମୋଲ, ସାମ୍ବରମ୍ ଏବଂ ଓଡ଼ିଶାରେ ବେଲ୍ ପଣା, ଏଗୁଡ଼ିକ କେବଳ ପାନୀୟ ନୁହେଁ, ଏହା ଭାରତର ବିଭିନ୍ନ ଅଂଚଳର ପରମ୍ପରାର ଏକ ଅଂଶ ।' ମନ୍ କି ବାତରେ ଆମ୍ବ ବିଷୟରେ ଆଲୋଚନା- ପ୍ରଧାନମନ୍ତ୍ରୀ ମୋଦି କହିଛନ୍ତି, 'ଗ୍ରୀଷ୍ମ ଋତୁ ଆସିବା ମାତ୍ରେ ପ୍ରତ୍ୟେକ ଘରେ ଆଲୋଚନାର ଆଉ ଏକ ବିଷୟ ଆରମ୍ଭ ହୁଏ ଏବଂ ତାହା ହେଉଛି ଆମ୍ବ । ଭାରତରେ ଏପରି କୌଣସି ଘର ନଥିବା ଭେଦେ ଗ୍ରୀଷ୍ମ ଋତୁରେ ଆମ୍ବ ବିଷୟରେ ଆଲୋଚନା ହୁଏ । ପ୍ରତ୍ୟେକ ଅଂଚଳର ନିଜସ୍ୱ ଆମ୍ବ, ନିଜସ୍ୱ ସ୍ୱାଦ, ନିଜସ୍ୱ ସୁଗନ୍ଧ ଅଛି । ମହାରାଷ୍ଟ୍ର ଏବଂ କୋଙ୍କଣର ଯମୁସ୍, ଆଲଫୋନ୍ସୋ, ଗୁଜୁରାଟର କେଶର, ଏହା ଆମ୍ବ ରସର ଆତ୍ମା, ଭରତ ପ୍ରଦେଶର ଦଶହରୀ ଏବଂ ମୋର ଲାଙ୍ଗଡ଼ା ଓଡ଼ିଶାର ସୁବର୍ଣ୍ଣରେଖା ।

ସୁରକ୍ଷାରେ ତ୍ରୁଟି ଥିବା ମାନିଲା ସିବିଏସ୍‌ଇ

ନୂଆଦିଲ୍ଲୀ, ୩୧/୫(ନ୍ୟୁ.ଏ): ଅନ୍‌ଲାଇନ ମାର୍କିଂ (ଓଏସ୍‌ଏମ୍)କୁ ନେଇ ବିବାଦ ଚାଲିଥିବାବେଳେ କେନ୍ଦ୍ରୀୟ ମାଧ୍ୟମିକ ଶିକ୍ଷା ବୋର୍ଡ (ସିବିଏସ୍‌ଇ) ଶେଷରେ ନିରବତା ଭାଙ୍ଗିଛି । ଏଲ୍‌ରେ ଏକ ବୟାନରେ ବୋର୍ଡ କହିଛି ଯେ, ବୁଝାଥର ହାଲ୍ ଦେବା ପରେ ସେମାନେ ଏହାର ସେବା ପ୍ରଦାନକାରୀଙ୍କ ଓଏସ୍‌ଏମ୍ ପୋର୍ଟାଲରେ ବିଚ୍ଛୁଟ ହୋଇଥିବା ଦୁର୍ବଳତା ଉପରେ ତୀକ୍ଷ୍ଣ ନଜର ରଖିଛନ୍ତି । ସିବିଏସ୍‌ଇ ଏକ ସରକାରୀ ବିବୃତିରେ କହିଛି ଯେ, ବିଜିନ୍ସ ସରକାରୀ ଏଜେନ୍ସି ଓ ଲାଣ୍ଡିଆନ୍ ଲାଙ୍ଗୁଏଜ୍ ଅଫ୍ ଟେକ୍ନୋଲୋଜି (ଆଇଆଇଟି)ର ସାହାଯ୍ୟର ସୁରକ୍ଷା ପ୍ରଫେସନାଲମାନଙ୍କର ଏକ ବିଶେଷଜ୍ଞ ଦଳ ଗତ କିଛିଦିନ ଧରି ସିଷ୍ଟମ୍‌ର ସୁରକ୍ଷା ଭିତ୍ତିଭୂମିକୁ ମଜବୁତ କରିବା ପାଇଁ କାର୍ଯ୍ୟ କରୁଛନ୍ତି । ବୋର୍ଡ ଅନୁଯାୟୀ, ଚିହ୍ନଟ ହୋଇଥିବା ଦୁର୍ବଳତାକୁ ଏଡ଼ାଇବା ପାଇଁ ଉଦ୍ୟମ ଚାଲିଛି । ପୋର୍ଟାଲକୁ ଅଧିକ ସୁରକ୍ଷିତ ସେଟ୍‌ଅପ୍‌କୁ ସ୍ଥାନାନ୍ତର କରାଯାଉଛି । ବୋର୍ଡ ସଚେତନ ନାଗରିକ ଓ ମେଡିକେଲ ବ୍ୟାକଲଗମାନଙ୍କୁ ଧନ୍ୟବାଦ ଦେଇଛି ଯେଉଁମାନେ ସମ୍ଭାବ୍ୟ ସୁରକ୍ଷା ସମସ୍ୟା ଉପରେ ଏହାର ଦୃଷ୍ଟି ଆକର୍ଷଣ କରିଛନ୍ତି । ସିବିଏସ୍‌ଇ କହିଛି ଯେ ଏହା ଏହି ଜଟିଳତାଗୁଡ଼ିକ ସମ୍ବନ୍ଧରେ କେତେକଙ୍କ ସହ ସିଧାସଳଖ ଯୋଗାଯୋଗ କରିଥାଇଛି ଏବଂ ସିଷ୍ଟମ୍‌ର ସୁରକ୍ଷାରେ ଉନ୍ନତି ଆଣିବାରେ ସେମାନଙ୍କର ଭୂମିକାକୁ ପ୍ରଶଂସା କରିଛି ।

ତୃଣମୂଳ କଂଗ୍ରେସ ସାଂସଦ କଲ୍ୟାଣ ବାନାର୍ଜୀଙ୍କୁ ଆକ୍ରମଣ, ଫାଟିଗଲା ମୁଣ୍ଡ

ନୂଆଦିଲ୍ଲୀ, ୩୧/୫(ନ୍ୟୁ.ଏ): ଗତକାଲି ତୃଣମୂଳ କଂଗ୍ରେସର ସାଂସଦ ତଥା ପୂର୍ବତନ ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀଙ୍କ ପୁତୁରା ଅଭିଷେକ ବାନାର୍ଜୀଙ୍କ ଉପରେ ଆକ୍ରମଣ ହୋଇଥିବା ବେଳେ ଆଜି ଦକର ଆଉ ଜଣେ ସାଂସଦଙ୍କ ଉପରେ ହୋଇଛି ଆକ୍ରମଣ । ତାଙ୍କ ନାଁ କଲ୍ୟାଣ ବାନାର୍ଜୀ । ତାଙ୍କ ମୁଣ୍ଡରେ ଆଘାତ

ଲାଗିଛି । ହୁଗଲୀ ଜିଲ୍ଲା ଚଣ୍ଡିତଳା ଆମ୍ବା ସମ୍ମୁଖରେ ଏହି ଘଟଣା ଘଟିଛି । ଏହି ଅଂଚଳଟି କଲ୍ୟାଣ ବାନାର୍ଜୀଙ୍କ ନିର୍ବାଚନ ମଣ୍ଡଳୀ ଶ୍ରୀରାମପୁର ଅଧୀନରେ ଥିବା ବେଳେ ଏଠାରେ ନିର୍ବାଚନ ପରେ ଘଟିଥିବା ହିଂସା ନେଇ ଏକ ସ୍ମାରକପତ୍ର ଦେବାକୁ ସେ ଥାନାକୁ ଯାଇଥିଲେ । ସେହି ସମୟରେ କିଛି ଲୋକ ତାଙ୍କ ବିରୋଧରେ ନାରା ଦେଇଥିଲେ ଓ ତାଙ୍କ ବାଟ ଓଜାଡ଼ିବାକୁ ପ୍ରୟାସ କରିଥିଲେ । ତେବେ ପୁଲିସ ସେମାନଙ୍କୁ ବାଧା ଦେଇଥିଲା । ସେହି ଠେଲାପେଲା ଭିତରେ ସାଂସଦ କଲ୍ୟାଣ ବାନାର୍ଜୀ ଚାଲି ଚାଲି ଏକ ଗୁଳୁକୁ ଅତିକ୍ରମ କରୁଥିବା ବେଳେ ଜଣେ ପଛପଟୁ ତାଙ୍କ ମୁଣ୍ଡକୁ ଆଘାତ ଦେଇଥିଲେ । ଏହା ପରେ ସେ ରାସ୍ତା ଉପରେ ଶୋଇପଡ଼ିଥିଲେ । ସାଂସଦ ଶ୍ରୀ ବାନାର୍ଜୀଙ୍କ ଉପରେ ଆକ୍ରମଣ ପରେ ଦଳୀୟ କର୍ମକର୍ତ୍ତାମାନେ ଚଣ୍ଡିତଳା ଆମ୍ବା ସମ୍ମୁଖରେ ଏକତ୍ର ହୋଇ ଧାରଣାରେ ବସିଥିଲେ ଓ ନାରା ଦେଇଥିଲେ । ଏହି ଘଟଣା ପରେ ସାଂସଦ ଶ୍ରୀ ବାନାର୍ଜୀ ଉଶମାଧ୍ୟମକୁ କହିଥିଲେ, ମୁଁ ଏଠାକୁ ଏକୁଟିଆ ଆସିଥିଲି । ମୋ ସହିତ କେହି ନଥିଲେ । କିଛିଦିନ କର୍ମୀମାନେ ମୋତେ ଅଶ୍ଳୀଳ ଭାଷାରେ ଗାଳିଗୁଲଜ କରିଥିଲେ । ସେମାନେ ଏକ ଜ୍ରିକେଟ୍ ବଲ୍‌ରେ ମୋ ମୁଣ୍ଡକୁ ଆଘାତ ଦେଇଥିଲେ । ମୋ ମୁଣ୍ଡରୁ ରକ୍ତ ବାହାରିଥିଲା । ଏବେ ସାଂସଦମାନଙ୍କୁ ଆକ୍ରମଣ କରାଯାଇଥିବା ବେଳେ ଲୋକେ ନିଶ୍ଚିତ ନିଅନ୍ତୁ ଯେ ଏହା ଠିକ୍ ନା ଭୁଲ । ଗତକାଲି ତୃଣମୂଳ କଂଗ୍ରେସର ଜାତୀୟ ସାଧାରଣ ସଂପାଦକ ତଥା ସାଂସଦ ଅଭିଷେକ ବାନାର୍ଜୀ ଦକ୍ଷିଣ ୨୪ ପରଗଣା ଜିଲ୍ଲାର ସୋନାରପୁର ଗସ୍ତରେ ଯାଇଥିବା ବେଳେ ବିଶୋଭାକାରୀମାନେ ତାଙ୍କ ଉପରକୁ ଆକ୍ରମଣ କରିଥିଲେ । ତାଙ୍କ ଉପରକୁ ଅଣ୍ଡା ଓ ପଥର ମାଡ଼ କରାଯାଇଥିଲା । ତା'ସହିତ ତାଙ୍କ ସହିତ ମାରପିଟ କରାଯାଇଥିଲା । ଆକ୍ରମଣକାରୀମାନେ ସାଧାରଣ ଲୋକ ନଥିଲେ, ସେମାନେ ବିଜେପି କର୍ମୀ ଥିଲେ ବୋଲି ତୃଣମୂଳ କଂଗ୍ରେସ ଅଭିଯୋଗ କରିଥିଲା । ସେହିପରି ଅଭିଷେକ ବାନାର୍ଜୀ କହିଥିଲେ ଯେ ଏହର ବିଜେପି ପ୍ରୟୋଜିତ ଥିଲା । ସୂଚନାଯୋଗ୍ୟ, ନିର୍ବାଚନ ପରବର୍ତ୍ତୀ ହିଂସାରେ ପ୍ରାଣହାନି ହୋଇଥିବା ଲୋକଙ୍କୁ ଭେଟିବାକୁ ଅଭିଷେକ ସୋନାରପୁର ଯାଇଥିବା ବେଳେ ଏହି ଘଟଣା ଘଟିଥିଲା ।

ଖୁବ୍‌ଶୀଘ୍ର ତୁଟିବ ମହାନଦୀ ଜଳ କଳି

ନୂଆଦିଲ୍ଲୀ, ୩୧/୫ (ଆ.ପ୍ର) : ମହାନଦୀ ଜଳ ବିବାଦ ନେଇ ଓଡ଼ିଶା ଓ ଛତିଶଗଡ଼ ମଧ୍ୟରେ ସମ୍ପର୍କ ବୃଦ୍ଧି ପାଇବାରେ ଲାଗିଛି । ଦୁଇ ରାଜ୍ୟ ମହାନଦୀ ଟ୍ରିବ୍ୟୁନାଲଙ୍କ ନିକଟରେ ଦାଖଲ କରିଥିବା ୧୫ଟି ପ୍ରସଙ୍ଗ ମଧ୍ୟରୁ ୧୨ଟିରେ ମତଭେଦ ଦୂର କରିପାରିଛନ୍ତି । ଶନିବାର ଶୁଣାଣି ବେଳେ ସେମାନେ ଏହା ମହାନଦୀ ଟ୍ରିବ୍ୟୁନାଲଙ୍କୁ ଅବଗତ କରାଇଛନ୍ତି । ଫଳରେ ବର୍ଷ ବର୍ଷ ଧରି ପଡ଼ିରହିଥିବା ଏହି ବିବାଦ ଆପୋଷ ସମାଧାନ ଆଡକୁ ଗତିକରୁଥିବା ଦେଖିବାକୁ ମିଳିଛି । ମହାନଦୀ ଜଳ ବିବାଦ ଟ୍ରିବ୍ୟୁନାଲର ଅଧ୍ୟକ୍ଷ ଦେଇ ଏନ୍ ଟ୍ରିବେଦି ଓ ଅନ୍ୟ ଦୁଇ ଜଣ ସଦସ୍ୟଙ୍କ ନିକଟରେ ଶୁଣାଣି ସମୟରେ ଓଡ଼ିଶାର ଆଡଭୋକେଟ ଜେନେରାଲ (ଏଜି) ପିତାମ୍ବର ଆଚାର୍ଯ୍ୟ ଓ ଛତିଶଗଡ଼ ସରକାରଙ୍କ ଏଜି ବିବେକ ଶର୍ମା କହିଥିଲେ ଯେ, ଦୁଇ ରାଜ୍ୟଙ୍କ ବିଜିନ୍ସ ଟିମ୍ ମଧ୍ୟରେ କଥାବାର୍ତ୍ତା ଚାଲିଛି । ଅବଶିଷ୍ଟ ପ୍ରସଙ୍ଗରେ ଜିଲାଭି ସହମତି ପ୍ରକାଶ ପାଇବ ତାର ରାସ୍ତା ବାହାର କରିବାକୁ ଟ୍ରିବ୍ୟୁନାଲ୍ ପରାମର୍ଶ ଦେଇଥିଲେ । ଏହାପରେ ଶୁଣାଣି ଜୁନ୍ ୬ରେ କରିବାକୁ ଧାର୍ଯ୍ୟ ହୋଇଥିଲା । ଶନିବାର ଶୁଣାଣି ଶେଷ ପରେ ଓଡ଼ିଶା ଏଜି ପିତାମ୍ବର ଆଚାର୍ଯ୍ୟ ଗଣମାଧ୍ୟମକୁ କହିଥିଲେ ଯେ, ପୂର୍ବରୁ ଶୁଣାଣି ପାଇଁ ଲାୟାଲାୟ ତାରିଖ ମିଳୁଥିଲା । ଏବେ ପାଖାପାଖି ତାରିଖ ମିଳୁଥିବାରୁ ଏହି ବିବାଦ ସମାଧାନ ଆଡକୁ ଗତିକରୁଥିବା ଅନୁଭବ କରାଯାଉଛି । ଉତ୍ତର ରାଜ୍ୟ ଆପୋଷ ଆଲୋଚନା ପାଇଁ ରାଜି ହେବାରୁ ଜଟିଳ ବିବାଦୀୟ ପ୍ରସଙ୍ଗର ସମାଧାନ କରାଯାଇପାରୁଛି । ମୁଁ ଆଶାବାଦୀ ଯେ, ମହାନଦୀ ଜଳ ବିବାଦର ଖୁବ୍‌ଶୀଘ୍ର ସମାଧାନ ହେବ ।

ଘୁଂଚିଲା ସରକାରୀ କର୍ମଚାରୀଙ୍କ କାର୍ଯ୍ୟଦକ୍ଷତା ମୂଲ୍ୟାୟନ ରିପୋର୍ଟ ଦାଖଲ ସମୟ

ଭୁବନେଶ୍ୱର, ୩୧/୫ (ଆ.ପ୍ର) : ରାଜ୍ୟରେ ଥିବା ବିଭିନ୍ନ ବିଭାଗର ସରକାରୀ କର୍ମଚାରୀ ଓ ଅଧିକାରୀଙ୍କୁ କେତେ କାମ କରୁଛନ୍ତି, ତାହାର କଡ଼ା ଗଣ୍ଡା ହିସାବ ଦେବାକୁ ପଡ଼ିବ । ବିଭାଗୀୟ ଅଧିକାରୀ କର୍ମଚାରୀଙ୍କ କାମ ବାବଦରେ ରିପୋର୍ଟ ଦେବା ପୂର୍ବରୁ ନିଜେ କର୍ମଚାରୀ ସ୍ୱ-କାର୍ଯ୍ୟଦକ୍ଷତା ରିପୋର୍ଟ ବା ସେଲ୍ଫ ଆପ୍ରାଇଜାଲ୍ ରିପୋର୍ଟ ଦାଖଲ କରିବେ । ଏ ନେଇ ମେ ୩୧ ତାରିଖ ଶେଷ ଦିବସ ଥିବା ବେଳେ ଏବେ ଏହାକୁ ଜୁନ ୩୦ ପର୍ଯ୍ୟନ୍ତ ବୃଦ୍ଧି କରାଯାଇଛି । ରାଜ୍ୟ ସାଧାରଣ ପ୍ରଶାସନ ଓ ଜନ ଅଭିଯୋଗ ବିଭାଗ ପକ୍ଷରୁ ଏ ନେଇ ସମସ୍ତ ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ, ପ୍ରମୁଖ ସଚିବ, ସଚିବ ଓ ସ୍ୱତନ୍ତ୍ର ସଚିବଙ୍କୁ ସୂଚିତ କରାଯାଇଛି । ସରକାରୀ କର୍ମଚାରୀମାନଙ୍କୁ ଅନଲାଇନ୍‌ରେ ସେଲ୍ଫ ଆପ୍ରାଇଜାଲ୍ ରିପୋର୍ଟ ଦାଖଲ କରିବାକୁ ପଡ଼ିବ । ସେହିପରି ଅଗଷ୍ଟ ୩୧ ତାରିଖ ସୁଦ୍ଧା କର୍ମଚାରୀ ବେଭାଗ୍‌ର ସ୍ୱ-କାର୍ଯ୍ୟଦକ୍ଷତା ରିପୋର୍ଟ ଉପରେ ମନ୍ତବ୍ୟ ଦେବେ ତାଙ୍କର ରିପୋର୍ଟିଂ ଅଥରିଟି । କର୍ମଚାରୀ ଠିକ ଲେଖୁଛନ୍ତି କି ନାହିଁ, ସେ ନେଇ ମତ ଉଣ୍ଡେବେ । ଅକ୍ଟୋବର ୩୧ ତାରିଖ ସୁଦ୍ଧା ମନ୍ତବ୍ୟ ଦେବେ ସମୀକ୍ଷା କରୁଥିବା ଅଧିକାରୀ ବା ସମୀକ୍ଷକ । ଡିସେମ୍ବର ୩୧ ତାରିଖ ସୁଦ୍ଧା ଚୂଡ଼ାନ୍ତ ଅଧିକାରୀ ମତ ଦେବେ । ଏ ନେଇ ରାଜ୍ୟ ସାଧାରଣ ପ୍ରଶାସନ ଓ ଜନ ଅଭିଯୋଗ ବିଭାଗ ପକ୍ଷରୁ ନିର୍ଦ୍ଧାରିତ ତାରିଖ ପୂର୍ବରୁ ରିପୋର୍ଟ ଦାଖଲ କରିବାକୁ ପରାମର୍ଶ ଦିଆଯାଇଛି । ଜୁନ ୩୦ ପୂର୍ବରୁ ସ୍ୱ-କାର୍ଯ୍ୟଦକ୍ଷତା ରିପୋର୍ଟ ଅନଲାଇନରେ ଖୋଲି କରିବାକୁ ରାଜ୍ୟ ସାଧାରଣ ପ୍ରଶାସନ ଓ ଜନ ଅଭିଯୋଗ ବିଭାଗର ସ୍ୱତନ୍ତ୍ର ସଚିବ ଘାଶିରାମ ମୁମୁ ଓ ରାଜ୍ୟର ସମସ୍ତ ବିଭାଗୀୟ ମୁଖ୍ୟଙ୍କୁ ଚିଠି ଲେଖିଛନ୍ତି ।

ରାଜ୍ୟପାଳଙ୍କ ଏଡିସି ଭାବେ ନିଯୁକ୍ତ ହେଲେ ଆଇପିଏସ୍ ଅନନ୍ୟା ଅଗ୍ନିସ୍ତି

ଭୁବନେଶ୍ୱର, ୩୧/୫ (ଆ.ପ୍ର) : ଓଡ଼ିଶାର ମାନ୍ୟବର ରାଜ୍ୟପାଳ ଡ. ହରି ବାବୁ କମ୍ଭମପାଟି ଆଇପିଏସ୍ ଅଧିକାରୀ ଅନନ୍ୟା ଅଗ୍ନିସ୍ତିଙ୍କୁ ରାଜ୍ୟପାଳଙ୍କ ଏଡିସି (ପୋଲିସ) ଭାବେ ନିଯୁକ୍ତି ଦେଇଛନ୍ତି ଓ ଅନନ୍ୟା ଅଗ୍ନିସ୍ତି ଓଡ଼ିଶା ରାଜ୍ୟପାଳଙ୍କ ସମ୍ମାନଜନକ ଏଡିସି ପଦବୀରେ ନିଯୁକ୍ତ ହେବାରେ ପ୍ରଥମ ମହିଳା ଆଇପିଏସ୍ ଅଧିକାରୀ । ରବିବାର ଲୋକଭବନରେ ଏକ ଆନୁଷ୍ଠାନିକ କାର୍ଯ୍ୟକ୍ରମରେ ରାଜ୍ୟପାଳ ଅନନ୍ୟା ଅଗ୍ନିସ୍ତିଙ୍କୁ ନୂତନ ପୋଲିସ ଏଡିସି ଭାବରେ ସ୍ୱାଗତ କରିଥିଲେ । ଏହି ଅବସରରେ ରାଜ୍ୟପାଳଙ୍କ ସଚିବାଳୟର ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ଥିଲେ । ଏହି ନିଯୁକ୍ତି ପୂର୍ବରୁ, ଅନନ୍ୟା ଅଗ୍ନିସ୍ତି

କଟକର ଯୁପିଡିର ଅତିରିକ୍ତ ପୋଲିସ କମିଶନର (ଏଡିସି) ଭାବରେ କାର୍ଯ୍ୟରତ ଥିଲେ । ଓଡ଼ିଶାର ରାଜ୍ୟପାଳଙ୍କ ଏଡିସି ଭାବରେ କାର୍ଯ୍ୟ କରିବାରେ ପ୍ରଥମ ମହିଳା ଭାବରେ ତାଙ୍କର ନିଯୁକ୍ତି ସାର୍ବଜନୀନ ସେବାରେ ମହିଳାମାନଙ୍କ ପାଇଁ ଏକ ଗୁରୁତ୍ୱପୂର୍ଣ୍ଣ ମାଇଲଖୁଣ୍ଟ । ଅନନ୍ୟା ଅଗ୍ନିସ୍ତି ଆଇପିଏସ୍ ଅଧିକାରୀ ବୁଦ୍ଧଦୀପ ମୀନାଙ୍କ ସ୍ଥାନରେ ନିଯୁକ୍ତ ହୋଇଛନ୍ତି । ରାଜ୍ୟପାଳଙ୍କ ବିଜିନ୍ସ ସରକାରୀ କାର୍ଯ୍ୟ, ଆନୁଷ୍ଠାନିକ ସମାରୋହ ଏବଂ ଅନ୍ୟାନ୍ୟ ପ୍ରୋଟୋକଲ-ସମ୍ବନ୍ଧୀୟ କର୍ତ୍ତବ୍ୟ ନିର୍ବାହ ସମୟରେ ରାଜ୍ୟପାଳଙ୍କୁ ସହାୟତା କରିବାରେ ଏଡିସି ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରନ୍ତି । ଦୁଇ ଜଣ ଏଡିସିଙ୍କ ମଧ୍ୟରେ ଜଣେ ରାଜ୍ୟର ନୌସେନାର ଏବଂ ଅନ୍ୟ ଜଣେ ପୋଲିସ ଅଧିକାରୀ ଅଟନ୍ତି । ଅନନ୍ୟା ଅଗ୍ନିସ୍ତି ପୋଲିସ ଏଡିସି ଭାବରେ କାର୍ଯ୍ୟ କରିବେ ଏବଂ ରାଜ୍ୟର ନୌସେନାର ଲେଫ୍‌ଟନାଣ୍ଟ ହର୍ଷିତ ଦେଓ ରାଜ୍ୟପାଳଙ୍କ ନୌସେନା ଏଡିସି ଭାବରେ କାର୍ଯ୍ୟରତ ଅଛନ୍ତି ।

୧୫ ଦିନ ମଧ୍ୟରେ ଭତା ସମସ୍ୟାର ହେବ ସମାଧାନ

ଭୁବନେଶ୍ୱର, ୩୧/୫ (ଆ.ପ୍ର) : ୧୫ ଦିନ ଭିତରେ ଭତା ସମସ୍ୟାର ହେବ ସମାଧାନ । ନୂଆ ସମ୍ପୃଚ୍ଛୟାର ପାଇଁ ଦୁଇ ମାସ ଧରି ଭତା ଦେବାରେ ବ୍ୟତିକ୍ରମ ଦେଖାଯାଉଛି । ଯେଉଁମାନେ କ୍ୟାସ ଆକାଉଣ୍ଟରେ ଭତା ପାଉଥିଲେ ସେମାନଙ୍କର କିଛି ସମସ୍ୟା ସୃଷ୍ଟି ହୋଇନାହିଁ । ଯେଉଁମାନଙ୍କ ଅନଲାଇନ ଆକାଉଣ୍ଟରେ ଭତା ଯାଉଛି, ସେମାନଙ୍କ କ୍ଷେତ୍ରରେ ସମସ୍ୟା ଦେଖାଦେଇଛି, କେନ୍ଦ୍ର ସରକାର ପକ୍ଷରୁ ନୂଆ ଚରି ସମ୍ପୃଚ୍ଛୟାର ଡେଲଭପ କାମ ଚାଲିଛି । ସେଥିପାଇଁ ସମସ୍ୟା ହୋଇଛି । ଆଉ ୧୫ ଦିନ ଭିତରେ ସମସ୍ୟାର ସମାଧାନ ହେବ ବୋଲି କହିଛନ୍ତି ରାଜ୍ୟସଭା ସାଂସଦ ତଥା ରାଜ୍ୟ ବିଜେପି ସଭାପତି ମନମୋହନ ସାମଲ । କେନ୍ଦ୍ର ଓ ରାଜ୍ୟ ସୁଷୁ ଭାବେ ଭତା ଦେବା ପାଇଁ ବ୍ୟବସ୍ଥା କରୁଛନ୍ତି । ନୂଆ ସମ୍ପୃଚ୍ଛୟାର ପାଇଁ ଦୁଇ ମାସ ଧରି ଭତା ଦେବାରେ ବ୍ୟତିକ୍ରମ ଦେଖାଯାଉଛି । ଯେଉଁମାନେ ପାଇନାହାନ୍ତି ଏକଲାକାନ ପାଇବେ ।

ଗ୍ରାମାଂଚଳରେ ତମାଖୁ ସେବନ ବୃଦ୍ଧି

ଭୁବନେଶ୍ୱର, ୩୧/୫ (ଆ.ପ୍ର) : ବିଡ଼ି ହେଉ କି ସିଗାରେଟ, ଗୁଟ୍ଖା ହେଉ କି ଅନ୍ୟ ତମାଖୁଜାତୀୟ ଦ୍ରବ୍ୟ । ମଣିଷ ହେଉରୁ କାହେଁ ଛଡ଼ାଇ ନେଉଛି । ମାରାତ୍ମକ କ୍ୟାନସର ରୋଗୀ ବଢ଼ାଇ ସଂଖ୍ୟା ଭୟାବହ ହେଉଛି । ତଥ୍ୟ କହୁଛି, ତମାଖୁ ସେବନ ଦ୍ୱାରା ପ୍ରତିବର୍ଷ ଆମ ଦେଶରେ ୧୩ ଲକ୍ଷରୁ ଅଧିକ ଜୀବନ ନେଉଛି କ୍ୟାନସର । ଉପରେଥର କଥା ହେଉଛି, ଆମ ରାଜ୍

ଆରମ୍ଭ
SEITHO ARAMBHA
ସୋମବାର, ୧ ଜୁନ୍, ୨୦୨୬ : ବାଲେଶ୍ୱର : ପୃଷ୍ଠା -୨

କାହା ମନରେ ସନ୍ତାପ ନ ଦେବା ହେଉଛି ଅହିଂସା - ମହାତ୍ମା ଗାନ୍ଧୀ

ପ୍ରକଳ୍ପ ଅଧିକାରର ନୂତନ ପଂଚାୟତ ପ୍ରସାରଣ ଉତ୍ସବ

ଦଶପଲ୍ଲୀ, ୩୧/୦୫ (ଆ.ପ୍ର) : ଲେଡ୍ର ଓ ରାଜ୍ୟ ସରକାରଙ୍କ ଦ୍ୱାରା କାର୍ଯ୍ୟକାରୀ ହେଉଥିବା ଜନ ମଙ୍ଗଳ ଯୋଜନା ବିଷୟରେ ବଂଚିତ ଗରିବ ଆଦିମ ଅଧିବାସୀଙ୍କୁ ସଚେତନ କରିବା ଲକ୍ଷ୍ୟ ନେଇ ବିଗତ ଦୁଇ ବର୍ଷ ହେଲା ଦଶପଲ୍ଲୀ ବ୍ଲକର ବଣଟି ଗ୍ରାମ ପଂଚାୟତର ପ୍ରକଳ୍ପ ଅଧିକାର ଉଲ୍ଲେଖନୀୟ ସଫଳତା ହାସଲ କରିବାରେ ସମର୍ଥ ହୋଇଛି । ଏହାର ସଫଳତା ଓ ହିତାଧିକାରୀଙ୍କ ଆବଶ୍ୟକତାକୁ ବିଚାର କରି ବଚିତ ବର୍ଷ ଆଉ ପାଂଚୋଟି ପଞ୍ଚୁଆ ଗ୍ରାମ ପଂଚାୟତକୁ ପ୍ରକଳ୍ପ ଅଧିକାରର କାର୍ଯ୍ୟକ୍ରମ ବ୍ୟାପକ କରାଯାଇଛି । ଅବହେଳିତ, ଆଦିବାସୀ ବହୁଳ, ପଞ୍ଚୁଆ, ଗୁରୁଡ଼ିପଡ଼ା ଗ୍ରାମ ପଂଚାୟତର ସଫଳତା ଦେଖି ବହୁ ସାଙ୍କୁଙ୍କ ପୌରାହିତ୍ୟରେ, ଅବସରପ୍ରାପ୍ତ ପଂଚାୟତ ଅଧିକାରୀ ଓ ସମିତି ସଭ୍ୟାଙ୍କ ଉପସ୍ଥିତିରେ ପ୍ରକଳ୍ପ ଅଧିକାରର ପଂଚାୟତ ପ୍ରସାରଣ ଆଲୋଚନା ଚକ୍ର ସମ୍ପନ୍ନ ପଂଚାୟତ ସଭା ଗୃହରେ ରବିବାର ଦିନ ଅନୁଷ୍ଠିତ ହେଇଯାଇଛି । ସିଆରପି ଲକ୍ଷାଣ୍ଡୀ ପ୍ରଧାନ ଓ ସୁଜାତା ସାହୁଙ୍କ ସମେତ ଏମଡିଏଲ, ଅଙ୍ଗନୱାଡ଼ି କର୍ମୀ, ଆଶାକର୍ମୀ, ପ୍ରଣୀ ମିତ୍ର, କୃଷି ମିତ୍ରଙ୍କ ସହିତ ମଣିନା ଘୋଷାର ସଦସ୍ୟା ତଥା ଗ୍ରାମ ମୁଖ୍ୟ ଇତ୍ୟାଦି ଏ କର୍ମଶାଳରେ ସକ୍ରିୟ ଅଂଶ ଗ୍ରହଣ କରି ପ୍ରକଳ୍ପ ଅଧିକାର କାର୍ଯ୍ୟକ୍ରମ, ଲକ୍ଷ୍ୟ, ଉଦ୍ଦେଶ୍ୟ ଓ ପାଇଥିବା ସଫଳତାକୁ ପ୍ରଶଂସା କରିଥିଲେ ଏବଂ ଗାଁ ଗାଁରେ ଅଧିକାର ମିତ୍ରଙ୍କୁ ସମ୍ପୂର୍ଣ୍ଣ ସହଯୋଗ କରିବା ପାଇଁ ନିଜ ନିଜର ମତାମତ ରଖିଥିଲେ । ଅଧିକାର ମିତ୍ର ପ୍ରଦୀପ କୁମାର ସାହୁ କର୍ମଶାଳାକୁ ଆୟୋଜନ କରିଥିବା ବେଳେ ଅଧିକାର ମିତ୍ର ଓ ସରୋଜିନୀ ମଣିକ ଓ ମନୋରଞ୍ଜନ ସ୍ୱାଇଁ ଅତିଛାଡ଼ା, ସଫଳତା ଓ କାର୍ଯ୍ୟଧାରା ବିଷୟରେ ବୁଝାଇଥିଲେ । ପ୍ରକଳ୍ପ ପରିଚାଳକ ପ୍ରଭାତ କୁମାର ସାହୁ ପ୍ରକଳ୍ପ ଅଧିକାରର ଲକ୍ଷ୍ୟ, ଉଦ୍ଦେଶ୍ୟ, ଏହାର ଆବଶ୍ୟକତା ଓ ମିଳିଥିବା ସଫଳତାର ସମ୍ପୂର୍ଣ୍ଣ ତଥ୍ୟ ଉପସ୍ଥାପନ କରିଥିବାବେଳେ ସଫଳତ୍ର ଶ୍ରୀ ସାହୁ ଏ ପ୍ରକଳ୍ପ ସାଧୁ ଉଦ୍ୟମକୁ ସୁଗୁଡ଼ିପଡ଼ା ଗ୍ରାମ ତରଫରୁ ପ୍ରତିଟି କ୍ଷେତ୍ରରେ ସମ୍ପୂର୍ଣ୍ଣ ସହଯୋଗ କରାଯିବାବୋଲି ନିଜ ବକ୍ତବ୍ୟରେ କହିଥିଲେ ଏବଂ ଶେଷରେ ସମସ୍ତ ଅଧିକାର ମିତ୍ର, ଉପସ୍ଥିତ ପଂଚାୟତ ପ୍ରତିନିଧି ଓ ପାଂଚୟତ ଅଧିକାରୀଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ ।

କେସିଙ୍ଗା ରେଳ ଷ୍ଟେସନରେ ଚଳନ୍ତା କୋଇଲା ବୋଝେଇ ଟ୍ରେନରେ ନିଆଁ

ଭବାନୀପାଟଣା, ୩୧/୦୫ (ଆ.ପ୍ର) : କଳାହାଣ୍ଡି ଜିଲ୍ଲା କେସିଙ୍ଗା ରେଳ ଷ୍ଟେସନ ନିକଟରେ ଶୁକ୍ରବାର ସନ୍ଧ୍ୟାରେ ଏକ ବଡ଼ଧରଣର ଅଘଟଣ ଘଟିଯାଇଛି । ରାୟଗଡ଼ାରୁ ଟିଟିଲାଗଡ଼ ଅଭିମୁଖେ ଯାଉଥିବା ଏକ କୋଇଲା ବୋଝେଇ ମାଲଗାଡ଼ିରେ ହଠାତ୍ ନିଆଁ ଲାଗିଯାଇଥିବା ଦେଖିବାକୁ ମିଳିଛି । ସୂତ୍ରଟା ଅନୁସାରେ, ମାଲଗାଡ଼ିଟି କେସିଙ୍ଗା ଷ୍ଟେସନ ଅତିକ୍ରମ କରୁଥିବା ସମୟରେ ଏହାର ସମ୍ମୁଖ ଭାଗର କେତେକ ବଗିରେ ଥିବା କୋଇଲାରେ ନିଆଁ ଜଳୁଥିବା ସ୍ଥାନୀୟ ଲୋକେ ଦେଖିଥିଲେ । ଚଳନ୍ତା ଟ୍ରେନରୁ କୋଇଲା ଜଳି ଧୂଆଁ ବାହାରୁଥିବାର ଏକ ଦୃଶ୍ୟ ସେଠାରେ ଉପସ୍ଥିତ ଥିବା କିଛି ପ୍ରତ୍ୟକ୍ଷଦର୍ଶୀ ନିଜ ମୋବାଇଲରେ କାଏଦ କରିଥିଲେ, ଯାହାକି ବର୍ତମାନ ସୋଷିଆଲ ମିଡିଆରେ ଖୁବ୍ ଭାଇରାଲ ହେବାରେ ଲାଗିଛି । ଅବଶ୍ୟତେ, କୋଇଲା ବୋଝେଇ ଟ୍ରେନରେ ନିଆଁ ଲାଗିଥିବା ସତ୍ୟତାକୁ କେସିଙ୍ଗା ଷ୍ଟେସନ କର୍ତ୍ତୃପକ୍ଷ ସ୍ୱୀକାର କରିଛନ୍ତି । ମାତ୍ର ଏହି ଟ୍ରେନଟି ପ୍ରକୃତରେ କେଉଁଠାରୁ ଆସି କେଉଁ ସ୍ଥାନକୁ ଯାଉଥିଲା ଏବଂ ଏହି ଅଗ୍ନିକାଣ୍ଡ ଯୋଗୁଁ କେତେ ପରିମାଣର କୋଇଲା ନଷ୍ଟ ହୋଇଛି, ସେ ସମ୍ପର୍କରେ ରେଳବାଇ କର୍ତ୍ତୃପକ୍ଷ ଉପମାଧ୍ୟମ ଆଗରେ କୌଣସି ସ୍ପଷ୍ଟ ସୂଚନା ଦେଇନାହାନ୍ତି । ନିଆଁ ଲାଗିବାର ସଠିକ୍ କାରଣ ଏପର୍ଯ୍ୟନ୍ତ ଜଣାପଡ଼ିନାହିଁ ।

ପ୍ରଧାନ ଶିକ୍ଷକ ଚିତରଞ୍ଜନ ସେନାପତିଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା ଉତ୍ସବ

ଧାମନଗର, ୩୧/୦୫ (ଆ.ପ୍ର) : ଧାମନଗର ବାଜିକା ଜଜ ବିଦ୍ୟାଳୟର ପ୍ରଧାନଶିକ୍ଷକ ଚିତରଞ୍ଜନ ସେନାପତିଙ୍କୁ ବିଦ୍ୟାଳୟ ଓ ଛାତ୍ରଛାତ୍ରୀ ପରିଚାଳନା କମିଟି ତରଫରୁ ୩୧/୦୫/୨୬ ତାରିଖରେ ଶେଷ ଦିନରେ ତାଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା ଦିଆଯାଇଛି । ଏହି ଅବସରରେ ବିଦ୍ୟାଳୟ ପରିସରରେ ସମ୍ବର୍ଦ୍ଧନା ସଭା ଅନୁଷ୍ଠିତ ହୋଇଥିଲା । ଭାରପ୍ରାପ୍ତ ପ୍ରଧାନ ଶିକ୍ଷୟିତ୍ରୀ ଅର୍ଚ୍ଚିତା ସାହୁଙ୍କ ସଭାପତିତ୍ୱ କରିଥିବା ବେଳେ ସହକାରୀ ଶିକ୍ଷକ ଆଲୋକ କୁମାର ଜେନା ସଭା ସଂଚାଳନ କରିଥିଲେ । ଆୟୋଜିତ ସମ୍ବର୍ଦ୍ଧନା ସଭାରେ ମୁଖ୍ୟ ଅତିଥି ଭାବେ ଧାମନଗର ବ୍ଲକ ଅତିରିକ୍ତ ଶିକ୍ଷାଧିକାରୀ ଭୀମସେନ ହୋ, ଅନ୍ୟତମ ବରେଣ୍ୟ ଅତିଥି ଭାବେ ଜେୟୁରେ ଜିଲ୍ଲା ଆଳନପୁର ବ୍ଲକ ଅତିରିକ୍ତ ଶିକ୍ଷାଧିକାରୀ ହେମେନ୍ଦ୍ର ନାଥ ମହାନ୍ତି, ମୁଖ୍ୟ ବକ୍ତା ଭାବେ ଅଧ୍ୟାପକ ଚିତରଞ୍ଜନ ଦାଶ, ସମ୍ମାନିତ ଅତିଥି ଭାବେ ଶିକ୍ଷା ବିତ୍ ମହେଶ୍ୱର ସ୍ୱାଇଁ, ସମ୍ମାନିତ ଅତିଥି ଭାବେ ଶିକ୍ଷା ବିତ୍ ଶଚୀକାନ୍ତ ପଣ୍ଡା, ପ୍ରଧାନ ଶିକ୍ଷକ ସୁରେନ୍ଦ୍ର କୁମାର ସେଠୀ, ମନୋଜ କୁମାର ସିଂହ, ପରିଚାଳନା କମିଟିର ସଭାପତି ସେକ କାଲୋ, ପୂର୍ବତନ ସଭାପତି ସେକ ଜାମଫ ଅଲ୍ଲୁ ପ୍ରମୁଖ ଯୋଗ ଦେଇ ଅବସର ଗ୍ରହଣ କରିଥିବା ବିତ ସାର ଜଣେ ଭଲ ଶିକ୍ଷକ ଥିଲେ ଏବଂ ଶିକ୍ଷାକୁଷ୍ଠାନ ପ୍ରତି ଭଲପାଇବା ପିଲାଙ୍କ ପାଠପଢା ଜନ୍ୟତି ଦିଗରେ ପଦକ୍ଷେପ ଗ୍ରହଣ କରୁଥିଲେ ଏବଂ ଶିକ୍ଷାଳଙ୍କ ଅବସର ବିଦ୍ୟାଳୟର ଅପୂର୍ବ କ୍ଷତି ଘଟିବ ବୋଲି ଅତିଥି ଏବଂ ଶିକ୍ଷକ ଶିକ୍ଷୟିତ୍ରୀ ନିଜ ନିଜର ବକ୍ତବ୍ୟ ପ୍ରଦାନ କରିଥିଲେ । ବିଦ୍ୟାଳୟ ତରଫରୁ ମାନପତ୍ର, ଉପଢୌକନ ଓ ପୁଷ୍ପଗୁଚ୍ଛ ପ୍ରଦାନ ପୂର୍ବକ ଅତିଥି ମାନଙ୍କ ଦ୍ୱାରା ଅବସରକାଳୀନ ସମ୍ବର୍ଦ୍ଧନା ଦିଆଯାଇଥିଲା । ଏହି କାର୍ଯ୍ୟକ୍ରମରେ ଛାତ୍ରଛାତ୍ରୀ, ସହକାରୀ ଶିକ୍ଷକ ଶିକ୍ଷୟିତ୍ରୀ, ପରିଚାଳନା କମିଟିର ଉପସଭାପତି ଓ ସଭ୍ୟ ସଭ୍ୟା, ଅରିଭାବକ, ଏଚ୍.ଏସନ୍ତୀ ଗ୍ରୁପର ମହିଳା ପ୍ରମୁଖ ଯୋଗ ଦେଇ ବିଦାୟ ସମ୍ବର୍ଦ୍ଧନା ଜଣାଇଥିଲେ । ସହକାରୀ ଜ୍ୟୋତି କ୍ଲିଷ୍ଟା ନାୟକ ମାନପତ୍ର ପଠନ କରିଥିବା ବେଳେ ଶେଷରେ ଶିକ୍ଷକ ଆଲୋକ କୁମାର ଜେନା ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ ।

ପାଇକ ଖଣ୍ଡାୟତ ସମାଜ ଗଠନ ପାଇଁ ସାଧାରଣ ବୈଠକ ଅନୁଷ୍ଠିତ

ବାଲିଗୁଡ଼ା, ୩୧/୦୫ (ଆ.ପ୍ର) : ଶ୍ରୀଜଗନ୍ନାଥ ପାଇକ ଖଣ୍ଡାୟତ କୁଳ ସମାଜ କନ୍ଧମାଳର ନିର୍ଦ୍ଦେଶ କ୍ରମେ କନ୍ଧମାଳ ଜିଲ୍ଲା ବାଲିଗୁଡ଼ାରେ କୁଳ ସମାଜ ଗଠନ ପାଇଁ ପ୍ରଥମ ବୈଠକ ସ୍ଥାନୀୟ ମଁ ଦରାଜ ସେବା ମନ୍ଦିର ପ୍ରାଙ୍ଗଣରେ ମୃତ୍ୟୁଞ୍ଜୟ ପ୍ରଧାନୀଙ୍କ ଆବାହନ କ୍ରମେ ଜିଲ୍ଲା ସମ୍ପାଦକ ଶ୍ରୀଳାନ୍ତ ବଳ ବେହେରାଙ୍କ ଉପସ୍ଥିତିରେ କୁଳ ସମାଜର ଆରମ୍ଭ ହେବତା ଶ୍ରୀ ଜଗନ୍ନାଥଙ୍କ ଫୋଟ ଚିତ୍ରରେ ଦୀପ ଧୂପ ପ୍ରଜ୍ୱଳନ ପୂର୍ବକ ପୁଷ୍ପ ମାଲ୍ୟାର୍ପଣ କରି ଅନୁଷ୍ଠାନିକ ଭାବେ ଶୁଭ ଉଦଘାଟନ କରିଥିଲେ । ବାଲିଗୁଡ଼ା ସହରର ଶତାଧିକ ପାଇକ ଖଣ୍ଡାୟତ ଭାଇଙ୍କ ଉପସ୍ଥିତିରେ ଆୟୋଜିତ ଉକ୍ତ ସଭାରେ ସମ୍ପାଦକ ଶ୍ରୀଳାନ୍ତ ବଳ ବେହେରା ନିଜ ବକ୍ତବ୍ୟରେ ସୁତଶକ୍ତିକୁ ସଂଘାତ ଶିକ୍ଷା, ଗାରୀ ଶିକ୍ଷା, ପାରିବାରିକ ସର୍ଭେ ସମ୍ବନ୍ଧରେ ଆଲୋଚନା କରି ବୁଝାଇଥିଲେ । ଆଗାମୀ ଜୁନ୍ ୧୦ ତାରିଖରେ ନୂତନ କମିଟି ଗଠନ ସହ କାର୍ଯ୍ୟକର୍ତା ଚୟନ ପ୍ରକ୍ରିୟା ଓ ଜୁନ ମାସ ଶେଷ ସପ୍ତାହରେ ବାରଖମାରେ ପାଇକ ଖଣ୍ଡାୟତର ଏକ ମହା ସମ୍ମିଳନୀ ଆୟୋଜନ କରାଯିବା ପାଇଁ ସ୍ଥିର କରାଯାଇଛି ।

ଅନ୍ତଃ ଜିଲ୍ଲା ମୁଖ୍ୟମନ୍ତ୍ରୀ କପ୍ ଫୁଟବଲ ଚମ୍ପିୟନସିପ ନବରଙ୍ଗପୁର ବାଳକ ଏବଂ ବାଳିକା ଦଳର ବ୍ରହ୍ମପୁର ଗସ୍ତ

ନବରଙ୍ଗପୁର, ୩୧/୦୫ (ଆ.ପ୍ର) : ବ୍ରହ୍ମପୁର ମହାତ୍ମାଗାନ୍ଧୀ ଷ୍ଟାଡିଅମ ଠାରେ ୦୧ ଜୁନ୍ ଠାରୁ ଅନୁଷ୍ଠିତ ହେବାକୁ ଥିବା ୧୪ ବର୍ଷରୁ କମ୍ ଆୟୁଷ ଜିଲ୍ଲା ମୁଖ୍ୟମନ୍ତ୍ରୀ କପ୍ ଫୁଟବଲ ଚମ୍ପିୟନସିପରେ ଭାଗ ନେବା ନିମନ୍ତେ ଉତ୍କଳ ନବରଙ୍ଗପୁର ଜିଲ୍ଲା ବାଳକ ଏବଂ ବାଳିକା ଦଳ ବ୍ରହ୍ମପୁର ଗସ୍ତ କରିଛନ୍ତି । ଏହି ଦଳର କୋଚ ଭାବେ ସଫଳ ସୈନାନ୍ତି, ପିଂକୋଜ ହିଆଲ ଓ ଲାଲୁ ହରିଜନ ଦାଲତ୍ୱ ରହେଥିବା ବେଳେ ମେନେଜର ଭାବେ ଶଶାଙ୍କ ଶେଖର ବେହେରା ଏବଂ ଦୁର୍ଯ୍ୟ ହରିଜନ ଦାଲତ୍ୱ ପ୍ରଦାନ କରାଯାଇଛି।। ଦଳର ସଫଳତା ନିମନ୍ତେ କ୍ରୀଡା ସଂଗଠନ ସମ୍ପାଦକ ପ୍ରଫୁଲ୍ଲାଙ୍କ ତ୍ରିପାଠି, ଉପ ସଭାପତି ଏମ.ବାଲା କୃଷ୍ଣ ରାଓ, ସହ ସମ୍ପାଦକ ମନୋଜ କୁମାର ପଟ୍ଟନାୟକ, କ୍ରୀଡା ସମ୍ପାଦକ ଜିତେନ୍ଦ୍ର ପରିଡ଼ା, ଇଣ୍ଡୋର ସମ୍ପାଦକ କୃଷ୍ଣ ପଟ୍ଟନାୟକ, ଜଳି ସମ୍ପାଦକ ଦୁର୍ଗା ମଲିକ୍, ମହିଳା ସମ୍ପାଦିକା ଇଁ. ବନ୍ଦନା ମଲ୍ଲିକ୍, ଜିଲ୍ଲେଟ୍ ସମ୍ପାଦକ ଅଶୋକ ନାୟକ ସମେତ କ୍ରୀଡା ସଂଗଠ ଅନ୍ୟ ସମସ୍ତ ସଦସ୍ୟ ମାନେ ଶୁଭେଚ୍ଛା ପ୍ରଦାନ କରିଛନ୍ତି । ସୂଚନା ଯୋଗ ଯେ ଉତ୍କଳ ଜିଲ୍ଲା ବାଳକ ଏବଂ ବାଳିକା ଦଳ କଳାହାଣ୍ଡି, ରାୟଗଡ଼ା ଗଜପତି ଓ କନ୍ଧମାଳ ଦଳ ସହ ଖେଳିବେ । ଗ୍ରୀଷ୍ମ ପ୍ରଚାରକୁ ଦୃଷ୍ଟିରେ ରଖି ବାଳିକା ଦଳ ସକାଳ ବେଳେ ନିଜ ପ୍ରତିଯୋଗୀ ସହ ଖେଳିବା ବେଳେ ବାଳକ ମାନେ ଉପରୁଖାଲି ଖେଳିବେ ।

ନଦୀ ପଠାରୁ ମିଳିଲା ସ୍ତ୍ରୀର ଗଳିତ ମୃତ ଦେହ, ସ୍ୱାମୀ ଗିରଫ, ପୋଲିସର ତଦନ୍ତକୁ ସନ୍ଦେହ

ଟାଙ୍ଗୀ-ଚୌଦ୍ୱାର, ୩୧/୦୫ (ଆ.ପ୍ର) : କଟକ ଜିଲ୍ଲା ଟାଙ୍ଗୀ ଥାନା ଅଧୀନ ଇତିମୁଖା ପଂଚାୟତ ମେଶ୍ୱାଖାଲ କୋରରେ ଘଟିଛି ଏକ ଲୋମହର୍ଷଣ କାରି ହତ୍ୟାକାଣ୍ଡ । ମୃତ ମହିଳାଙ୍କ ପରିବାର ପକ୍ଷରୁ ଏକ ତନିହା ସେଠି ନିଖୋଜ ଥିବା ନେଇ ଏକ ଅଭିଯୋଗ ଟାଙ୍ଗୀ ଥାନାରେ ଦୋଇଥିଲା । ଏହି ଅଭିଯୋଗକୁ ଉଠି କରି ଟାଙ୍ଗୀ ପୋଲିସ ପକ୍ଷରୁ ଜାଳକିନ କରିବା ସମୟରେ ସ୍ୱାମୀ ମହଜ ଉପରେ ସନ୍ଦେହ ଦେବାରୁ ସ୍ୱାମୀ ପୋଲିସ ଆଗରେ ସତ୍ୟ କଥା ମାନିଯାଇଥିଲା । ସୂଚନା ମୁତାବକ, ମୃତ ମହିଳା ଓ ଲାଣିକା ଇତିମୁଖା ମେଶ୍ୱାଖାଲ ନଦୀକୁ ଗାଧୋଇବା ଯାଇଥିଲେ । ସେଇ ସମୟରେ ସ୍ୱାମୀ ସହ ଲାଣିକି ସହ ମିଶି ଦେବକୁ ଏକ ଗାଧୁଆରେ ଡିପି ମାରିବା ସହିତ ପାଣିରେ ବୁଡାଇ ମାରିବା ପରେ ଆଖାରେ ଉଠି କରି ମେଶ୍ୱା ଖାଲ ନଦୀ ପଠାରେ ପୋତି ଦେଇଥିଲା । ପୋଲିସ ଆଜି ସିନ୍ ଜ୍ରିଏସନ୍ କରିବା ସମୟ କିଛି ସନ୍ଦେହ ଜାତ ହୋଇଥିଲା । ସହରେ ଜଣେ ଏକା ଡାଲୁ ଟଂଟି ଚିପି ହତ୍ୟା କଲା ପରେ ଗାଡ଼ ଖୋଳି ପୋତି ଦେଲା । ନା ଆଉ କେହି ଏହି ହତ୍ୟା କାଣ୍ଡରେ ସାମିଲ ଅଛି ଡାଲୁ ପୋଲିସ ତତ୍ପରତାର ସହ ଖୋଜେଇବାକୁ ଚେଷ୍ଟା କରୁଛି । ଉଚ୍ଚ ସ୍ତରୀୟ ତଦନ୍ତ ପାଇଁ ସାଧରଣରେ ଦାବୀ ହେଉଛି ।

ପ୍ରଶାସନ ନିୟମକୁ ମାନୁନାହାନ୍ତି ରାସ୍ତା କଡ଼ର ଉଠାଦୋକାନୀ

ଯାଜପୁର, ୩୧/୦୫ (ଆ.ପ୍ର) : ଯାଜପୁର ସହରରେ ଦିନକୁ ଦିନ ବଢ଼ିବାରେ ଲାଗିଛି ଉଠା ଦୋକାନୀଙ୍କ ପାଉଁଲାଇ । ଯେଉଁଠି ପାଲିରେ ସେଠି ଉଠା ଦୋକାନ କରି ରାସ୍ତାକୁ ଅବରୋଧ କଲେ । ଜଣାଙ୍କ ଦେଖାଦେଖି ଯିଏ ଯେଉଁଠି ପାରିଲା ଉଠା ଦୋକାନ କରିବା ଆରମ୍ଭ କରିଦେଲେ । ପ୍ରଶାସନ ପକ୍ଷରୁ ଯେତେ ନିୟମ କରାଯାଉଥିବା ମଧ୍ୟ, ଉଠା ଦୋକାନୀ ମାନେ ଏହାକୁ ମାନିବାକୁ ନାରାଜ । ସହରେ ସରକାରଙ୍କ କୌଣସି ନିୟମକୁ ଏମାନେ ଖାତିର କରୁନାହାନ୍ତି । ସହରର ମୁଖ୍ୟ ରାସ୍ତା ମେଡିକାଲ ଛକ ଠାରୁ ଗାନ୍ଧୀ ଛକ ଏବଂ ଗାନ୍ଧୀ ଛକ ଠାରୁ ଉପର ବନ୍ଦ ପର୍ଯ୍ୟନ୍ତ । ଉଠା ଦୋକାନୀ ମାନେ ପୁରା ମାତ୍ରାରେ ବେଆଇନ୍‌ଭାବେ ରାସ୍ତା ଉପରେ ବସି ଦିନ ରାତି ବେପାର କରୁଥିବା ଦେଖାଯାଏ । ଯାଜପୁର ପୌରପାଳିକା ପକ୍ଷରୁ ବାରମ୍ବାର ଅଭିଯୋଗ ପରେ ମଧ୍ୟ ଉଠା ଦୋକାନୀ ମାନେ କୌଣସି ନିୟମ ମାନିବାକୁ ନାରାଜ । ପୌରପାଳିକା ପକ୍ଷରୁ ସୀମା ନିର୍ଦ୍ଧାରଣ କରି ଲୁହାର ପିଲର ଦେଇଥିଲେ ମଧ୍ୟ ଉଠା ଦୋକାନୀ ମାନେ ଏହାକୁ ମାନିବାକୁ ନାରାଜ । ଆଗକୁ ଛକ ସଂକ୍ରାନ୍ତି ପଢ଼ିବ । ସେଥିପାଇଁ ସହର ମଧ୍ୟରେ ଗ୍ରୁପିକ ସମ୍ପର୍କ ଦିନକୁ ଦିନ ବଢ଼ିବାରେ ଲାଗିଛି । ତା ସହିତ ଦୋକାନ୍ ପାଇଁ ସାଙ୍କୁଙ୍କୁ ଦୋକାନ୍ ଉଠା ଦୋକାନୀ ମାନଙ୍କ ପାଉଁଲାଇ ଯୋଗୁଁ ସହରର ଜନସାଧାରଣଙ୍କ ଅଷ୍ଟ ବ୍ୟସ୍ତ ହୋଇଗଲେଣି । ଦ୍ରୁତ ଏମାନଙ୍କ ବିରୋଧରେ କାର୍ଯ୍ୟକ୍ଷମ ଗ୍ରହଣ କରିବାକୁ ଯାଜପୁର ସହରର ସମସ୍ତ ଜନସାଧାରଣ ଓ ବୁଦ୍ଧିଜୀବୀ ମାନେ ଦାବି କରିଛନ୍ତି ।

ନିଗମାନନ୍ଦ ମହିଳା ମହାବିଦ୍ୟାଳୟର ବରିଷ୍ଠ କିରଣୀଙ୍କ ସେବା ନିବୃତ ସମ୍ବର୍ଦ୍ଧନା ସମାରୋହ

ନିମାପଡ଼ା, ୩୧/୦୫ (ଆ.ପ୍ର) : ପୁରୀ ଜିଲ୍ଲା ନିମାପଡ଼ା ବ୍ଲକ ଅନ୍ତର୍ଗତ ଚରିଛିଇସ୍ତିତ ନିଗମାନନ୍ଦ ମହିଳା ମହାବିଦ୍ୟାଳୟ ପରିସରରେ ମହାବିଦ୍ୟାଳୟର ବରିଷ୍ଠ କିରାଣୀ ଅନିଲ କୁମାର ମହାପାତ୍ରଙ୍କ ସେବା ନିବୃତ ସମ୍ବର୍ଦ୍ଧନା ସମାରୋହ ଅନୁଷ୍ଠିତ ହୋଇଯାଇଛି । ମହାବିଦ୍ୟାଳୟର ଅଧ୍ୟକ୍ଷ ପ୍ରଫେସର ଡ଼ଃ ଅଶୋକ କୁମାର ବିଶ୍ୱାଳଙ୍କ ଅଧ୍ୟକ୍ଷତାରେ ଆୟୋଜିତ ସମ୍ବର୍ଦ୍ଧନା ସମାରୋହରେ ସମ୍ମାନିତ ଅତିଥି ରୂପେ ମହାବିଦ୍ୟାଳୟର ପୂର୍ବତନ ପରିଚାଳନା କମିଟି ସଭାପତି ପ୍ରଫେସର ଡ଼ଃ ସତ୍ୟେଶ କୁମାର ମିତ୍ର, ମହାବିଦ୍ୟାଳୟର ପ୍ରାକ୍ତନ ଅଧ୍ୟକ୍ଷ ତଥା ଲମାଦେବୀ ମହିଳା ବିଶ୍ୱବିଦ୍ୟାଳୟର ପୂର୍ବତନ ସିଣ୍ଡିକେଟ ସଦସ୍ୟ ପ୍ରଫେସର ଗୋପାନାଥ ଜଳ, ପ୍ରାକ୍ତନ ଅଧ୍ୟକ୍ଷ ଡ଼ଃ ପ୍ରଭାତ ଚନ୍ଦ୍ର ମିଶ୍ର, ପ୍ରମୁଖ ଯୋଗଦେଇ ଅନିଲ କୁମାର ମହାପାତ୍ରଙ୍କ ଗୁଣଗାନ କରିବା ସହ ତାଙ୍କ ଅବସର ପରବର୍ତୀ ଜୀବନ ସୁସ୍ଥ, ଦୀର୍ଘ ଏବଂ ନିରାମୟ ପାଇଁ କାମନା କରିଥିଲେ । ମହାବିଦ୍ୟାଳୟ ସଂସ୍ଥିତ ବିଭାଗ ଅଧ୍ୟାପକ ଜୀବନ ଦାଶ କାର୍ଯ୍ୟକ୍ରମକୁ ସଂଯୋଜନା କରିଥିବା ବେଳେ ପ୍ରଶାସନିକ ଅଧିକାରୀ ଜାନନବାଳା ନନ୍ଦ ଅତିଥି ପରିଚୟ ପ୍ରଦାନ କରିଥିଲେ । ସମ୍ମାରୋହରେ ଅନ୍ୟ ଅତିଥିମାନଙ୍କ ମଧ୍ୟରେ ମହାବିଦ୍ୟାଳୟର ପ୍ରତିଷ୍ଠାତା ସଦସ୍ୟ, ସମାଜସେବୀ ସନାତନ ପାତ୍ର, କବିତାଳ କୁଳମଣି ସାହୁ ମେମୋରିଆଲ ଟ୍ରଷ୍ଟର ଅଧ୍ୟକ୍ଷ ଡ଼ଃ ଛେତାନନଥ ସାହୁ, ଚରିତ୍ର ନମ୍ରତିଲ ମଂଚର ସମ୍ପାଦକ ଲାଭୁ ଚରଣ ବେହେରା, ପରିଚାଳନା କମିଟିର ପୂର୍ବତନ ସଦସ୍ୟ ବସନ୍ତ ପାତ୍ର, ପ୍ରେସ କ୍ଲବର ସଭାପତି ପ୍ରଫୁଲ୍ଲ କର, ବରିଷ୍ଠ ସାମ୍ବାଦିକ ପ୍ରଫୁଲ୍ଲ ସାହୁ ମହାବିଦ୍ୟାଳୟ ପ୍ରାକ୍ତନ ଅଧ୍ୟକ୍ଷ ପ୍ରଫେସର ଜଳାଶୀ ପଟ୍ଟନାୟକ, ପ୍ରଫେସର ସ୍ୱର୍ଣ୍ଣଲତା ସାହୁ, ପ୍ରଫେସର ବିନୋଦିନୀ ଦାଶ, ପ୍ରଫେସର ମିତ୍ରା ମହାପାତ୍ର ଯୋଗଦେଇଥିଲେ । ଓଡିଆ ରାଷ୍ଟ୍ର ସାହିତ୍ୟ ବିଭାଗ ମୁଖ୍ୟ ଡ଼ଃ ଶର୍ମିଷ୍ଠାରାଣୀ ମହାନ୍ତି ମାନପତ୍ର ପଠନ କରିଥିଲେ । ବିଭାଗୀ ଅଭିଲାଷଣରେ ଶ୍ରୀ ମହାପାତ୍ର ସମସ୍ତଙ୍କର ସହଯୋଗ ପାଇଁ କୃତଜ୍ଞତା ଜଣାଇବା ସହ ମହାବିଦ୍ୟାଳୟର ଉତରୋତର ଉନ୍ନତି କାମନା କରିଥିଲେ । ମହାବିଦ୍ୟାଳୟ ତରଫରୁ ସେବା ନିବୃତ ବରିଷ୍ଠ କିରାଣୀ ଅନିଲ କୁମାର ମହାପାତ୍ରଙ୍କୁ ମାନପତ୍ର, ପୁଷ୍ପଗୁଚ୍ଛ ଓ ଉପଢୌକନ ପ୍ରଦାନ ପୂର୍ବକ ସମ୍ବର୍ଦ୍ଧିତ କରାଯାଇଥିଲା । ପରିଶେଷରେ ଇତିହାସ ବିଭାଗ ମୁଖ୍ୟ ମେଜର ସୁଷ୍ମିତା ବତ ଧନ୍ୟବାଦ ଅର୍ପଣ କରିଥିଲେ । ସମ୍ବର୍ଦ୍ଧିତ ବ୍ୟକ୍ତିବୃନ୍ଦ ଅନିଲ କୁମାର ମହାପାତ୍ରଙ୍କୁ ସମ୍ବର୍ଦ୍ଧନାମାନେ ଏକ ଶୋଭାଯାତ୍ରାରେ ଲଜେଜ ପରିସରରୁ ତାଙ୍କ ବାସ ଭବନକୁ ପାଛୋଟି ନେଇଥିଲେ । ବାସ ଭବନକୁ ଯିବା ବାଟରେ ଚାରିଛକ ବଜାରରେ ଥିବା ଭକ୍ତ କମଣୀ ପଣ୍ଡିତ ଗୋପବନ୍ଧୁ ଦାସଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରିଥିଲେ ।

ନାବାଳିକା ଅପହରଣ ଓ ବୁଲ ବଳାତ୍କାରୀଙ୍କୁ କୋର୍ଟ ଚା

ଶୁଭମସ୍ତୁ
ଆରମ୍ଭ
SEITHO ARAMBHA
ସୋମବାର, ୧ ଜୁନ୍, ୨୦୨୬ : ବାଲେଶ୍ୱର : ପୃଷ୍ଠା - ୩

ଜିଲ୍ଲାରେ ଏସଆଇଆରର ପ୍ରାରମ୍ଭ

ରାୟଗଡ଼ା, ୩୧/୦୫ (ଆ.ପ୍ର) : ଭାରତ ନିର୍ବାଚନ ଆୟୋଗଙ୍କ ଘୋଷଣା ଅନୁସାରେ ରାୟଗଡ଼ ଜିଲ୍ଲାରେ ଗତ ତିରିଶ ତାରିଖ ଠାରୁ ଆରମ୍ଭ ହୋଇଛି ଏସ ଆଇ ଆର ଲାଗିଁକ୍ରମ । ବୁଥ ସ୍ତରୀୟ ଅଧିକାରୀ ସମ୍ପୃକ୍ତ ସହକାରୀ ନିର୍ବାଚକ ପଞ୍ଜୀକରଣ ଅଧିକାରୀଙ୍କ ଠାରୁ ପରିଗଣନା ଫର୍ମ ନେଇ ଘରକୁ ଘର ବଂଟନ ଆରମ୍ଭ କରିଛନ୍ତି । ଜିଲ୍ଲାପାଳ ରାୟଗଡ଼ ଆଶୁତୋଷ କୁଳକର୍ଣୀ ବିଏନ୍‌ଏ କୁ ପରିଗଣନା ଫର୍ମ ନିର୍ଦ୍ଧାରିତ ସମୟ ସୀମା ମଧ୍ୟରେ ବଂଟନ ଓ ସଂଗ୍ରହ ଶେଷ କରିବା ନିମନ୍ତେ ସମ୍ପୃକ୍ତ ବୁଥ ଅଂଚଳରେ ରହୁଥିବା ଆଙ୍ଗନୱାଡି କର୍ମୀ, ଆଶା କର୍ମୀ , ସିଆରପି, ଏଓକେ, ଶିକ୍ଷକ, ଅନ୍ୟ ସରକାରୀ କର୍ମଚାରୀ, ସ୍ୱେଚ୍ଛାସେବୀ ସଂସ୍ଥାର କର୍ମକର୍ତ୍ତା, ଯୁବକ ସଂଘ, ମହିଳା ସଂଘ ଆଦିର ସଦସ୍ୟ ତଥା ଗ୍ରାମ୍ୟ ଯୁବପିଢ଼ି ବିଏଲଓଙ୍କୁ ସହଯୋଗ ପ୍ରଦାନ କରିବା ନିମନ୍ତେ ଅନୁରୋଧ କରିଛନ୍ତି । ଏଥିନିମନ୍ତେ ରାୟଗଡ଼ ବ୍ଲକ ସଦରାବାଦନା ସ୍ଥାନରେ ଶନିବାର ଦିନ ବ୍ଲକର ସମସ୍ତ ଆଙ୍ଗନୱାଡି କର୍ମୀ, ଆଶା କର୍ମୀ, ଏମ ଡି କେ ଓ ସି ଆର ପିଙ୍କ ଏକ ସଚେତନତା ବୈଠକ ତଥା ତାଲିମ ଅନୁଷ୍ଠିତ ହୋଇଥିଲା । ଫର୍ମ ପୂରଣ କୌଶଳ ସହ ଆବଶ୍ୟକ ଦସ୍ତାବିଜ ବିଷୟରେ ଅବଗତ କରାଯାଇଥିଲା । ଏଥିରେ ରାୟଗଡ଼ ତହସିଲଦାର ପ୍ରିୟଦର୍ଶିନୀ ସ୍ୱାଇଁ, ବିଡ଼ିଓ ସୁଜିତ କୁମାର ମିଶ୍ର, ସମ୍ବନ୍ଧ ଶିକ୍ଷକ ନିଳାଂବର ମିଶ୍ର, ଜିପିଡିଓ ସ୍ମୃତିରେଖା ନାୟକ ପ୍ରମୁଖ ଯୋଗଦେଇ ଆଲୋଚନା କରିବା ସହ ବୁଥ୍‌ସ୍ତରୀୟ ଅଧିକାରୀଙ୍କୁ ସହଯୋଗ କରିବା ପାଇଁ ଅନୁରୋଧ କରିଥିଲେ । ସମସ୍ତ ରୋଟର ଯେପରି ଟିପା ଭୋଟଦାତାଲିଙ୍କାରେ ସ୍ପଷ୍ଟିତ ହେବେ ଏବଂ ଅଯୋଗ୍ୟ ଭୋଟର ବାଦ୍ ହେବେ ସେଥିରେ ଗୁରୁତ୍ୱ ପ୍ରଦାନ କରାଯାଇଅଛି ବୋଲି ଉପଜିଲ୍ଲାପାଳ ରମେଶ କୁମାର ନେନା କହିଛନ୍ତି । ଏଥି ନିମନ୍ତେ ରାୟଗଡ଼ ବିଧାନସଭା ମଣ୍ଡଳୀର ସମସ୍ତ ତିନିଶହ ବୁଥଟି ବୁଥ ବିଏଲଓଙ୍କୁ ତାଲିମ ପ୍ରଦାନ କରାଯାଇଛି । ଇସିଆର ନେତୃତ୍ୱରେ ସଂଗୃହୀତ ତଥ୍ୟର ପୂରଣ ନିମନ୍ତେ ପ୍ରତି ବୁଥ୍ ଓ ପୌରାଂଚଳର ବ୍ୟାପକ ବ୍ୟବସ୍ଥା କରାଯାଇଥିବା ଶ୍ରୀ ନେନା ପ୍ରକାଶ କରିଛନ୍ତି ।

ଫକୀର ମୋହନଙ୍କୁ ଦଲାଲ କହିବା ପ୍ରସଙ୍ଗରେ ବିରୋଧ କଲେ ଫକୀର ମୋହନ କଲେଜର ପୁରାତନ ଛାତ୍ର ସଂସଦ : ନିଃସର୍ତ କ୍ଷମା ପ୍ରାର୍ଥନା ଦାବି

ବାଲେଶ୍ୱର, ୩୧/୦୫ (ଆ.ପ୍ର) : ବ୍ୟାସକବି ଫକୀର ମୋହନ ସେନାପତିଙ୍କ ପ୍ରତି ଅଶୋଭନୀୟ ଓ ଅପମାନଜନକ ମନ୍ତବ୍ୟକୁ ନେଇ ସାରା ଓଡ଼ିଶାରେ ତୀବ୍ର ପ୍ରତିକ୍ରିୟା ପ୍ରକାଶ ପାଇଥିବା ବେଳେ ଏହାକୁ ନେଇ ବାଲେଶ୍ୱରରେ ପ୍ରତିବାଦର ଝଡ ତୀବ୍ର ହୋଇଛି । ଆଜି ଏଇ ପ୍ରସଙ୍ଗରେ ଫକୀର ମୋହନ ସ୍ୱୟଂଶାସିତ ମହାବିଦ୍ୟାଳୟର ପୁରାତନ ଛାତ୍ର ସଂସଦ ପକ୍ଷରୁ ଏକ ଉତ୍ତରୀ ପ୍ରତିବାଦ ସଭା ଅନୁଷ୍ଠିତ ହୋଇଯାଇଛି । ଅଭିଳାଷ ପଣ୍ଡା ନାମକ ଜଣେ ବ୍ୟକ୍ତି ଓଡ଼ିଆ ଭାଷା ସୁରକ୍ଷା ଆନ୍ଦୋଳନର ଯୁଗପୁରୁଷ ତଥା କଥାସମ୍ରାଟ ଫକୀର ମୋହନଙ୍କୁ 'ଇଂରେଜଙ୍କ ଦଲାଲ' ବୋଲି ଆକ୍ଷେପ କରିଥିବା ଭଳି ଏକ ଅତ୍ୟନ୍ତ ଅପରିପକ୍ୱ ତଥା ଦୁର୍ଭାଗ୍ୟଜନକ ମନ୍ତବ୍ୟ ଦେଇଛନ୍ତି, ଯାହାକୁ ନେଇ ସାରସ୍ୱତ ଜଗତ ଓ ସ୍ଥାନୀୟ ବୁଦ୍ଧିଜୀବୀ ମହଲରେ ପ୍ରବଳ ଜନଆକ୍ରୋଶ ସୃଷ୍ଟି ହୋଇଛି । ଏହି ପରିପ୍ରେକ୍ଷୀରେ ପୁରାତନ ଛାତ୍ର ସଂସଦର ସଭାପତି ଡାକ୍ତର ପ୍ରଭାତ ଚନ୍ଦ୍ର ଚୌଧୁରୀଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏହି ସ୍ମରଣ ବୈଠକରେ ଉପସ୍ଥିତ ସଦସ୍ୟମାନେ ଅଭିଳାଷ ପଣ୍ଡାଙ୍କର ଏଭଳି ଅଜ୍ଞାନତାପୂର୍ଣ୍ଣ ମନ୍ତବ୍ୟକୁ କଠୋର ଭାଷାରେ ନିନ୍ଦା କରିବା ସହ ତୀବ୍ର ଅସନ୍ତୋଷ ବ୍ୟକ୍ତ କରିଛନ୍ତି । ଉକ୍ତ ପ୍ରତିବାଦ ସଭାରେ ବକ୍ତାମାନେ ମତ ପ୍ରକାଶ କରିଥିଲେ ଯେ ବ୍ୟାସକବି ଫକୀର ମୋହନ ସେନାପତି କେବଳ ଜଣେ ସାହିତ୍ୟିକ ନଥିଲେ, ବରଂ ସେ ଥିଲେ ଓଡ଼ିଆ ଜାତିର ନମସ୍ୟ ଏବଂ ସ୍ୱାଭିମାନର ପ୍ରତୀକ । ଊନବିଂଶ ଶତାବ୍ଦୀର ଦ୍ୱିତୀୟାର୍ଦ୍ଧରେ ଯେତେବେଳେ ପଦ୍ମୋଶୀ ରାଖାଲାଖିଙ୍କ ଚଳ୍ଲାନ୍ତ ଓ ପ୍ରଶ୍ନଜନିକ ଅବହେଳା ଯୋଗୁଁ ଓଡ଼ିଶାରେ ଓଡ଼ିଆ ଭାଷାର ଅସ୍ତିତ୍ୱ ବିପନ୍ନ ହୋଇପଡ଼ିଥିଲା, ସେତେବେଳେ ସେ ନିଜ ଜୀବନକୁ ବାଜି ଲଗାଇ ଭାଷାର ସୁରକ୍ଷା ପାଇଁ ଏକ ଅଜେୟ ଗଣ୍ଡାକବତ ସାଜିଥିଲେ । ବାଲେଶ୍ୱର ମାଟିରୁ ପ୍ରେସ ପ୍ରତିଷ୍ଠା କରିବା ଠାରୁ ଆରମ୍ଭ କରି ପତ୍ରପତ୍ରିକା ପ୍ରକାଶନ ଏବଂ କାଳଜୟୀ ସାହିତ୍ୟ ସୃଷ୍ଟି ମାଧ୍ୟମରେ ସେ ଓଡ଼ିଆ ଜାତୀୟତାକୁ ନୂତନ ଦିଶା ଦେଇଥିଲେ । ମାତୃ ଭାଷାର ଏହି ମହାନ ରସଗୁଂଫିତ ଜୀବନୀ ଓଡ଼ିଶାର ସାଂସ୍କୃତିକ ଇତିହାସର ଏକ ଗୌରବୋଜ୍ଜ୍ୱଳ ଅଧ୍ୟାୟ ହୋଇଥିବା ବେଳେ, ଓଡ଼ିଆ ଭାଷା-ସାହିତ୍ୟର ସାଧାରଣ ଜ୍ଞାନ ନଥିବା ଅଭିଳାଷ ପଣ୍ଡାଙ୍କ ଭଳି ବ୍ୟକ୍ତି 'ଅଜ୍ଞ ବିଦ୍ୟା ଭୟଙ୍କରୀ' ନ୍ୟାୟରେ ଏଭଳି କୁତ୍ସାରଟନା କରିବା ଜାତି ପାଇଁ ବଡ଼ ବିଡ଼ମ୍ବନା । ନିଜର ସଂକୀର୍ଣ୍ଣ ମାନସିକତା ତଥା ଶସ୍ତା ପ୍ରସିଦ୍ଧି ପାଇଁ ଜଡିଆଙ୍କୁ ବିକୃତ କରି ବ୍ୟାସକବିଙ୍କ ଭଳି ଯୁଗପୁରୁଷଙ୍କ ପ୍ରତି ଏଭଳି ଅପଶବ୍ଦ ପ୍ରୟୋଗ କରିବା ଦ୍ୱାରା ସାରା ଓଡ଼ିଆ ଜାତି ମର୍ମାହତ ହୋଇଛି । ଏହି ସଭାରେ ସଂସଦ ପକ୍ଷରୁ ସ୍ପଷ୍ଟ ଚେତାବନୀ ଦିଆଯାଇଛି ଯେ, ଯଦି ସମ୍ପୃକ୍ତ ବ୍ୟକ୍ତି ନିଜର ଏହି କୁତ୍ସିତ ମନ୍ତବ୍ୟ ପାଇଁ ସର୍ବଜନୀନ ଭାବେ ନିଃସର୍ତ କ୍ଷମା ପ୍ରାର୍ଥନା ନ କରନ୍ତି, ତେବେ ଆଗାମୀ ଦିନରେ ଏହି ଆନ୍ଦୋଳନକୁ ଆହୁରି ବ୍ୟାପକ କରାଯିବ ଏବଂ ଓଡ଼ିଆ ଜାତି କେବେହେଲେ ତାଙ୍କୁ କ୍ଷମା ଦେବ ନାହିଁ । ବ୍ୟାସକବିଙ୍କ ସୃତିପୂତ ଏହି ମହାବିଦ୍ୟାଳୟର ପୁରାତନ ଛାତ୍ରମାନେ ତାଙ୍କ ସମ୍ମାନର ସୁରକ୍ଷା ପାଇଁ ଆଇନଗତ ପଦକ୍ଷେପ ଗ୍ରହଣ କରିବାକୁ ମଧ୍ୟ ପଛାଇବେ ନାହିଁ ବୋଲି ଚେତାବନୀ ଦେଇଛନ୍ତି । ଏହି ଗୁରୁତ୍ୱପୂର୍ଣ୍ଣ ପ୍ରତିବାଦ ସଭାରେ ସଂସଦର ସମ୍ପାଦକ ଅମଳା କୁମାର ପଟ୍ଟନାୟକଙ୍କ ସମେତ ଅନ୍ୟାନ୍ୟ ପ୍ରମୁଖ ସଦସ୍ୟ ଯଥା ଅଧ୍ୟାପକ ଶତ୍ରୁଘ୍ନ ମଲ୍ଲିକ, ପୀତାମ୍ବର ଦାସ, ବିଶିଷ୍ଟ ସାହିତ୍ୟିକ ତଥା ଗବେଷକ ଡ. ରାଧାରଞ୍ଜନ ପଟ୍ଟନାୟକ, ଡ. ସୁଧାଂଶୁ ପରିଡା, ବିନୟ କୁମାର ମହାପାତ୍ର, ଦେବାଶିଷ ରାୟ, ରାଜେନ୍ଦ୍ର କିଶୋର ରାୟ, ଅମୃତାଂଶୁ ପଟ୍ଟନାୟକ, ଶ୍ୟାମ ଜେନା, ଦେବାଶିଷ ପାଣି, ଜୟ କୃଷ୍ଣ ମହାନ୍ତି, ପଦ୍ମଲୋଚନ ବଡ, ଓମ ପ୍ରକାଶ ରଣା ଏବଂ ରାଘବେନ୍ଦ୍ରାଚାର୍ଯ୍ୟ ଦେ ପ୍ରମୁଖ ଉପସ୍ଥିତ ରହି ଏହି ରାଖୀ-ବିରୋଧୀ ମାନସିକତା ବିରୁଦ୍ଧରେ ସ୍ୱର ଉତ୍ତୋଳନ କରିଥିଲେ । ବୈଠକର ଶେଷ ପର୍ଯ୍ୟାୟରେ ସବୁବଡ଼ ଦିନମ୍ବ କୁମାର ମହାପାତ୍ର ଉପସ୍ଥିତ ସମସ୍ତ ବୁଦ୍ଧିଜୀବୀ ଓ ସଂସଦର କର୍ମଚାରୀଙ୍କୁ ଧନ୍ୟବାଦ ଅର୍ପଣ କରି ସଭା ସାଙ୍ଗ କରିଥିଲେ ।

ସ୍ୱତନ୍ତ୍ର ସଘନ ସଂଶୋଧନ ସଚେତନତା ଶୋଭାଯାତ୍ରା

ଲଙ୍ଗଲେଶ୍ୱର, ୩୧/୦୫ (ଆ.ପ୍ର) : ଗଣତନ୍ତ୍ରର ମୂଳ ଭିତି ହେଉଛି ସଠିକ୍ ଓ ନିର୍ଭୁଲ ଭୋଟର ତାଲିକା । ଏହାର ସଫଳ ରୂପାୟନ ଏବଂ ସାଧାରଣ ଜନତାଙ୍କ ମଧ୍ୟରେ ସଚେତନତା ସୃଷ୍ଟି ଉଦ୍ଦେଶ୍ୟରେ ବାଲେଶ୍ୱର ଜିଲ୍ଲାର ବାଲିପାଳ ବ୍ଲକ ସଂଚାୟତ ସମିତି ପକ୍ଷରୁ ରବିବାର ସକାଳେ ଏକ ବ୍ୟାପକ ସଚେତନତା ଶୋଭାଯାତ୍ରା ଆୟୋଜିତ ହୋଇଥିଲା । ବ୍ଲକ ପରିଷଦରୁ ଆରମ୍ଭ ହୋଇଥିବା ଏହି ଶୋଭାଯାତ୍ରା ତହସିଲ କାର୍ଯ୍ୟାଳୟ ପର୍ଯ୍ୟନ୍ତ ପରିକ୍ରମା କରିଥିଲା । ଏହି ଅବସରରେ ବରୁଣ ବିଧାନସଭା ନିର୍ବାଚନ ମଣ୍ଡଳୀର ନିର୍ବାଚନ ପଞ୍ଜିକରଣ ଅଧିକାରିଣୀ ବିଧିକା ସ୍ୱାଇଁ, ବ୍ଲକ ଉନ୍ନୟନ ଅଧିକାରୀ ରାଧାରଞ୍ଜନ ଦାସ, ଅତିରିକ୍ତ ତହସିଲଦାର ସୁବ୍ରତ ପଣ୍ଡା, ଅତିରିକ୍ତ ବ୍ଲକ ଉନ୍ନୟନ ଅଧିକାରୀ ଶରତ ମୁଦୁଲି, ଜିପିଡିଓ ପ୍ରିୟବ୍ରତ ଗିରି, ବିଏଲଓ ସୁପ୍ରଭାଲତଲ, ବିଏଲଓ ଏବଂ ବ୍ଲକର ବିଭିନ୍ନ କର୍ମଚାରୀମାନେ ସକ୍ରିୟ ଭାବେ ଯୋଗଦେଇଥିଲେ । ଶୋଭାଯାତ୍ରା ସମୟରେ ଅଂଶଗ୍ରହଣକାରୀମାନେ ବିଭିନ୍ନ ସ୍ଲୋଗାନ, ବ୍ୟାନର ଓ ସଚେତନତାମୂଳକ ବାର୍ତ୍ତା ମାଧ୍ୟମରେ ସ୍ୱତନ୍ତ୍ର ସଘନ ସଂଶୋଧନ କାର୍ଯ୍ୟକ୍ରମର ଗୁରୁତ୍ୱ, ଭୋଟର ତାଲିକାରେ ସଠିକ୍ ତଥ୍ୟ ଅନ୍ତର୍ଭୁକ୍ତି ଏବଂ ନାଗରିକମାନଙ୍କ ସକ୍ରିୟ ସହଭାଗିତାର ଆବଶ୍ୟକତା ସମ୍ପର୍କରେ ଜନସାଧାରଣଙ୍କୁ ଅବଗତ କରାଯାଇଥିଲେ ।

ଇଲେକ୍‌ଟ୍ରିକ୍ ଟ୍ରାନ୍‌ସଫରମ୍‌ରୁ ଅଗ୍ନିକାଣ୍ଡ, ବିଦ୍ୟୁତ୍ ବିଭାଗର ଚରମ ଅବହେଳା

ବାଲେଶ୍ୱର, ୩୧/୦୫ (ଆ.ପ୍ର) : ଆଜି ୧.୩୦ ମି. ସମୟରେ ହଠାତ୍ ମଠସାହି ବ୍ୟାଙ୍କ୍ କଲୋନୀ ସମ୍ମୁଖରେ ଥିବା ଇଲେକ୍ଟ୍ରିକ୍ ଟ୍ରାନ୍‌ସଫର୍ମରରେ ନିଆଁ ଲାଗି ଘ.୨.୧୫ମି. ପର୍ଯ୍ୟନ୍ତ ଜଳିବାକୁ ଲାଗିଲା । ନିଆଁର ଝୁଲ ବାଣପରି ଫୁଟିବାକୁ ଲାଗିଲା । ପାଖରେ ଥିବା ଗଛସବୁ ଜଳିଲା । ରାସ୍ତାକଡ଼ରେ ଛାଇରେ ରଖିଥିବା ଲାଜ୍ ହଟାଇବାରୁ ଅଞ୍ଚଳେ ରକ୍ଷା ପାଇଗଲା । ବ୍ଲକ ପାଖ ରାସ୍ତାରେ ଲୋକ ଦେଖେଣ୍ଡାଗରି ରହିଥିଲେ । ପ୍ରାୟ ୧ ଘଣ୍ଟା ମଧ୍ୟରେ ଇଲେକ୍ଟ୍ରିକ୍ ବିଭାଗ ଲୋକେ ଓ ଦମକଳ ବିଭାଗ ଆସି ଲାଇନ୍ ଜାରି ନିଆଁକୁ ଆୟତ୍ତ କରାଯାଇଥିଲେ । ଏଥିରେ କୌଣସି ଧନ ଜୀବନ କ୍ଷୟ କ୍ଷତି ହୋଇନାହିଁ । ଲୋକଙ୍କ ମତରେ ଇଲେକ୍ଟ୍ରିକ୍ ବିଭାଗର ଅବହେଳା, କେବୁଲ୍ ତାରତାଲାଙ୍କ ଗୋଲା ଗୋଲା ତାର, ମ୍ୟୁନିସିପାଲିଟି ଦ୍ୱାରା ଲଟକାପଟ୍ଟ ସଫା ନ ରହିବା ଦ୍ୱାରା ଏପରି ଘଟିଲା । ଯଦି ଏଭଳି ଗାଡ଼ିରେ ଗୋଇଠଆଣ୍ଡ, ବିଗତ ଅକାଳ ଧରଣ କଲିଆ'ଗା ବୋଲି ଲୋକଙ୍କ ଠାରୁ ଶୁଣିବାକୁ ମିଳେ । ସରକାର ଏହା ଉପରେ ଗୁରୁତ୍ୱ ଦେଇ ଉଚିତ୍ୟାତ ପାଇଁ ସତର୍କ ରହିବା ଉଚିତ ।

ବାଲେଶ୍ୱରରେ ଜିଲ୍ଲା ପ୍ରଶାସନ ଓ ଓରମାସ୍ ପକ୍ଷରୁ ଆରମ୍ଭ ହେଲା 'ଗାଁ ଆମ୍ବ ପସରା'

ବାଲେଶ୍ୱର, ୩୧/୦୫ (ଆ.ପ୍ର) : ବାଲେଶ୍ୱରରେ 'ଓରମାସ' ଓ ଜିଲ୍ଲା ପ୍ରଶାସନର ମିଳିତ ଆନୁକୂଲ୍ୟରେ ଗାଁ ଆମ୍ବର ପ୍ରଚାର ପ୍ରସାର ସହ ଓଡିଶାର ଆମ୍ବ ଚାଷୀମାନଙ୍କୁ ସିଧାସଳଖ ବଜାର ସୁବିଧା ଯୋଗାଇବା ଏବଂ ଗ୍ରାହକମାନଙ୍କୁ ସୁଲଭ ମୂଲ୍ୟରେ ଉନ୍ନତ ମାନର ଆମ୍ବ ଯୋଗାଇବା ଉଦ୍ଦେଶ୍ୟରେ ବାଲେଶ୍ୱର ସ୍ଥିତ ମିଶନ ଶକ୍ତି ବଜାର ପ୍ରାଙ୍ଗଣରେ 'ଗାଁ ଆମ୍ବ ପସରା' କାର୍ଯ୍ୟକ୍ରମ ଆରମ୍ଭ ହୋଇଛି । ଏହା ଗତ ମେ ୨୨ ତାରିଖରୁ ଆରମ୍ଭ ହୋଇଛି ଏବଂ ଆଗାମୀ ଜୁନ୍ ୧୫ ତାରିଖ ପର୍ଯ୍ୟନ୍ତ ଖୋଲା ରହିବ ବୋଲି ଜଣାପଡିଛି । 'ଓରମାସ'ର ଭାପ ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ଶାଶ୍ୱତ୍ ବାଳାର୍ଜୀଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଏହି କାର୍ଯ୍ୟକ୍ରମ ଖୁବ୍ ଭଲରେ ସମ୍ପାଦନ ହେଉଛି । ଓଡିଶାର ଗ୍ରାମୀଣ ଚାଷୀମାନଙ୍କୁ ଉପଯୁକ୍ତ ବଜାର ସୁବିଧା ଯୋଗାଇବା ଦିଗରେ ଗାଁ ଆମ୍ବ ପସରା ଏକ ଉଲ୍ଲେଖନୀୟ ପଦକ୍ଷେପ । ଏଥିରେ ବାଲେଶ୍ୱର ଜିଲ୍ଲା ସମେତ ବିଭିନ୍ନ ଜିଲ୍ଲାରୁ ଅଣାଯାଇଥିବା ସୁନ୍ଦରୀ, ଦଶେଣୀ, ଲେଙ୍ଗଡ଼ା, ଗୋପାଳ ଭୋଗ, ଲାଲ ଭୋଗ, ଆମ୍ରପଲ୍ଲୀ ଓ ଭାଲଗଣ ପଲ୍ଲୁରେ ଭଳି ବିଭିନ୍ନ ପ୍ରଜାତି ଅନୁଯାୟୀ କିଲୋଗ୍ରାମ ପିଛା ୬୦ ଟଙ୍କାରୁ ୧୦୦ ଟଙ୍କା ମଧ୍ୟରେ ମୂଲ୍ୟ ଧାର୍ଯ୍ୟ କରାଯାଇ ବିକ୍ରି ହେଉଛି । ବାଲେଶ୍ୱର ଜାତୀୟ ପ୍ରଚୁରତେ କମ୍ପାନୀ ଲିମିଟେଡ୍ ଏବଂ ଜାଳପିରି କୃଷକ ଉତ୍ପାଦକ କମ୍ପାନୀ ଲିମିଟେଡ୍‌ର ସହଯୋଗରେ ଏହି ଆମ୍ବ ପସରା ପରିଚାଳିତ ହେଉଛି ।

ନିଟ୍ ପ୍ରଶ୍ନପତ୍ର ପ୍ରଘଟ ପାଇଁ କେନ୍ଦ୍ର ଶିକ୍ଷାମନ୍ତ୍ରୀଙ୍କ ଇସ୍ତଫା ଦାବିରେ ପଥପ୍ରାନ୍ତ ସଭା

ବାଲେଶ୍ୱର, ୩୧/୦୫ (ଆ.ପ୍ର) : ଶିକ୍ଷା ସୁରକ୍ଷା ମଞ୍ଚ ପକ୍ଷରୁ ଚଳିତ ବର୍ଷ ନିଟ୍ ପରୀକ୍ଷାରେ ପ୍ରଶ୍ନପତ୍ର ପ୍ରଘଟ ଜାଇଣରୁ ପରୀକ୍ଷାକୁ ବାତିଲ କରିବା ଘଟଣାକୁ ନେଇ ଗତ ୯ ଦିନ ଧରି ବାଲେଶ୍ୱର ସହରର ବିଭିନ୍ନ ସ୍ଥାନରେ ପଥପ୍ରାନ୍ତ ସଭା ଅନୁଷ୍ଠିତ ହେଉଛି । ୧୦ମ ଦିନ ଶନିବାର ସନ୍ଧ୍ୟାରେ ବିଚାରଗଞ୍ଜ ଛକ ପାର୍ଶ୍ୱରେ ପଥପ୍ରାନ୍ତ ସଭା ଅନୁଷ୍ଠିତ ହୋଇଯାଇଛି । ଏହି ସଭାରେ ବାଲେଶ୍ୱର ଓଲିଲ ସଂଘର ସଭାପତି ମନୋଜ ନାୟକ, ଭାରତୀୟ ଜନ୍ୟୁନିଷ୍ଟ ପାର୍ଟିର ଜିଲ୍ଲା ସଂପାଦକ ଭାରତର ପ୍ରତିହାରୀ, ସମାଜସେବୀ ସଜିମ୍ ରାଜା, ଶ୍ରମିକନେତା ଗୌରାଙ୍ଗ ପାଣିଗ୍ରାହୀ, ଆଇନଜୀବୀ ମନ୍ମଥ ଭଗତାମ, ନାରୀନେତ୍ରୀ ମିନତୀ ସେଠୀ, ଜ୍ୟୋତ୍ସ୍ନା ସେନାପତି ଓ ବନ୍ଦନା ବିଶ୍ୱାସଙ୍କ ସମେତ ମଞ୍ଚର ଅନ୍ୟତମ ଆବାହକ ପ୍ରତିମା ପଣ୍ଡା ପ୍ରମୁଖ ସେମାନଙ୍କ ବକ୍ତବ୍ୟରେ ଏକ କାତରାକ୍ଷରର ପରୀକ୍ଷାରେ ଦେଶର ପ୍ରାୟ ୨୩ ଲକ୍ଷ ଛାତ୍ରଛାତ୍ରୀ ପରୀକ୍ଷା ଦେଇଥିବାର କହିଥିଲେ । ଏହି ପ୍ରଶ୍ନପତ୍ର ପ୍ରଘଟ କାଣ୍ଡରେ ୩୨ ଜଣ ମେଧାବୀ ଛାତ୍ରଛାତ୍ରୀଙ୍କ ଆତ୍ମହତ୍ୟା ଘଟଣାରେ ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କ ଇସ୍ତଫା ସେମାନେ ଦାବି କରିଥିଲେ । ପ୍ରଶ୍ନପତ୍ର ପ୍ରସ୍ତୁତି ଓ ପରୀକ୍ଷା ପରିଚାଳନାରେ ଥିବା ସମସ୍ତ ବ୍ୟକ୍ତିଙ୍କୁ ଗିରଫ କରି ଆଇନଗତ କାର୍ଯ୍ୟାନୁଷ୍ଠାନ ପାଇଁ ଓ ପୁନଶ୍ଚ ଏହି ପରୀକ୍ଷାର ପ୍ରଶ୍ନପତ୍ର ପ୍ରଘଟ ନହେବା ନିମନ୍ତେ କେନ୍ଦ୍ରସରକାରଙ୍କ ପକ୍ଷରୁ ପ୍ରଧାନମନ୍ତ୍ରୀ ଶ୍ରୀ ମୋଦୀ ଘୋଷଣା କରିବାକୁ ବକ୍ତାମାନେ ଦାବି କରିଥିଲେ । ଡାକ୍ତର ହେବାପାଇଁ ଆଶା କରି ଅକ୍ଳାନ୍ତ ପରିଶ୍ରମ କରୁଥିବା ଛାତ୍ରଛାତ୍ରୀ ଓ ସେମାନଙ୍କ ଅଭିଭାବକମାନଙ୍କ ମାନସିକତାକୁ କେନ୍ଦ୍ର ଶିକ୍ଷାମନ୍ତ୍ରୀ ବିଚାରକୁ ନିଅନ୍ତୁ ବୋଲି ସେମାନେ କହିଥିଲେ । ପଥପ୍ରାନ୍ତ ସଭାରେ ରାଜୁନାଥ ଲେଙ୍କା ସଂଯୋଜନା କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ ସର୍ବଶ୍ରୀ ଜ୍ୟୋତିରଞ୍ଜନ ବାରିକ, ଯଦୁନାଥ ସେଠୀ, ଶଙ୍କ ମାଲଖି, ମଦନ ଜେନା, ପ୍ରସନ୍ନ ପାତ୍ର, ସେଲ୍ ଲଡିମ୍, କୁନ୍ଦନ ଦାସ, ଶ୍ୟାମ ସୁନ୍ଦର ଜେନା, ଭରତ ଚନ୍ଦ୍ର ସେଠୀ, ଗୌତମ ଦାସ ଓ ଏଚ୍.କେ. ତାଲିକ ପ୍ରମୁଖ ଉପସ୍ଥିତ ଥିଲେ । ରବିବାର ଦିନ ସନ୍ଧାନେ କୃଷ୍ଣା ବଜାରରେ ଶିକ୍ଷା ସୁରକ୍ଷା ମଞ୍ଚ ପକ୍ଷରୁ ପ୍ରତାରଣପ୍ରତ୍ୟ ବଞ୍ଚନ କରାଯାଇଛି ।

ବାଲେଶ୍ୱର: ରାତ୍ରିକାଳୀନ ଚଢ଼ାଉରେ ୧୯ଟି ଗାଡ଼ି ଓ ୪୦ କିଲୋଗ୍ରାମ ବିସ୍ଫୋରକ ଜବତ

ବାଲେଶ୍ୱର, ୩୧/୦୫ (ଆ.ପ୍ର) : ଜିଲ୍ଲାରେ ଅବୈଧ ଖଣି ଉତ୍ତୋଳନ ଓ ଲଘୁଭାର ଖଣିଜ ପଦାର୍ଥର ଅବୈଧ ପରିବହନ ବିରୋଧରେ ଚାଲିଥିବା କଡ଼ା କାର୍ଯ୍ୟାନୁଷ୍ଠାନ ସ୍ୱରୂପ ଗତିରେ ଜିଲ୍ଲାର ବିଭିନ୍ନ ସ୍ଥାନରେ ଚଢ଼ାଉ କରାଯାଇ ୧୯ଟି ଗାଡ଼ି ଜବତ କରାଯିବା ସହ ପ୍ରାୟ ୪୦ କିଲୋଗ୍ରାମ ବିସ୍ଫୋରକ ଦ୍ରବ୍ୟ ଉଦ୍ଧାର କରାଯାଇଛି । ବାଲେଶ୍ୱର ଖଣି ଅଧିକାରୀଙ୍କ ନେତୃତ୍ୱରେ ଜିଲ୍ଲାର ଜୁନିୟର ମାଇନିଂ ଅଫିସର (ଜେ.ଏମ.ଓ)ମାନେ ସ୍ଥାନୀୟ ପୁଲିସର ସହଯୋଗରେ ଏହି ସମନ୍ୱିତ ଚଢ଼ାଉ ଅଭିଯାନ କରିଛନ୍ତି । ବାଲି, ମୋରମ ଓ ଷ୍ଟୋନ୍ ଚିପର ଅବୈଧ ଉତ୍ତୋଳନ ଏବଂ ପରିବହନ ହେଉଥିବା ସନ୍ଦେହରେ ବିଭିନ୍ନ ସ୍ଥାନରେ ଏହି ଅଭିଯାନ କରାଯାଇଥିଲା ବୋଲି ପ୍ରକାଶ । ଏହି ଅଭିଯାନ ସମୟରେ ସିମୁଳିଆ ଥାନା ଅଂଚଳରୁ ବାଲି ବୋଝେଇ ଦୁଇଟି ହାଇଡ୍ରା ଟ୍ରକ୍‌କୁ ଅଟକ ରଖାଯାଇ ପୁଲିସ ଜିମାରେ ଦିଆ ଯାଇଥିବା ବେଳେ ବସୁଦ୍ଧି ଅଂଚଳରୁ ବାଲି ବୋଝେଇ ଗୋଟିଏ ହାଇଡ୍ରା ଜବତ କରାଯାଇଥିଲା । ସେହିପରି ଜଳେଶ୍ୱର ଥାନା ଅଂଚଳରୁ ଆଉ ଦୁଇଟି ବାଲି ବୋଝେଇ ହାଇଡ୍ରାକୁ ଅଟକ ରଖା ଯାଇଥିଲା । ଜଳେଶ୍ୱର ତହସିଲ ଅଂଚଳରେ ମ

ସମ୍ପାଦକ
ଆରମ୍ଭ
SEITHO ARAMBHA
ସୋମବାର, ୧ ଜୁନ୍, ୨୦୨୬ : ବାଲେଶ୍ୱର : ପୃଷ୍ଠା -୪

ଅନ୍ୟକୁ ଦୁଃଖ ଦେଇ ଯେଉଁ ସୁଖ ଲାଭ କରାଯାଏ, ସେ ସୁଖ ଆଦୌ ଲୋଡ଼ା ନୁହେଁ
- ବୁଦ୍ଧଦେବ

ସମ୍ପାଦକୀୟ...

ପୁନରୁଦ୍ଧାର ଜରୁରୀ

ଭାରତୀୟଙ୍କ ଲୋକ କଳା, ପରମ୍ପରା ଓ ସଂସ୍କୃତି ଆମ ଜାତିର ମୂଲ୍ୟବୋଧକୁ ଗୌରବାନ୍ୱିତ କରିବା ଦିଗରେ ବିଶେଷ ସହାୟକ ହୋଇଥାଏ । ଆମ ଦେଶର ଲୋକ କଳା ମଧ୍ୟରେ ଘୋଡାନାଚ, ଜେନା ଜେନୁଣୀ ନାଚ, ଚାଉଁଣି ରାଣୀ ଖେଳ, ଦାସ କାଠିଆ, ପାଲା, ଖଞ୍ଜଣୀ ଗଜନ, ସଂଙ୍କୀର୍ତ୍ତନ ମଣ୍ଡଳୀ ପ୍ରମୁଖ ଆମ ଐତିହ୍ୟ ଓ ସଂସ୍କୃତିର ଅବିଚ୍ଛେଦ୍ୟ ସମ୍ବନ୍ଧ । ଏବେ ଏସବୁ ଲୋକ କଳା ପ୍ରୋତ୍ସାହନ ଅଭାବରୁ ବିଲୁପ୍ତ ହେବାକୁ ବସିଲାଣି । ଏହାର ପ୍ରମୁଖ କାରଣ ରାଜ୍ୟ ଓ କେନ୍ଦ୍ର ସରକାରଙ୍କ ଏହି ଲୋକ କଳାର ପ୍ରଚାର ଓ ପ୍ରସାର ଦିଗରେ ଆନ୍ତରିକତା ମଜୋଲାଭାବର ଅଭାବ ପରିଲକ୍ଷିତ ହେଉଛି । ଫଳରେ ପ୍ରାଚୀନ ଐତିହ୍ୟ ଓ ସଂସ୍କୃତିର ମହାନତାକୁ ବିଶ୍ୱ ଦରବାରରେ ଗୌରବାନ୍ୱିତ କରୁଥିବା ଲୋକ କଳା ଏବେ ଅବହେଳିତ ଦ୍ୱାରଦେଶରେ ବଞ୍ଚାୟମାନ ହେବା ଭଳି ପରିସ୍ଥିତି ବେଶ ଗତି କରୁଛି । ଏହି ପ୍ରାଚୀନ ଲୋକ କଳା ଭାରତୀୟ ମହାନ ସଂସ୍କୃତି ଓ ପରମ୍ପରା ଦ୍ୱାରା ଭାରତ ବର୍ଷର ଐତିହ୍ୟ, ସଂସ୍କୃତି ଓ ପରମ୍ପରା ପ୍ରତି ଆଧ୍ୟାତ୍ମିକ ଚିନ୍ତା ଓ ଚେତନା ଜାଗ୍ରତ କରିବା ଦିଗରେ ବିଶେଷ ସହାୟକ ଦାୟିତ୍ୱ ନିର୍ବାହ କରିବା ଏକ ମାଇଲ ଖୁଣ୍ଟ ସଦୃଶ ବୋଲି ପ୍ରତୀୟମାନ ହୁଏ । ଭାରତୀୟ ପ୍ରାଚୀନ ପରମ୍ପରା ଅନୁଯାୟୀ ପୁରାତନ ଲଳନ ତଥା ଅଧୁନା ଓଡିଶା ପ୍ରଦେଶର ପୁରପଲ୍ଲୀରେ ଉତ୍ପାଦିତ ଶସ୍ୟକୁ ସୁରକ୍ଷାରେ ଥିବା ଜିନିଷେ କୁଡି ସେଥିରୁ ତାଉଳ ସଂଗ୍ରହ କରି ଦୈନନ୍ଦିନ ଖାଦ୍ୟ ଭାବେ ଜୀବନ ଅତିବାହିତ କରୁଥିଲେ । ମାତ୍ର ଦୌଭାଗ୍ୟକ୍ରମେ ଯୁଗର ତାଳତାଳ ସ୍ଥାନ କୌଶଳ ଯୋଗୁଁ ପ୍ରାଚୀନ ପରମ୍ପରାର ଏକ ପ୍ରାଚୀନ ଆୟୁଧ ଭିତି ପରମ୍ପରା ବିଲୁପ୍ତ ହୋଇଗଲାଣି । ସେହିପରି ପ୍ରାଚୀନ ଜାନପୁ ଓଡ଼ିଶା ତଥା ଭାରତର ବିଭିନ୍ନ ଗ୍ରାମାଂଚଳରେ ଯନ୍ତ୍ର ସହାୟତାରେ କୃଷି କ୍ଷେତକୁ ନଦୀ ଓ ପୁଷ୍କରିଣୀରୁ ପାଣି ମଗାଇ ବାଷ୍ପ ମାନେ ନିଜ ନିଜର ଜମିକୁ ଶସ୍ୟ ଶ୍ୟାମଳା କରି ଉତ୍ପାଦିତ ଖାଦ୍ୟ ଶସ୍ୟକୁ ପ୍ରାଚୀନ ଯୁଗରୁ ଲୋକିଲା ପେଟକୁ ଖାଦ୍ୟ ଯୋଗାଣ ଦିଗରେ ପ୍ରମୁଖ ଭୂମିକା ନିର୍ବାହ କରୁଥିଲେ । ତାହା ମଧ୍ୟ ସାମ୍ପ୍ରତିକ ଦୌଭାଗ୍ୟକ ଜ୍ଞାନ କୌଶଳର ପ୍ରଭାବରେ ବିଲୁପ୍ତ ହୋଇଗଲାଣି । ସେହିପରି ସେଣା ଓ ଶୋଳୁଥିବା ପ୍ରାଚୀନ ପରମ୍ପରା ଓ ସ୍ମୃତି ଧୂଂସାଭିମୁଖୀ । ଭାରତୀୟ ସଂସ୍କୃତି, ଐତିହ୍ୟ, ଆଧ୍ୟାତ୍ମିକ ଚିନ୍ତା ଚେତନାର ମହାନ ପରମ୍ପରା ମହାବିଷ୍ଣୁତ ସଂକ୍ରାନ୍ତି, ହନୁମାନ ଜୟନ୍ତୀ ତଥା ପଣା ସଂକ୍ରାନ୍ତି ସର୍ବୋପରି ଓଡ଼ିଆ ନୂଆବର୍ଷ ପାଳନ କରିବା ପାଇଁ ଆମ ବଂଶର ମାନଙ୍କର କୁଣ୍ଠାବୋଧ କଣ ପାଇଁ ତାହା ସାମ୍ପ୍ରତିକ ବିଧି ବ୍ୟବସ୍ତା ମଧ୍ୟରେ ଜଳ ଜଳ ହୋଇ ଦୃଶ୍ୟମାନ ହେଉଛି । ନିଜର ଐତିହ୍ୟ, ସଂସ୍କୃତି ଓ ପରମ୍ପରାକୁ ଭୁଲି ଆମର ବଂଶର ମାନେ ପାଶ୍ଚାତ୍ୟ ସଭ୍ୟତାର ମାୟାରେ ବାୟା ହୋଇ ଆମ ଦେଶ ଭାରତ ବର୍ଷ ଓ ଓଡିଶା ପ୍ରଦେଶର ପ୍ରବାଳ ଐତିହ୍ୟ, ସଂସ୍କୃତି ଓ ପରମ୍ପରାକୁ ଭୁଲିଯିବା କେବେଦୂର ଯୁକ୍ତି ଯୁକ୍ତ ତାହା ଆମ ଭାରତୀୟ ସଂସ୍କୃତିର ଚାତବଣ୍ଡା ବଂଶର ମାନଙ୍କୁ ପ୍ରଶ୍ନ କରାଯାଇପାରେ । ବିଶ୍ୱରେ ଭାରତୀୟ ସଂସ୍କୃତି, ଐତିହ୍ୟ ଓ ପରମ୍ପରା ଏକ ସ୍ୱତନ୍ତ୍ର ପରିଚୟ ରହିଛି । ଭାରତୀୟ ସଂସ୍କୃତିକୁ ଗୌରବାନ୍ୱିତ କରି ଆମ ବଂଶର ମାନଙ୍କ ମଧ୍ୟରେ ବୁଝିଆଣା ପରି କଥା ବାଣ୍ଟି ଥିବା ପାଶ୍ଚାତ୍ୟ ସଭ୍ୟତାର ଛାପକୁ ବିଲୁପ୍ତ କରି ଧର୍ମ ଓ ଆଧ୍ୟାତ୍ମିକ ମାର୍ଗରେ ପରିଚାଳିତ ହେବା ଦିଗରେ ଯତ୍ନବାନ ହେବାକୁ ପ୍ରୟାସ କରିବା ଜରୁରୀ ହୋଇପଡ଼ିଛି । ଭାରତୀୟ ସଂସ୍କୃତିର ମହାନ ପର୍ବ, ଲୋକ କଳା, ସଂସ୍କୃତି ଓ ପରମ୍ପରାକୁ ବଂଚାଇ ରଖିବା ପାଇଁ କଳା, ସଂସ୍କୃତି ଓ ପରମ୍ପରାର ରାଜ୍ୟ ଓଡ଼ିଶା ତଥା ଭାରତ ବର୍ଷର ଭବିଷ୍ୟତ ପିଢି ମାନେ ଏବେ ଠାରୁ ସଜାଗ ନ ହେଲେ ଉର୍ଦ୍ଧ ପ୍ରାଚୀନ ସଂସ୍କୃତି ଓ ପରମ୍ପରାକୁ ଜନମାନସର ଚିତ୍ତପଟ୍ଟରେ ଅଦୃଶ୍ୟ ହୋଇଯିବ ଏଥିରେ ଦ୍ୱିମତ ନାହିଁ । ଭାରତୀୟ ପ୍ରାଚୀନ ଲୋକନୃତ୍ୟ, ଲୋକ କଳା, ସଂସ୍କୃତି ଓ ପରମ୍ପରା ଜୀବନ୍ତିତ ରଖିବା ପାଇଁ ରାଜ୍ୟ ଓ କେନ୍ଦ୍ର ସରକାର ଯତ୍ନବାନ ହୋଇ ଏହାର ପୁନରୁଦ୍ଧାର ପାଇଁ କାର୍ଯ୍ୟ କରିବା ଅତ୍ୟନ୍ତ ଜରୁରୀ ହୋଇପଡ଼ିଛି ।

ଦୁଆର ମୁହଁରେ ବ୍ୟାଙ୍କ

॥ ସୁକାନ୍ତ ଛାଟୋଇ ॥

ଆଜିକାଲି ବ୍ୟାଙ୍କ ସେବା କେବଳ ଆପଣଙ୍କ ପାଖରେ ପହଞ୍ଚି ପାରିବି ବଡ଼ କଥା ଅପ୍ରାଧୁନିକ ମୋବାଇଲ ଫୋନ ଦ୍ୱାରା ସବୁ ସମ୍ଭବ ହୋଇପାରୁଛି । ସରକାର ଲୋକମାନଙ୍କ ପାଖରେ ଜିପରି ବ୍ୟାଙ୍କିଙ୍ଗର ସାମଗ୍ରିକ ଭାବେ ସମସ୍ତ ସେବା ପହଞ୍ଚାଇ ପାରିବ ଏ ନେଇ ଦିନକୁ ଦିନ ଅନେକ ଯୋଜନା ଓ କାର୍ଯ୍ୟକ୍ରମ ହାତକୁ ନେଉଥିବା ବେଳେ ବ୍ୟାଙ୍କମାନେ ମଧ୍ୟ ଏ କ୍ଷେତ୍ରରେ ବହୁ ସହାୟତା, ସହଯୋଗର ହାତ ବଢ଼ାଇଆସୁଛନ୍ତି । ତେବେ ଗୋଟିଏ ଗୁରୁତ୍ୱପୂର୍ଣ୍ଣ କଥା ହେଉଛି ଆମ ସମାଜର ବରିଷ୍ଠ ନାଗରିକ ତଥା ଦିବ୍ୟାଙ୍ଗ ମାନଙ୍କ ପାଇଁ ବ୍ୟାଙ୍କିଙ୍ଗ ବ୍ୟବସ୍ତାରେ ଅନେକ ସେବା ସବୁ ରହିଛି । ସେହି ସେବା ସମ୍ବନ୍ଧରେ ଆମେ ଆଜି ଛୋଟିଆ ଆଲୋଚନାଟି ଏଠାରେ ରଖୁଛୁ ।

ବରିଷ୍ଠ ନାଗରିକ ତଥା ଦିବ୍ୟାଙ୍ଗ ଗ୍ରାହକମାନଙ୍କ ପାଇଁ ବ୍ୟାଙ୍କ ଶାଖାକୁ ଯାଇ ଆର୍ଥିକ କାରବାର କରିବା ସମୟରେ କଷ୍ଟକର ହୋଇଥାଏ । ଡିଜିଟାଲ ବ୍ୟାଙ୍କିଙ୍ଗ ମାଧ୍ୟମରେ ଆଜିକାଲି ବିଭିନ୍ନ ସେବା ମିଳୁଥିଲେ ହେଁ ଅନେକ ବରିଷ୍ଠ ନାଗରିକ ମୋବାଇଲ ଫୋନ ବା କମ୍ପ୍ୟୁଟର ମାଧ୍ୟମରେ ଏ ସବୁ କାରବାର କରିବାକୁ ସକ୍ଷମ ନୁହନ୍ତି । ସେହିମାନଙ୍କ ପାଇଁ 'ଡୋର ଷ୍ଟେପ ବ୍ୟାଙ୍କିଙ୍ଗ' ବା 'ଦୁଆର ମୁହଁରେ ବ୍ୟାଙ୍କ ସେବା' ବ୍ୟବସ୍ତା ବରଦାନ ସଦୃଶ । ୨୦୨୦ ମସିହା ସେପ୍ଟେମ୍ବର ୯ ତାରିଖରେ କେନ୍ଦ୍ର ଅର୍ଥମନ୍ତ୍ରୀଙ୍କ ଦ୍ୱାରା ପବ୍ଲିକ ସେକ୍ଟର ବ୍ୟାଙ୍କ ରିଫର୍ମ କାର୍ଯ୍ୟସୂଚୀ ଅଧୀନରେ ଆରମ୍ଭ କରାଯାଇଥିବା ଏହି ବ୍ୟବସ୍ତାରେ ପଞ୍ଜୀକୃତ ଗ୍ରାହକମାନେ ଘରେ ବସି ଅନେକଗୁଡ଼ିଏ ବ୍ୟାଙ୍କସେବା ପାଇପାରିବେ । ଫୋନ, ମୋବାଇଲ ଆପ ବା ୱେବ ପୋର୍ଟାଲ ମାଧ୍ୟମରେ ଯୋଗାଯୋଗ କଲେ ଅଧିକୃତ ବ୍ୟାଙ୍କ କର୍ମଚାରୀ ଘରକୁ ଆସି ଏହି ସେବା ପ୍ରଦାନ କରିବେ । ସ୍ପାମ୍ପ ପବ୍ଲିକ ସେକ୍ଟର ବ୍ୟାଙ୍କରେ ଏହି ସେବା ଉପଲବ୍ଧି । ତେବେ ଏହାର କେତେକ ନିୟମ ରହିଛି ।

ଏବେ କେବଳ ୭୦ ବର୍ଷରୁ ଊର୍ଦ୍ଧ୍ୱ ବରିଷ୍ଠ ନାଗରିକ ତଥା ଦିବ୍ୟାଙ୍ଗ ଗ୍ରାହକମାନଙ୍କୁ ଏହି ସୁବିଧା ଦିଆଯାଉଛି । ଏହି ସୁବିଧା ପାଇବା ପାଇଁ ଆକାଉଣ୍ଟର କେୱାଇସି (ଆପଣଙ୍କ ଗ୍ରାହକକୁ ଜାଣନ୍ତୁ) ସଂପୂର୍ଣ୍ଣ ହୋଇଥିବା ଜରିତ ଏବଂ ମୋବାଇଲ ନମ୍ବର ଆକାଉଣ୍ଟ ସହ ପଞ୍ଜୀକୃତ ହୋଇଥିବା ଆବଶ୍ୟକ । କେବେ ବ୍ୟକ୍ତିଗତ ଖାତାଧାରକଙ୍କ ପାଇଁ ଏହି ସୁବିଧା ଉପଲବ୍ଧ । ଯୁଗ୍ମଖାତାଧାରକ ବା ନାବାଳକଙ୍କ ପାଇଁ ଏହି ସୁବିଧା ମିଳିବ ନାହିଁ । ଏଥିରେ ଟଙ୍କା ଜମା ଓ ଉତ୍ତୋଳଣ କେବଳ, ଡ୍ରାଫଟ, ଫିକ୍ସଡ ଡିପୋଜିଟ, ଟାକ୍ସ ଜମା ଆଦି ଆର୍ଥିକ କାରବାର ସହିତ ଆକାଉଣ୍ଟ ଷ୍ଟେଟମେଂଟ, ଲାଇଫ ସାର୍ଟିଫିକେଟ, ନୋମିନେସନ ଭଳି କେତେକ ଅଣଆର୍ଥିକ କାରବାର ମଧ୍ୟ ସାମିଲ । ନିଜର ଶାଖାରେ ପଞ୍ଜୀକରଣ କରାଇ ଗ୍ରାହକ ଏହି ସୁବିଧା ପାଇପାରିବେ । ଡୋରଷ୍ଟେପ ବ୍ୟାଙ୍କିଙ୍ଗ ଆପ ବା ପୋର୍ଟାଲ ମାଧ୍ୟମରେ ମଧ୍ୟ ପଞ୍ଜୀକରଣ କରାଯାଇ ପାରିବ । ବର୍ତ୍ତମାନ ବ୍ୟାଙ୍କର କେତେକ ନିର୍ଦ୍ଦିଷ୍ଟ ଶାଖାର ଏହି ସୁବିଧା ଉପଲବ୍ଧ ହୋଇଥିବାରୁ ସଂପୃକ୍ତ ବ୍ୟାଙ୍କର ଡ଼ୋରଷ୍ଟେପବେଙ୍କ ସମ୍ପର୍କରେ ଅଧିକ ତଥ୍ୟ ପାଇପାରିବେ । ଏହି ସୁବିଧାକୁ ଅଧିକ ସୁଗମ କରିବା ପାଇଁ ପବ୍ଲିକ ସେକ୍ଟର ବ୍ୟାଙ୍କମାନେ ମିଶି ଏବେ ପିଏସବି ଆଲାଏନସ ନାମରେ ଏକ ସଂସ୍ଥା ଗଠନ କରିଛନ୍ତି । www.psballiance.com ସାଇଟରେ ସେ ସମ୍ପର୍କରେ ସମସ୍ତ ତଥ୍ୟ ଉପଲବ୍ଧ ।

ତେବେ ଏହି ବ୍ୟାଙ୍କିଙ୍ଗ ବ୍ୟବସ୍ତା ଭିତରେ ଆପଣଙ୍କ ପାଇଁ ଏକ ଗୁରୁତ୍ୱପୂର୍ଣ୍ଣ ବିଷୟଟି ହେଉଛି ଆପଣ ଆପଣଙ୍କ ସମ୍ବନ୍ଧୀୟ ବିଶେଷ କରି ଓଟିପି ନମ୍ବର ବା କୌଣସି ସିକ୍ରେଟ ପିନଲୋଡ଼ ଅନ୍ୟ କାହାକୁଳି ଜଣାଣୁ ନାହିଁ । ମୋବାଇଲ ଫୋନରେ କୌଣସି ବ୍ୟାଙ୍କର ସେବା ସମ୍ବନ୍ଧରେ ଆପଣ ଅଧିକ ବୁଝିବା ପାଇଁ ଚାହିଁଥିଲେ ଆପଣଙ୍କ ପାସବୁକ ଥିବା ବ୍ୟାଙ୍କ ଶାଖା ଲେଡ଼ରୁ ଯାଇ ସହାୟତା ନିଅନ୍ତୁ । ଆପଣ ଆପଣଙ୍କର ବ୍ୟାଙ୍କ ସମ୍ବନ୍ଧୀୟ ସମସ୍ତ ଗୁରୁତ୍ୱପୂର୍ଣ୍ଣ କାଗଜପତ୍ର, ପାସବୁକ, ଚେକବୁକ, ଏଟିଏମ କାର୍ଡ଼ ଏସବୁ କେବଳ ଆପଣଙ୍କ ପରିବାରର ମୁଖ୍ୟ ବା ଗୁରୁତ୍ୱପୂର୍ଣ୍ଣ ବ୍ୟକ୍ତିଙ୍କ ଜ୍ୟାତ୍ତ ଅନ୍ୟ କାହାରିକୁ ଜଣାଣୁ ନାହିଁ । ଆପଣଙ୍କ ଦେଇରେ ଦସ୍ତଖତ କରି ଏହାକୁ ବ୍ଲାଙ୍କ ଭାବେ ରଖନ୍ତୁ ନାହିଁ । ତିରିମୁ ଫୁଡ଼ ଓ ଠକମାନେ ଆପଣଙ୍କୁ ଉନ୍ନତ ଓ ବିଶ୍ୱସନୀୟ ସେବା ସମ୍ପର୍କରେ କହିବେ ମଧ୍ୟ ଏହାକୁ ଅଣଦେଖା କରନ୍ତୁ । ଯାହାକିଛି ଦୁଃଖ ପାଇଁ ଚାହୁଁଛନ୍ତି ତାହା କେବଳ ନିଜସ୍ୱ ବ୍ୟାଙ୍କରେ ହିଁ ଏ ସମ୍ବନ୍ଧରେ ଜଣାଣୁ ଓ ସୁବିଧା ସୁଯୋଗ ହାସଲ କରନ୍ତୁ । ଆପଣଙ୍କର କୌଣସି ଅସାବଧାନତା କେବଳ ଆପଣଙ୍କର ନୁହେଁ ବ୍ୟାଙ୍କର ମଧ୍ୟ ମୂଲ୍ୟବାନ ସମୟ ଓ ଶ୍ରମଶକ୍ତି ନଷ୍ଟ କରିବ ଏ ଦିଗକୁ ଅଣଦେଖା ନକରି ଜଣେ ଜାଗ୍ରତ ନାଗରିକ ଭାବେ ନିଜ ସହିତ ବ୍ୟାଙ୍କକୁ ସବୁବେଳେ ସହାୟତାର ହାତ ବଢ଼ାନ୍ତୁ ।

ଗୋପବନ୍ଧୁ, ନୂଆ ବଜାର, କଟକ, ମୋବାଇଲ : ୮୨୪୯୨୬୦୬୨୧

ସମାଜରେ ବିଭିନ୍ନ ସ୍ୱରୂପ

॥ ସୁଶ୍ରୀ ଅଂଜନା ପଟ୍ଟନାୟକ ॥

ସମାଜ ଏକ ଦର୍ପଣ ପରି ହୋଇଥାଏ । ଆମେ ଯେଉଁଭଳି ବ୍ୟବହାର କରିବା, ସମାଜ ମଧ୍ୟ ଆମକୁ ସେପରି ପ୍ରତିଫଳନ ଦେଇଥାଏ । ସମାଜକୁ ବଦଳାଇବା ପୂର୍ବରୁ ନିଜକୁ ବଦଳାଇବା ଆବଶ୍ୟକ ହୋଇଥାଏ । ଜାତୀୟ ବ୍ୟକ୍ତିଗତ ପରିବର୍ତ୍ତନ ହିଁ ସମାଜର ପରିବର୍ତ୍ତନର ମୂଳଭୂତ । ଆମେ ସମାଜରୁ ଯାହା ପାଇଥଉ, ତାହା ଆମର ଜାତିକା ଅଟେ; କିନ୍ତୁ ଆମେ ସମାଜକୁ ଯାହା ଦେଇଥଉ, ତାହାହିଁ ଆମର ବ୍ୟକ୍ତିତ୍ୱ ଅଟେ । ଯେଉଁ ସମାଜ ପ୍ରଶ୍ନ କରିବା ଭୁଲିଯାଏ, ସେଠାରେ ସତ୍ୟ ହାରି ଯାଏ ଓ ଅନ୍ଧବିଶ୍ୱାସ ଜନ୍ମିଥାଏ । ପରିବର୍ତ୍ତନ ସମାଜର ନିୟମ ହେଲେବି ଆମ ସଂସ୍କାର ସମାଜର ଆତ୍ମା ଅଟେ । ସଂସ୍କାର ଯେଉଁଠି ବିଚ୍ୟୁତ ହୁଏ, ସେଠାରେ ଅସ୍ତିତ୍ୱ ଧୂଳିସାତ୍ ହୋଇଯାଏ । ଜ୍ଞାନୀ ଲୋକଙ୍କ ମାର୍ଗଦର୍ଶନ ଓ ମୂର୍ଖଲୋକଙ୍କ ଲୋଭାନ୍ଧତା ଗୋଟିଏ ସଭ୍ୟ ସମାଜ ପାଇଁ ବହୁତ ବଡ ବିଷୟ, ସେ ଶିକ୍ଷାକ୍ଷେତ୍ରରେ ହେଉ କିମ୍ବା ସାହିତ୍ୟ କ୍ଷେତ୍ରରେ ହେଉ କି ରାଜନୀତି କ୍ଷେତ୍ରରେ ହେଉ ସବୁ କ୍ଷେତ୍ରରେ ଆଜିର ସମୟରେ ସତ୍ୟର ଚରିଯାଉଛି ମିଥ୍ୟା ଚିତି ଯାଉଛି । ଜ୍ଞାନ ଆଗରେ ଅର୍ଥର ଓଜନଟି ବଢିଯାଉଛି । ଏମିତି ଅନେକ ଯୁକ୍ତିଟି ଅଛନ୍ତି, ସେମାନଙ୍କର ପାଖରେ ଜ୍ଞାନର ଅଭାବ ନାହିଁ କି କୌଶଳର ଅଭାବ ନାହିଁ । କିନ୍ତୁ ଯେଉଁମାନେ ଅର୍ଥ ଶକ୍ତିରେ ମଜଭୁତ ସେମାନେ ପ୍ରଥମେ ସୁଯୋଗ ପାଉଛନ୍ତି । ସେଠାରେ ଜ୍ଞାନଟି ହାରି ଯାଉଛି । ସବୁ କ୍ଷେତ୍ରରେ ପ୍ରତିଦ୍ୱନ୍ଦ୍ୱିତା ବଢିବଢି ଚାଲିଛି । ଜଣେ ଅନ୍ୟ ଜଣକୁ ପ୍ରଶଂସା ଟିକେ କରିବାପାଇଁ କୁଣ୍ଠାବୋଧ କରୁଛନ୍ତି । ସମାଜୋନ୍ନୟନ ଶାଳାରେ ଅନେକ ପ୍ରତିଭା ବନି ପରୁଛନ୍ତି ।ସମାଜରେ ଉପରକୁ ହାତଧରି ନେବା ଲୋକ କମ୍, ବଟ ଗୋଟ ଟାଣିବା ଲୋକ ବହୁତ ହୋଇଗଲେଣି । କିଏ ନିଜର ସ୍ୱାର୍ଥ ପାଇଁ ତ କିଏ ନିଜର ଆତ୍ମବଢ଼ିମା ପାଇଁ ଅନ୍ୟକୁ ଛୋଟ କରିବାର ପ୍ରଚେଷ୍ଟାରେ ଲାଗି ପଡିଛନ୍ତି । ସବୁ କ୍ଷେତ୍ରରେ ରାଜନୀତି ଚାଲିଛି ।ବୋଧା ଏଠି ଗିର୍ଦ୍ଦୀର ଆଜି ନିଜର ପରିବର୍ତ୍ତ ସୃଷ୍ଟି କରୁଛି ।ଆଉ ନିର୍ଦ୍ଦେଶ ଲୋକକୁ ମିଥ୍ୟା ଅଭିଯୋଗର ପ୍ରମାଣ ବେଳ ଦେଖୁଛି କରାଯାଉଛି । ବେଳେବେଳେତ ପ୍ରଶ୍ନ ଆସୁଛି ଇତିହାସରେ ସମାଜର ଚିତିଲୁମି କିପରି ଥିଲା ଏବଂ ବର୍ତ୍ତମାନ ଲଣ ରହିଛି । ସେହି ସଭ୍ୟତା, ସଂସ୍କୃତି, ପରମ୍ପରା ଓ ସଂସ୍କାର ସବୁ ଗଲେଣି ଗଲାଣି ।ସବୁ କାର୍ଯ୍ୟ କେବଳ ଲୋକଦେଖାଇବା ପାଇଁ ଓ ନିଜର ପ୍ରଶଂସା ଶୁଣିବାପାଇଁ କରାଯାଉଛି । ଏହା ସମାଜର ଅସ୍ତିତ୍ୱର ବିଲୋପର ଲକ୍ଷଣ ସାଜିବନିତ ? ଏଇ ପ୍ରଶ୍ନ ଆସୁଛି ମନରେ । ସେହି ସମାଜ ଅଧିକ ଶକ୍ତିଶାଳୀ ହୋଇଥାଏ, ଯେଉଁଠି ବ୍ୟକ୍ତିଗତ ସ୍ୱାର୍ଥ ଅପେକ୍ଷା ସାମୁହିକ ସ୍ୱାର୍ଥକୁ ପ୍ରାଧାନ୍ୟ ଦିଆଯାଏ ।ସମାଜ କେବଳ ବ୍ୟକ୍ତିମାନଙ୍କର ସମଷ୍ଟି ନୁହେଁ ବରଂ ଏକ ମାନବ ଜୀବନର ଜୀବନ୍ତ ପ୍ରତିଫଳନ । ଆମେ ନିଜେ ସଚେତନ ହେବା,ଆମ ସମାଜକୁ ଲେଖି ଦିଗକୁ ନେବାକୁ ଚାହୁଁଛୁ । ଆମ ସମାଜ ଅଗ୍ରଗତି ଦିଗରେ ଅଛି ମା ନିଜ ଅସ୍ତିତ୍ୱର ବିକୋପ ଦିଗରେ ଗତି କରୁଛି,ଏହା ଆମ ସମ୍ବନ୍ଧର ପାଇଁ ପ୍ରଶ୍ନବାଚୀ ।

ଅଧ୍ୟାପିକା, ପାରଳାଖେମୁଣ୍ଡି, ଗଜପତି
ମୋ:୮୦୯୩୫୩୨୫୩୪

ସ୍ୱାସ୍ଥ୍ୟ ଓ ସୌଭାଗ୍ୟ ପାଇଁ ଲୁଣ

॥ ଉତ୍କଳାନନ୍ଦ ଅଜୟ କୁମାର ବେହେରା ॥

ଆମ ଦିନଦିନିଆ ଜୀବନରେ ଲୁଣର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି । ଅଥାରେ ତି ରହିଛି ଲୁଣର ଗୁଣ । ଆମ ଓଡ଼ିଆରେ ଏକ ଲୋକପ୍ରିୟ ଧାଡ଼ିଟି ହେଉଛି - 'ଲୁଣ ଖାଇଛି ମାନେ ଗୁଣ ଗାଇବ ।' ଲୁଣ କେବଳ ରୋଷେଇରେ ବ୍ୟବହୃତ ହୁଏ ତାହା ନୁହେଁ । ଘରର ସୁଖ-ଶାନ୍ତିକିଦାରେ ତଥା ଶରୀରର ଅତ୍ୟପଣକୁ ଦୂର କରିବାରେ ତି ଲୁଣର ବିଶେଷ ଭୂମିକା ରହିଛି । ଯେମିତିକି ଲୁଣ ପାଣିରେ ଘର ପୋଛିଲେ ନକରାତ୍ମକ ଢର୍ଜା ନଷ୍ଟ ହୋଇ ଘରେ ଶାନ୍ତି ବୃଦ୍ଧି ପାଇଥାଏ ବୋଲି ବିଶ୍ୱାସ ଅଛି । ଏହା ଖରାପ ନଜରରୁ ମଧ୍ୟ ବ୍ୟକ୍ତିଙ୍କୁ ସୁରକ୍ଷା ଦେଇଥାଏ । ଭୌତିକ ବ୍ୟକ୍ତି ବା ପିଲାଙ୍କୁ କାହାର ଖରାପ ନଜର ଲାଗିଥିଲେ, କିଛି ଲୁଣକୁ ନେଇ ତାଙ୍କ ଚାରିପଟେ ତିନିଥର ବୁଲାଇ ତାହାକୁ କାହାରେ ପୋପାଡ଼ିଦେବେ ଏହି ସମସ୍ୟାରୁ ମୁକ୍ତି ମିଳିଥାଏ ବୋଲି ଲୋକବିଶ୍ୱାସ ରହିଛି । ଗାଡ଼ିରେ ଶୋଇବା ପୂର୍ବରୁ ପାଣିରେ କିଛି ଲୁଣ ମିଶାଇ ହାତପାଦ ଧୋଇ ଦେଲେ ଥକ୍ୱାପଣ ଦୂର ହେବା ସହ ନିଦ ଭଲ ହୋଇଥାଏ ।

ସେହିପରି ଘରେ କୌଣସି ବ୍ୟକ୍ତି ବହୁତ ଦିନ ରୋଗରେ ପଡ଼ିଥିଲେ, ଜାତ ବୋଦାଲରେ ଲୁଣ ଭରି କରି ତାଙ୍କ ଶେଯ ପାଖରେ ରଖି ସପ୍ତାହକୁ ସପ୍ତାହ ତାହାକୁ ବଦଳାଉଥିଲେ ଧୀରେ ଧୀରେ ରୋଗରୁ ଉପଶମ ମିଳିଥାଏ ବୋଲି ଜ୍ୟୋତିର୍ବିଦମାନେ ମତ ଦେଇଥାନ୍ତି । ଅନେକ ସମୟରେ ଦେଖାଯାଏ, ଘରେ କିଛି ବାସ୍ତୁ ଦୋଷ ଥିଲେ କିମ୍ବା ସର୍ବଦା କଳହ ଲାଗିକା ସହ ଅଯାକ ଦେଖା ଦେଉଥିଲେ କାହ ଗିନାରେ କିଛି ଲୁଣ ନେଇ ଗାଧୁଆ ଘରେ ରଖୁଦେଲେ ଭ୍ରମେ ବାସ୍ତୁଦୋଷ ଅପେ ଆପେ ସମାଧାନ ହୋଇଯାଏ ବୋଲି ବିଶ୍ୱାସ ରହିଛି । ଖାଇବା କଥା ତ ଅଲଗା । ଲୁଣ ବିନା ଖାଦ୍ୟ ଅରୁଚିକର କିଛି ଲୋକଙ୍କୁ ଲାଗିଥାଏ । ତେବେ ଲୁଣକୁ ନେଇ ଅନେକ କଥା ଓ କାହାଣୀ ରହିଛି । ସ୍ୱାସ୍ଥ୍ୟ ଦିଙ୍କାରେ ଲୁଣର ଭୂମିକା ମଧ୍ୟ ଗୁରୁତ୍ୱପୂର୍ଣ୍ଣ । ତେବେ ଲୁଣ ଯାହା ହେଉନା କାହିଁକି ସେ ଅନ୍ତରୀ ଆମ ମାନଙ୍କୁ ଜୀବନରେ ଯେଉଁ ଯେଉଁମାନେ ଆମମାନଙ୍କର ଉପକାର କରିଛନ୍ତି ସେମାନଙ୍କ ପ୍ରତି କୃତଜ୍ଞତା ରହିବାର ଜ୍ଞାନ ଶିକ୍ଷା ଦେଇଥାଏ ।

ବରେଣ୍ୟ ବାଣୀ' ପିସି ସରକାର ଲେନ୍, ଅନୁଶୋଚନ ମାର୍କେଟ, କଟକ,
ମୋ : ୯୪୩୭୦୩୧୨୫୩

କଙ୍ଗୋ ଗଣରାଜ୍ୟର 'ଇବୋଲା' ନଦୀକୂଳର ଏକ ଗ୍ରାମ : 'ଇବାଲୋ': ସଂକ୍ରମଣ ଓ ସତର୍କତା

॥ ପ୍ରଫେସର ଡାକ୍ତର ଉମେଶ ଚନ୍ଦ୍ର ପାତ୍ର ॥

ଇବୋଲା ଭାଇରସକୁ ନେଇ ରାଜ୍ୟ ସରକାର ସଚୀତ୍ରକ ସୁରକ୍ଷା ପ୍ରସ୍ତୁତିରେ ରହିଛନ୍ତି । କେନ୍ଦ୍ର ସ୍ୱାସ୍ଥ୍ୟ ବିଭାଗର ନିର୍ଦ୍ଦେଶ ଆଧାରିତ ପରିଚାଳନା ଦେଇ ସମସ୍ତ ସରକାରୀ ଭାବେ ପ୍ରସ୍ତୁତି ଜୋରଦାର କରାଯାଇଛି । ବିଶେଷକରି ଆଫ୍ରିକୀୟ ଦେଶରୁ ଫେରୁଥିବା ଯାତ୍ରୀଙ୍କ ଶରୀରରେ ଯଦି ଇବୋଲା ଲକ୍ଷଣ ଚିହ୍ନଟ ହୁଏ ତେବେ ତାଙ୍କୁ ଭୁବନେଶ୍ୱର ଏମ୍ସକୁ ପଠାଯିବ ବୋଲି ଜନସ୍ୱାସ୍ଥ୍ୟ ବିଭାଗର ତରଫରୁ ସୂଚାଦିଆଯାଇଛି । ଯଦି ଇବୋଲା ମାମଲା ରିପୋର୍ଟ ହୁଏ ତେବେ ଏମ୍ସରେ ଏକୋଇଶ ଦିନ ପର୍ଯ୍ୟନ୍ତ ସଂଗୋପରେ ରଖାଯିବ । ଏଥିପାଇଁ

ଦୈନିକ
ଆରମ୍ଭ
SEITHO ARAMBHA
ସୋମବାର, ୧ ଜୁନ୍, ୨୦୨୬ : ବାଲେଶ୍ୱର : ପୃଷ୍ଠା -୫

ପରିଗଣନା ଫର୍ମ ବାଂଟିଲେ ଉପଜିଲ୍ଲାପାଳ 'ଏସ ଆଇଆର'କୁ ନେଇ ବାଲିଗୁଡା ବାସୀଙ୍କ ମଧ୍ୟରେ ପ୍ରବଳ ଉତ୍ସାହ

ବାଲିଗୁଡା, ୩୧/୦୫ (ଆ.ପ୍ର) : କନ୍ଧମାଳ ଜିଲ୍ଲାରେ ଆଜିଠୁ ପରିଗଣନା ଫର୍ମ ବଂଟନ ଆରମ୍ଭ ହୋଇଛି । ସ୍ଥାନୀୟ ବିଏଲ ଓ ଉପଜିଲ୍ଲାପାଳ ତଥା ଉପଖଣ୍ଡ ନିର୍ବାଚନ ଅଧିକାରୀ ପ୍ରଣୀତାଙ୍କୁ ପରିଗଣନା ଫର୍ମ ପ୍ରଦାନ କରିଥିଲେ । ଉପ ଜିଲ୍ଲାପାଳ ବାଲୁ ସୁନ୍ଦର ଲେଖିଦା ସହିତ ବାଲିଗୁଡା ସହରର ତିନିନୁ ଅଂଚଳକୁ ଯାଇ ପରିଗଣନା ଫର୍ମ ବଂଟନ କରି ବିଏଲଓ ଏବଂ ଜନସାଧାରଣଙ୍କୁ ଉତ୍ସାହିତ କରିଥିଲେ । ଉପ ଜିଲ୍ଲାପାଳ ଏସ ଆଇ ଆର ସମ୍ପର୍କିତ ପ୍ରତିକ୍ରିୟାରେ କହିଛନ୍ତି ଯେ, ଶନିବାର ଠାରୁ ଆରମ୍ଭ ହୋଇଥିବା ଜିଲ୍ଲାର ସମସ୍ତ ଅଂଚଳରେ ପରିଗଣନା ଫର୍ମ ବଂଟନ ଆବଶ୍ୟକ ଭଳି ୨୮ ତାରିଖ ପର୍ଯ୍ୟନ୍ତ ଜାରି ରହିବ । ଏହି ଅଭିଯାନରେ ବୁଥ୍ ସ୍ତରୀୟ ଅଧିକାରୀ (ବିଏଲଓ) ମାନେ ପ୍ରତ୍ୟେକ ଘରକୁ ଯାଇ ଲୋଡଗମାନଙ୍କୁ ପରିଗଣନା ଫର୍ମ ବଣ୍ଟିଦେବେ । ଏହି ଫର୍ମରେ ଲୋଡଗଙ୍କ ପୁରୁଣା ତଥ୍ୟ ସହ ଏକ ନୂତନ ଫଟୋଗ୍ରାଫ୍ ଲଗାଇବା ପାଇଁ ସ୍ଥାନ ରହିଛି । ଲୋଡର ମାନେ ନିଜର ଏବଂ ନିଜ ପରିବାର ସଦସ୍ୟଙ୍କ ସଠିକ୍ ବିବରଣୀ ଯେପରିକି- ଜନ୍ମ ତାରିଖ, ଆଧାର ନମ୍ବର, ମୋବାଇଲ୍ ନମ୍ବର ଏବଂ ଲୋଡର ଭୂମିର ନମ୍ବର ଆଦି ପୂରଣ କରିବେ । କୌଣସି ସନ୍ଦେହ ଉପୁଜିଲେ, ଫର୍ମରେ ଉଲ୍ଲେଖ ଥିବା ହିଏଲ୍‌ପର୍ ମୋବାଇଲ୍ ନମ୍ବରରେ ଲୋକେ ସିଧାସଳଖ ଯୋଗାଯୋଗ କରିପାରିବେ । ଫର୍ମ ବାଂଟିବାର କିଛି ଦିନ ପରେ ବିଏଲ୍‌ମାନେ ପୁଣିଥରେ ଘରକୁ ଆସି ପୂରଣ ହୋଇଥିବା ଫର୍ମଗୁଡ଼ିକୁ ସଂଗ୍ରହ କରିବେ । ଏଥିସହିତ ସେମାନେ ଦୁଇଟି ଫର୍ମରୁ ଗୋଟିଏ ନିଜ ସହ ନେବେ ଏବଂ ନାଗରିକମାନଙ୍କୁ ପ୍ରମାଣ ସ୍ୱରୂପ ଅନ୍ୟ ଫର୍ମ ଦସ୍ତଖତ କରି ପ୍ରଦାନ କରିବେ । ଲୋଡର ତାଲିକାରେ ବାଦ୍ ପଡ଼ିଥିବା ଯୋଗ୍ୟ ଲୋଡରଙ୍କୁ ସାମିଲ କରିବା ଏବଂ ଅଯୋଗ୍ୟଙ୍କ ନାମ ହଟାଇବା ଦେଇଛି ଏହି କାର୍ଯ୍ୟକ୍ରମ ମର ମୂଳ ଲକ୍ଷ୍ୟ । ଯେଉଁମାନେ ବାଙ୍କରେ ରହୁଛନ୍ତି କିମ୍ବା ଅଫଲାଇନରେ ଫର୍ମ ପୂରଣ କରିପାରିବେ ନାହିଁ, ସେମାନେ ଜରିଆରେ ଅନଲାଇନ୍ ମାଧ୍ୟମରେ ନିଜର ଆବେଦନ ଦାଖଲ କରିପାରିବେ, ଯାହାକୁ ପରେ ବିଏଓ ଏବଂ ଇଆରଓ ଯାଂଚ କରିବେ । ଏହି ଗୁରୁତ୍ୱପୂର୍ଣ୍ଣ ପ୍ରକ୍ରିୟାକୁ ସଫଳ କରିବା ନିମନ୍ତେ ବିଏଓ ଏବଂ ଅନ୍ୟାନ୍ୟ ଅଧିକାରୀ ମାନଙ୍କୁ ସମ୍ପୂର୍ଣ୍ଣ ସହଯୋଗ କରିବା ପାଇଁ ତାଲିଗୁଡା ବାସୀଙ୍କୁ ଉପ ଜିଲ୍ଲାପାଳ ଅନୁରୋଧ କରିଛନ୍ତି ।

ରୋଗୀଙ୍କ ଉପରେ ଖସିଲା ଛାତର ସିଲିଂ ଅଳ୍ପକେ ବର୍ତିଲେ ରୋଗୀ

ପାରଳାଖେମୁଣ୍ଡି, ୩୧/୦୫ (ଆ.ପ୍ର) : ଗଜପତି ଜିଲ୍ଲା ସଦରମହକୁମା ପାରଳାଖେମୁଣ୍ଡି ସ୍ଥିତ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଏକ ଅପ୍ରାକୃତିକ ଘଟଣା ଘଟିଛି । ଚିକିତ୍ସା ପାଇଁ ଆସିଥିବା ଜଣେ ରୋଗୀଙ୍କ ଉପରେ ହଠାତ୍ କେବିନ ଛାତର ସିଲିଂ ଖସି ପଡ଼ିଥିଲା । ସୌଭାଗ୍ୟ ବଶତଃ ଏହି ଘଟଣାରେ କୌଣସି ବଡ଼ ଅଘଟଣ ଘଟିନଥିବା ଦେଖେ ରୋଗୀ ଅଳ୍ପରେ ବଡି ଯାଇଛନ୍ତି । ସୂଚନା ଅନୁସାରେ, ପାରଳାଖେମୁଣ୍ଡିର ସାମୁଟିଆ ସାହିର ବାସିନ୍ଦା ଉବଶ୍ରୀ ହବବର ଏକ ଅପରେସନ ପାଇଁ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ସ୍ୱତନ୍ତ୍ର କେବିନ ନମ୍ବର ୬୩ରେ ଭର୍ତ୍ତି ହୋଇଥିଲେ । ଡ୍ରେସିଂ ସରିବା ପରେ ସେ କେବିନ ଭିତରେ ବିଶ୍ରାମ କରୁଥିବା ବେଳେ ହଠାତ୍ ଛାତର ସିଲିଂଟି ଖସି ପଡ଼ିଥିଲା । ଘଟଣାରେ ରୋଗୀ ଭୟଭୀତ ହୋଇପଡ଼ିଥିବା ବେଳେ ଅଳ୍ପକେ ବଡ଼ ବିପଦରୁ ରକ୍ଷା ପାଇଛନ୍ତି । ଘଟଣା ପରେ ଚିକିତ୍ସାଳୟ ଚିତିକୁମି ଓ ରକ୍ଷଣାବେକ୍ଷଣ ବ୍ୟବସ୍ଥାକୁ ନେଇ ପ୍ରଶ୍ନ ଉଠିଛି । ରୋଗୀ ଓ ତାଙ୍କ ପରିବାର ଲୋକେ ଚିକିତ୍ସାଳୟ କର୍ତ୍ତୃପକ୍ଷଙ୍କ ଅବହେଳା ନେଇ ଅସନ୍ତୋଷ ପ୍ରକାଶ କରିଛନ୍ତି । ଚିକିତ୍ସାଳୟ କର୍ତ୍ତୃପକ୍ଷ ଘଟଣାର ତଦନ୍ତ କରି ଉଚିତ୍‌ଭାବରେ ଏଭଳି ଘଟଣାର ପୁନରାବୃତ୍ତି ରୋକିବା ପାଇଁ ଆବଶ୍ୟକ ପଦକ୍ଷେପ ନେବାକୁ ବାଦି ହେଉଛି ।

ରାୟଗଡ଼ା ଜିଲ୍ଲା ଭାରତୀୟ ମଜଦୁର ସଂଘର ଜିଲ୍ଲାସ୍ତରୀୟ ବୈଠକ ଅନୁଷ୍ଠିତ

ରାୟଗଡ଼ା, ୩୧/୦୫ (ଆ.ପ୍ର) : ରାୟଗଡ଼ା ଜିଲ୍ଲା ଭାରତୀୟ ମଜଦୁର ସଂଘର ଜିଲ୍ଲା ବୈଠକ ଅନୁଷ୍ଠିତ ହୋଇଛି । ରାୟଗଡ଼ା ଗାଣ୍ଡିଗୁଡା ଫର୍ମ ଠାରେ ଜିଲ୍ଲା ସଭାପତି ମନନ ଗାଣ ମାଝି ସମ୍ପାଦକ ଗଣେଶ କୁମାର ସାହୁଙ୍କ ନେତୃତ୍ୱରେ ଅନୁଷ୍ଠିତ ବୈଠକରେ ଅତିଥି ଭାବେ ଶ୍ରମିକ ନେତା ତଥା ଭାରତୀୟ ମଜଦୁର ସଂଘର ରାଜ୍ୟ ଉପସଭାପତି ଯୋଗେଶ୍ୱର ଦାସ, ପ୍ରଭାରୀ ବିଶ୍ୱ ରଞ୍ଜନ ସାହା, ଯୋଗ ଦେଇ ବକ୍ତବ୍ୟ ମାସ ୨୧ ତାରିଖ ଦିନ ହେବାକୁ ଥିବା ଭାରତୀୟ ମଜଦୁର ସଂଘର ଜିଲ୍ଲା ସମ୍ମିଳନୀ ସହ ନୂତନ କାର୍ଯ୍ୟକର୍ତ୍ତା ଚୟନ କରାଯିବ ସେ ନେଇ ବିସ୍ତୃତ ଭାବେ ଆଲୋଚନା କରାଯାଇଥିଲା । ଆଗାମୀ ଦିନରେ ରାୟଗଡ଼ା ଜିଲ୍ଲାରେ ଭାରତୀୟ ମଜଦୁର ସଂଘ, ପଞ୍ଚାୟତ ଏବଂ ବ୍ଲକ ସ୍ତରରୁ ଜେଡ୍ ପର୍ଯ୍ୟନ୍ତ କିଲିଜି ସଂଗଠନକୁ ବିସ୍ତାର ଓ ମଜଭୁତ କରାଯିବ ତାପାଇଁ ପ୍ରସ୍ତୁତି କରାଯାଇଥିଲା ଏବଂ ବିଜିନୁ ସଂଗଠନର ସମ୍ପର୍କ ଦାବି ଗୁଡିକକୁ କିଲିଜି ବ୍ଲକ ଜିଲ୍ଲା ରାଜ୍ୟ ସ୍ତର ରେ ଆଲୋଚନା କରାଯାଇ ତାହାର ସମାଧାନ କରାଯିବା ପାଇଁ ଆଲୋଚନା କରାଯାଇଥିଲା । ଉକ୍ତ ବୈଠକରେ ଅଳ ଓଡିଶା ଅଙ୍ଗନବାଡି ଲେଡ୍‌ଜ ଓ୍ୱାର୍କର ଆସୋସିଏସନ, ଓଡିଶା ରାଜ୍ୟ ଆଶା କର୍ମୀ ସଂଘ, ଓଡ଼ିଶା ରାଜ୍ୟ ହସ୍ପିଟାଲ କର୍ମଚାରୀ ସଂଘ, ଓଡିଶା ପାଚିଲା ସଂଘ, ବିଶ୍ୱକର୍ମା ମଜଦୁର ସଂଘ, ଓଡିଶା କୃଷି ଓ ଗ୍ରାମୀଣ ମଜଦୁର ସଂଘ, ଜେଜେ ପେପର ମଜଦୁର ସଂଘ, ଉତ୍କଳ ଆଲୁମିନା ଠିକା ମଜଦୁର ସଂଘ, ଲମ୍ବା ଠିକା କର୍ମଚାରୀ ସଂଘ, ରାୟଗଡ଼ା ପରିବା ବ୍ୟବସାୟ ମଜଦୁର ସଂଘ, ରାୟଗଡ଼ା ସପେକ୍ସ ମଜଦୁର ସଂଘ, ରାୟଗଡ଼ା ଜିଲ୍ଲା ରାଜ ମେସ୍ତ୍ରୀ ସଂଘ ସହ ୧୧ଟି ବ୍ଲକର ନେତୃବୃନ୍ଦ ଏବଂ କର୍ମକର୍ତା ମାନେ ଉପସ୍ଥିତ ଥିଲେ । ଶେଷରେ ଭାରତୀୟ ମଜଦୁର ସଂଘ ଜିଲ୍ଲା ସମ୍ପାଦକ ଗଣେଶ କୁମାର ସାହୁ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ । ଉକ୍ତ କାର୍ଯ୍ୟକ୍ରମକୁ ଧର୍ମ ସିଂ ନାଗ, ଦୁର୍ଗା ମାଧବ ଘୋଷ, ଋଷାରାଣୀ ଦାଶ, ଗୀତାଞ୍ଜଳି ହୀଆଳ, ତମାଳ ସାହୁକାର, କଷ୍ଟୁରୀ ନାୟକ, ସୂର୍ଯ୍ୟକାନ୍ତି ପରିଜନ, ସୁରେଶ ଚନ୍ଦ୍ର ସାହୁ, ଗୋବିନ୍ଦ କଣ୍ଡଗିରୀ, ପରମେଶ୍ୱର ହିପାଡିକା ପରିଚାଳନା କରିଥିଲେ ।

ପ୍ରଧାନ ଶିକ୍ଷକ ଶରତ ଚନ୍ଦ୍ର ଭଞ୍ଜଙ୍କ ଅବସରକାଳୀନ ସମ୍ବର୍ଦ୍ଧନା ଉତ୍ସବ

ନିମାପଡା, ୩୧/୦୫ (ଆ.ପ୍ର) :ବାରିଛକ ନିଜଟସ୍ତ ଛତିଶଜଣ ପଂଚାୟତ ବାରି ମୌଜା ଠାରେ ଥିବା ନୀଳକଣ୍ଠେଶ୍ୱର ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଶରତ ଚନ୍ଦ୍ର ଭଞ୍ଜଙ୍କ ଅବସରକାଳୀନ ସମ୍ବର୍ଦ୍ଧନା ଉତ୍ସବ ବେଶ୍ ଆଡମ୍ବର ସହକାରେ ଅନୁଷ୍ଠିତ ହୋଇଯାଇଛି । ଅବସରପ୍ରାପ୍ତ ଏଡିଇଓ ସିମାନ୍ତ ଶେଖର ଉମାଙ୍କ ସଭାପତିତ୍ୱ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଭୁବନେଶ୍ୱର ଓସେପାର ଯୁଗ୍ମ ନିର୍ଦ୍ଦେଶକ ହିମାଂଶୁ କୁଣ୍ଡଣ ସମ୍ମାନିତ, ମୁଖ୍ୟ ବକ୍ତା ଭାବେ ଅବସରପ୍ରାପ୍ତ ନିମାପଡ଼ା ମଣ୍ଡଳ ଶିକ୍ଷାଅଧିକାରୀ ଅନିଲ କୁମାର ବିଶ୍ୱାଳ, ସମ୍ମାନିତ ଅତିଥି ଭାବେ ଅତିରିକ୍ତ ମଣ୍ଡଳ ଶିକ୍ଷା ଅଧିକାରୀ ସୁଦର୍ଶନ ରୋଳ, ଛତିଶଜଣ କୃଷ୍ଣ ଚରିତ୍ରର ମିଶିନ ଖାନ, ନିମାପଡ଼ା ପ୍ରାଥମିକ ଶିକ୍ଷକ ସଂଘର ସମ୍ପାଦକ ଜଲାଖାର କୁମାର ସ୍ୱାଇଁ, ପରିଚାଳନା କମିଟିର ସଭାପତି ବିଶ୍ୱନାଥ ନାୟକ, ନିମାପଡ଼ା ପେଟିଏଂ ସଭାପତି ସୁମନ୍ତ କୁମାର ସ୍ୱାଇଁ, ସ୍ଥାନୀୟ ସରପଂଚ ଅଜୟ ପରିଡା, ସମିତି ସଭ୍ୟା ଲକିବାଳା ନାୟକ, ଶିକ୍ଷକନେତା ଝିଲୋତନ କର, ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ନିରଞ୍ଜନ କର, ବ୍ରଜକିଶୋର ସାହୁ,ଅବସରପ୍ରାପ୍ତ କ୍ରୀଡା ଶିକ୍ଷକ ନେତ୍ରାନନ୍ଦ ବାରିକ, ଶିକ୍ଷକ ବିଜୟ କୁମାର ନାୟକ, ପ୍ରଧାନ ଶିକ୍ଷକ ଅଜୟ କୁମାର ଶେଠୀ ଏବଂ ଅବସରପ୍ରାପ୍ତ ବରିଷ୍ଠ ଶିକ୍ଷକ କୈଳାସ ସ୍ୱାଇଁ ପ୍ରମୁଖ ଯୋଗଦେଇଥିଲେ । ବିଜିନୁ ଶିକ୍ଷା ଅନୁଷ୍ଠାନରୁ ଆସିଥିବା ଶିକ୍ଷକ ଶିକ୍ଷୟିତ୍ରୀ, ଅଭିଭାବକଙ୍କ ସମେତ ପୁରାତନ ଓ ବର୍ତମାନର ଛାତ୍ରଛାତ୍ରୀମାନେ ଯୋଗଦେଇ ଅବସର ଗ୍ରହଣ କରୁଥିବା ପ୍ରଧାନ ଶିକ୍ଷକ ଶ୍ରୀ ଭଞ୍ଜଙ୍କ କାର୍ଯ୍ୟଦକ୍ଷତାର ଭୂୟସୀ ପ୍ରଶଂସା କରିବା ସହ ସେ ଜଣେ ଛାତ୍ରବତ୍ସଳ ଓ ଆଦର୍ଶ ଶିକ୍ଷକ ଭାବେ ସ୍ଥାନୀୟ ଅଂଚଳରେ ବେଶ ସୁନାମ ଅର୍ଜନ କରିଛନ୍ତି । ଏହି ଅବସରରେ ମୁଖ୍ୟ ଅତିଥିଙ୍କ ଦ୍ୱାରା ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକଙ୍କୁ ମାନପତ୍ର ଓ ଉପଢୌକନ ପ୍ରଦାନ କରାଯାଇ ସମ୍ବର୍ଦ୍ଧିତ କରାଯାଇଥିଲା । ଏହାପରେ ଅନୁଷ୍ଠାନର ସହକାରୀ ଶିକ୍ଷକ ରାଜେଶ କୁମାର ସାହୁ ଧନ୍ୟବାଦ ଅର୍ପଣ କରିଥିଲେ । ଏହି ସମ୍ବର୍ଦ୍ଧନା ଉତ୍ସବକୁ ସଫଳ କରିବାରେ ପୂର୍ବତନ ସଭାପତି ନିହାର ରଞ୍ଜନ ସ୍ୱାଇଁ, ଖ୍ୟାତି ସଭ୍ୟ ପ୍ରତାପ ନାୟକ, ପୂର୍ବତନ ଛାତ୍ର ତପନ ପ୍ରଧାନ, ସୁବାସ ବାରିକ, ସୁଳୋଚନା କୁମାର ସ୍ୱାଇଁଙ୍କ ସମେତ ସମସ୍ତ ଶିକ୍ଷକ, ଶିକ୍ଷୟିତ୍ରୀ, ପରିଚାଳନା କମିଟିର ସଭ୍ୟ ସଭ୍ୟା, ଅଭିଭାବକ ଏବଂ ଛାତ୍ରଛାତ୍ରୀମାନେ ଯୋଗଦେଇଥିଲେ ।

ଆମ୍ବିକିରେ ବିଶାଳ ମଦ ବିରୋଧୀ ଆନ୍ଦୋଳନ

ଏରସମା, ୩୧/୦୫ (ଆ.ପ୍ର) : ଏରସମା ବ୍ଲକ ଅନ୍ତର୍ଗତ ଆମ୍ବିକି ପଂଚାୟତରେ ହୋଲା ମଦ ଏବଂ ନିଶା କାରବାର ବିରୋଧରେ ଦେଖିବାକୁ ମିଳିଛି ଏକ ବିଶାଳ ଜନଆନ୍ଦୋଳନ । ପଂଚାୟତର ସମସ୍ତ ମହିଳା ସଂଘ, ଗ୍ରାମ୍ୟ କମିଟି, ସରପଂଚ, ସମିତି ସଭ୍ୟ ଓ ଗ୍ରାମର ବାସିନ୍ଦାଙ୍କ ସମେତ ହଜାରରୁ ଅଧିକ ମହିଳା ଓ ପୁରୁଷ ଏକତ୍ରିତ ହୋଇ ନିଶାମୁକ୍ତ ପଂଚାୟତ ଗଠନ ପାଇଁ ସଚେତନତା ରାଲି ଓ ପଦଯାତ୍ରା କରିଛନ୍ତି । ଗାଁ ଗାଁ ବୁଲି ଲୋକଙ୍କୁ ମଦ ଓ ଅନ୍ୟାନ୍ୟ ନିଶାଦ୍ରବ୍ୟର କୁପ୍ରଭାବ ସମ୍ପର୍କରେ ସଚେତନ କରାଇ ଥିଲେ । ହାତରେ ବ୍ୟାନର, ପ୍ଲାକାର୍ଡ ଓ ସଚେତନତାମୂଳକ ସ୍ଲୋଗାନ ଧରି ଅଂଚଳର ବିଭିନ୍ନ ଗାଁ ପରିକ୍ରମା କରିଥିଲେ ଆନ୍ଦୋଳନକାରୀମାନେ । ମଦ ଓ ନିଶାଦ୍ରବ୍ୟ ପରିବାର, ସମାଜ ଓ ସୁସ୍ଥପିଢ଼ି ଉପରେ ପକାଉଥିବା କୁପ୍ରଭାବ ସମ୍ପର୍କରେ ଲୋକଙ୍କୁ ସଚେତନ କରାଇ ଥିଲେ ।

ସ୍ନେହପ୍ରଭା ସାମନ୍ତରାୟଙ୍କୁ ନୃତ୍ୟଶୃଙ୍ଗାର ସମ୍ମାନ

ଭୁବନେଶ୍ୱର, ୩୧/୦୫ (ଆ.ପ୍ର) : ଓଡିଶାର ଅଗ୍ରଣୀ ନୃତ୍ୟ ଗିଲିଜ ଅନୁଷ୍ଠାନ ନୃତ୍ୟ ନିଗମ ଏକାଡେମୀର ବାର୍ଷିକ ଉତ୍ସବ କାଳିୟର ଛଳ ସ୍ଥିତ ଗୁରୁ କେଳୁଚରଣ ଗାଡେଶ୍ୱରୀ ଛେତ୍ର ଠାରେ ମହାସମାରୋହରେ ଅନୁଷ୍ଠିତ ହୋଇଯାଇଛି । ନୃତ୍ୟ ନିଗମ ଏକାଡେମୀର ସଭାପତି ଗୋଲକ ବିହାରୀ ପାଣିଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଉତ୍ସବରେ ମୁଖ୍ୟ ଅତିଥି ଭାବେ ଗୁରୁ ଧନେଶ୍ୱର ସ୍ୱାଇଁ, ସମ୍ମାନିତ ଅତିଥି ଭାବେ ଗୁରୁ ଚରିନାଳ ମହାପାତ୍ର, ଗୁରୁ ମଧୁସୂଦନ ମହାନ୍ତି ପ୍ରମୁଖ ଯୋଗଦେଇ ଗୁରୁ ଶିଷ୍ୟ ପରମ୍ପରା ଉଜ୍ଜୀବିତ ରଖିବା ପାଇଁ କହିଥିଲେ । ଓଡିଶୀ ନୃତ୍ୟ ଆମ ଜଗତ୍ପୂଜ୍ୟ ସଂସ୍କୃତିର ଗୌରବ ବହନ କରେ । ଏହି ନୃତ୍ୟ ଦ୍ୱାରା ଆମ ଓଡିଶା ସାରା ପୃଥିବୀରେ ପ୍ରସିଦ୍ଧ ଲାଭ କରିଛି । ସାଧନା, ଧୈର୍ଯ୍ୟ ଓ ନିଷ୍ଠା ବଳରେ ଜଣେ ସଫଳ କଳାକାର ହୋଇ ପାରିବ । ଆଜି ଯେଉଁମାନେ ପ୍ରସିଦ୍ଧ ଲାଭ କରିଛନ୍ତି ତାହା କେବଳ ବିଶିଷ୍ଟ ଗୁରୁ ଓ ଅନୁଷ୍ଠାନ ପାଇଁ ସମ୍ଭବ ହୋଇପାରିଛି ବୋଲି କହିବା ସହିତ ନୃତ୍ୟ ନିଗମ ଏକାଡେମୀର ଶିକ୍ଷାଦାନ ପଦ୍ଧତିକୁ ପ୍ରଶଂସା କରିଥିଲେ । ଏହି ଅବସରରେ ଗୁରୁ ଡ. ଗ୍ରେଜୁୟା ସାମନ୍ତରାୟଙ୍କୁ ନୃତ୍ୟଶୃଙ୍ଗାର ସମ୍ମାନ, ଗୁରୁ ନିରଜ ଗାଉଡଙ୍କୁ ନୃତ୍ୟଶୃଙ୍ଗାର ଗୌରବ ସମ୍ମାନ ପ୍ରଦାନ କରାଯାଇଥିଲା । ଏଥି ସହିତ ଅନୁପମା ଗାୟତ୍ରୀ ପଣ୍ଡାଙ୍କୁ ନୃତ୍ୟଶୃଙ୍ଗାର କଳା ସମ୍ମାନ, ଅରୁଣିମା ଆଚାର୍ଯ୍ୟଙ୍କୁ ନୃତ୍ୟଶୃଙ୍ଗାର ଯୁବ ଜ୍ୟୋତି ସମ୍ମାନ ଓ ୧୦ ଜଣଙ୍କୁ ନୃତ୍ୟଶୃଙ୍ଗାର ନବ ପ୍ରତିଭା ସମ୍ମାନ ପ୍ରଦାନ କରାଯାଇଥିଲା । ଡ. ଶ୍ରୀନିବାସ ଘଟୁଆଲ ମଞ୍ଚ ସଞ୍ଚାଳନ କରିଥିଲା ବେଳେ ଅନୁଷ୍ଠାନର ମୁଖ୍ୟ ଅରିଶ୍ରୀ ପ୍ରିୟଦର୍ଶିନୀ ଧନ୍ୟବାଦ ଅର୍ପଣ କରିଥିଲେ । ସାଂସ୍କୃତିକ କାର୍ଯ୍ୟକ୍ରମ ମଧ୍ୟରେ ପ୍ରଥମେ ନୃତ୍ୟ ନିଗମ ଏକାଡେମୀର ଛାତ୍ରଛାତ୍ରୀମାନେ ଚଉକା ବାଦନ, ସୋଲୋ ଓଡିଶୀ ନୃତ୍ୟ ପରିବେଶଣ କରିଥିଲେ । ଏହା ପରେ ମଙ୍ଗଳାଚରଣ, ଓଡିଶୀ ନୃତ୍ୟ, ସମ୍ବଲପୁରୀ ନୃତ୍ୟ, ଆଧୁନିକ ନୃତ୍ୟ, ଦେଶାତ୍ମବୋଧକ ନୃତ୍ୟ ଓ ଏକକ ନୃତ୍ୟ ପରିବେଶଣ କରାଯାଇଥିଲା ।

୧୧ ହାଇୱା ଓ ୪ ଟ୍ରାକ୍ଟର ଜବତ

ଜଳେଶ୍ୱର, ୩୧/୦୫ (ଆ.ପ୍ର) : ବାଲେଶ୍ୱର ଖଣି ବିଭାଗ ପକ୍ଷରୁ ଜଳେଶ୍ୱରର ବିଭିନ୍ନ ସ୍ଥାନରେ ତଦାରକ କରାଯାଇ ୧୦ଟି ହାଇୱା ଓ ୪ଟି ଟ୍ରାକ୍ଟର ଜବତ କରାଯାଇଛି । ଜବତ ଗାଡ଼ିଗୁଡ଼ିକରେ ବାଲି,ମାଟି,ମୋରମ ବୋଝେଇ ହୋଇ ଯାଉଥିଲା ବୋଲି କୁହାଯାଇଛି । ବାଲେଶ୍ୱର ଜିଲ୍ଲାପାଳଙ୍କ ନିର୍ଦ୍ଦେଶରେ ଗତକାଲି ରାତି ଦୁଇଟା ସମୟରେ ବାଲେଶ୍ୱରଜିଲ୍ଲା ଖଣି ଅଧିକାରୀ ଜଗନ ବେହେରା ଓ ରୋହିତ ସାମଲଙ୍କ ନିର୍ଦ୍ଦେଶରେ କନିଷ୍ଠ ଖଣି ଅଧିକାରୀ ତାପସ ବେହେରା, ସତ୍ୟ ଚିତ୍ରୁଆ ଜେନାଙ୍କୁ ମିଶାଇ ମୋଟ ୫ ଜଣ କନିଷ୍ଠ ଖଣି ଅଧିକାରୀ ଦୁଇଟି ଟିମରେ ବିଭକ୍ତ ହୋଇ ବାଲକି ସ୍ଥିତ ଡ୍ରିଜ ଚଢେ ୫ ୧୬ ନମ୍ବର ଜାତୀୟ ରାଜପଥରେ ତଦାରକ କରିଥିଲେ । ତଦାରକ ସମୟରେ ପୋଲ ଚଢ଼ୁ ୩ ଟି ବାଲି ବୋଝେଇ ଟ୍ରାକ୍ଟର ଜବତ କରାଯାଇଥିଲା । ସେହିପରି ଜାତୀୟ ରାଜପଥରୁ ମଧ୍ୟ ୮ ଟି ମୋରମ ବୋଝେଇ ହାଇୱା ଓ ୩ଟି ବାଲି ବୋଝେଇ ଟ୍ରାକ୍ଟର ଜବତ କରାଯାଇଛି । ଜବତ ଗାଡ଼ି ଗୁଡ଼ିକୁ ଲକ୍ଷୁଣାନାଥ ଗୋଟି ଗୋଟି ସନ୍ନିକଟ ଥାନ ଯାଉଁକୁ ନିଆଯାଇଛି ।

ବିଇଓଙ୍କ ବଦଳି ପ୍ରକ୍ରିୟାକୁ ରୋକିବା ପାଇଁ ଚାଲିଛି ଚକ୍ରାନ୍ତ

ଦଶପଲ୍ଲା, ୩୧/୦୫ (ଆ.ପ୍ର) : ଦଶପଲ୍ଲା ବ୍ଲକ ଗୋଷ୍ଠୀ ଶିକ୍ଷା ଅଧିକାରୀ (ବିଇଓ)ଙ୍କ ବଦଳି ନିର୍ଦ୍ଦେଶକୁ ଚାପ ପ୍ରୟୋଗ କରି ବାତିଲ କରିବା ପାଇଁ ଅଂଚଳରେ ଏକ ପ୍ରୟୋଜିତ ଦସ୍ତଖତ ଅଭିଯାନ ଚାଲିଥିବା ନେଇ ଚର୍ଚ୍ଚା ଜୋର୍ ଧରିଛି । ସରକାରୀ ନିୟମ ଅନୁଯାୟୀ ହୋଇଥିବା ଏହି ବଦଳିକୁ କିଛି ସ୍ୱାର୍ଥନ୍ୱେଷୀ ଗୋଷ୍ଠୀ ସହଜରେ ଗ୍ରହଣ କରିପାରୁ ନଥିବା ବେଳେ, ଏହାକୁ ରୋକିବା ପାଇଁ କିଛି ସରକାରୀ ଶିକ୍ଷକ ମୁଖ୍ୟ ସୂତ୍ରଧର ସାଜିଥିବା ଅଭିଯୋଗ ହୋଇଛି । ବିରୋଧୀ କାର୍ଯ୍ୟକାଳ ମଧ୍ୟରେ ଶିକ୍ଷା ବ୍ୟବସ୍ଥାରେ ଅନେକ ଅନିୟମିତତା ଓ ପ୍ରଶାସନିକ ଶିଥିଳତା ଦେଖାଦେଇଥିବା ନେଇ ପୂର୍ବରୁ ଅସନ୍ତୋଷ ରହିଥିଲା । ବିଇଓଙ୍କ ଛତ୍ରଛାୟାରେ ରହି ସୁବିଧା ହାସଲ କରୁଥିବା ସେହି ଶିକ୍ଷକମାନେ ଏବେ ଏହି ବଦଳିକୁ ବାତିଲ କରିବା ପାଇଁ ଅଂଟା ଜିଦ୍‌ଖିଛନ୍ତି । ନିଜର ବ୍ୟକ୍ତିଗତ ସ୍ୱାର୍ଥ ଓ ପଦିଅଗା ଦଖାଇ ରଖିବା ପାଇଁ ଏହି ଶିକ୍ଷକ ବିଜିନୁ ସ୍କୁଲର ଶିକ୍ଷକ, ଅଭିଭାବକ ଓ ସାଧାରଣ ଲୋକଙ୍କୁ ବିଭ୍ରାନ୍ତ କରି ଦସ୍ତଖତ ସଂଗ୍ରହ କରୁଥିବା ଆଲୋଚନା ହେଉଛି । ଜଣେ ସରକାରୀ କର୍ମଚାରୀ ଭୋଲ ଅନ୍ୟ ଜଣେ ଉଚ୍ଚ ପଦାଧିକାରୀଙ୍କ ବଦଳି ପ୍ରକ୍ରିୟା ବିରୋଧରେ ଅଭିଯାନ ଚଳାଇବା ସରକାରୀ ବାଚିରି ନିୟମାବଳୀର ସ୍ପଷ୍ଟ ଉଲ୍ଲଂଘନ ବୋଲି ବୁଦ୍ଧିଜୀବୀ ମହଲରେ ଚର୍ଚ୍ଚା ହେଉଛି । ନିଜର ମୂଳ କର୍ତବ୍ୟ ଶିକ୍ଷାଦାନକୁ ପଛରେ ପକାଇ ଏହି ଶିକ୍ଷକମାନେ କେଉଁ ସ୍ୱାର୍ଥରେ ଦିନତମାମ ଦସ୍ତଖତ ଅଭିଯାନର ବୁ-ପ୍ରିଂଟ ପ୍ରସ୍ତୁତ କରୁଛନ୍ତି ଏବଂ ଏଥିପାଇଁ ସେମାନଙ୍କୁ କାହାର ପ୍ରୋତ୍ସାହନ ରହିଛି, ତାହା ଏବେ ତଦ୍ ପ୍ରଶ୍ନବାଚୀ ସୃଷ୍ଟି କରିଛି । ସାଧାରଣ ଜନତା ଓ ଚଢୁ ଶିକ୍ଷାପ୍ରେମୀ ଏହି ପ୍ର

ଦୈନିକ
ଆରମ୍ଭ
SEITHO ARAMBHA
ସୋମବାର, ୧ ଜୁନ୍, ୨୦୨୬ : ବାଲେଶ୍ୱର : ପୃଷ୍ଠା -୬

ବଣାଇଁରେ ବିଜେପି ପକ୍ଷରୁ ମନ କି ବାତ ଓ ସଂଗଠନର ରଣନୀତି ବୈଠକ

ବଣାଇଁ, ୩୧/୦୫ (ଆ.ପ୍ର) : ବଣାଇ ସମ୍ପନ୍ଦିତ ଆଦିବାସୀ ଉନ୍ନୟନ ସଂସ୍ଥା ସଭାଗୃହ ଠାରେ ବଣାଇ ବିଜେପି ନିର୍ବାଚନ ମଣ୍ଡଳୀ ତରଫରୁ ପ୍ରଧାନ ମନ୍ତ୍ରୀଙ୍କ ମନ କି ବାତ କାର୍ଯ୍ୟକ୍ରମ ତଥା ସଂଗଠନର ରଣନୀତି ପାଇଁ ପୂର୍ବତନ ବିଧାୟିକା ପାର୍ଥୀ ସେଠୀ ନାଏକଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଥିଲା । ମୁଖ୍ୟ ଅତିଥି ଭାବରେ ବିଜେପି ରାଜ୍ୟ କାର୍ଯ୍ୟକାରିଣୀ ବକ୍ତା ଧୃତେନ କୁମାର ସେନାପତି, ସମ୍ମାନିତ ଅତିଥି ଭାବରେ ବରିଷ୍ଠ କାର୍ଯ୍ୟକର୍ତା ରୋଙ୍ଗଟୁ ପ୍ରଧାନ, ଗୋବିନ୍ଦ ସାହୁ, ବାସୁଦେବ ସାହୁ, ଜଗନ୍ନାଥ ମହାନ୍ତ, ମହେଶ ସା, ଲକ୍ଷ୍ମୀ ଭୋଇଶ୍ୱାଲ, ପୂର୍ଣ୍ଣଚନ୍ଦ୍ର ପ୍ରଧାନ ଉପସ୍ଥିତ ରହି ଭାରତମାତାଙ୍କ ପାଖରେ ଧୂପ ଦ୍ୱିପ ଦେଇ ପୂଜାର୍ଚ୍ଚନା କରି ଶୁଭାରମ୍ଭ କରିଥିଲେ । ଏହି କାର୍ଯ୍ୟକ୍ରମରେ ପ୍ରତ୍ୟେକ ବିଜେପି ମଣ୍ଡଳ ସଭାପତି, ବୁଥ ସଭ୍ୟ ସଭ୍ୟା ସଂଗଠନ ପ୍ରମୁଖ ଉପସ୍ଥିତ ରହି ଆଗାମୀ ଦିନର ସଂଗଠନକୁ ମଜବୁତ କରିବା ପାଇଁ ନିଜର ମତାମତ ଦେଇଥିଲେ । ଏହି କାର୍ଯ୍ୟକ୍ରମକୁ ଜିଲ୍ଲା ଯୁବ ମୋର୍ଚା ସଭାପତି ଅବିନାଶ ବ୍ରହ୍ମ, ରାଉରକେଲା ଜିଲ୍ଲା ବିଜେପି ସାଧାରଣ ସମ୍ପାଦକ ଅଭିରାମ ମହାଲୁନ, ସମ୍ପାଦକ ଜୟନ୍ତୀ ମହାନ୍ତ, କୃଷ୍ଣଚନ୍ଦ୍ର ମୋର୍ଚା ସଭାପତି ଅନିଲ ମହାନ୍ତ ଯୋଗ ଦେଇଥିଲେ । ଏହି କାର୍ଯ୍ୟକ୍ରମକୁ ବଣାଇ ମଣ୍ଡଳ ସଭାପତି ମିଥୁନ ପାତ୍ର, ସାଧାରଣ ସମ୍ପାଦକ ବେନୁଗ୍ରହ ଗଡ଼ବିଧାଙ୍କ ସହଯୋଗରେ ସଫଳ ହୋଇଥିଲା । ଅନ୍ୟମାନଙ୍କ ମଧ୍ୟରେ ବରିଷ୍ଠ କାର୍ଯ୍ୟକର୍ତା ଆଲ୍ଲାଦ ବଡ଼ଦେବ, ଶରତ ବାରିକ, ମଣ୍ଡଳ ସଭାପତି ପୂର୍ବତନ୍ତ୍ର ଓରାମ, ବୀରେନ୍ଦ୍ର ଗଡ଼ ନାଏକ, ମୋନଜ ସାହୁ, ରାମଚନ୍ଦ୍ର ପଲେଜ, ସାଧାରଣ ସମ୍ପାଦକ ନୃପମଣି ଛଦିଆ ଏବଂ ପ୍ରହ୍ଲାଦ ପ୍ରଧାନ, ଶରତ ବାରିକ ଗୀତା ଭୋଇଶ୍ୱାଲ, ଜନଜୋସ୍ନା ମାହାନ୍ତି, ଗୋଲରି ବାରିକ, ନିରାକାର ନାଏକ, ଏମଡି ମୋଲମ ପ୍ରମୁଖ ୨୦୦ରୁ ଊର୍ଦ୍ଧ୍ୱ କାର୍ଯ୍ୟକର୍ତା ଉପସ୍ଥିତ ରହି ମନ କି ବାତ କାର୍ଯ୍ୟକ୍ରମରେ ଯୋଗଦାନ କରିଥିଲେ ।

ବାବୁଲାଲ ଦୋଶୀ ଜୟନ୍ତୀ ପାଳିତ

ଭୁବନେଶ୍ୱର, ୩୧/୦୫ (ଆ.ପ୍ର) : ଭୁବନେଶ୍ୱରର ଅନ୍ୟତମ ସାଂସ୍କୃତିକ ଅନୁଷ୍ଠାନ 'ଓଁ କଳିଙ୍ଗ କଳା ପରିଷଦ'ର ସାଂସ୍କୃତିକ ଭବନ ପ୍ରାଙ୍ଗଣ ଜୟଦେବ ଭବନରେ ଅନୁଷ୍ଠିତ ହୋଇଯାଇଛି । ମୁଖ୍ୟ ଅତିଥି ଭାବରେ ବିଶିଷ୍ଟ ଲେଖକ ଓ ଶିକ୍ଷାବିତ ପ୍ରଫେସର ଦାଶ ବେନ୍ଦୁରୁ, ସମ୍ମାନିତ ଅତିଥି ଭାବେ ମର୍ଦନ ବିଶାରଦ ଗୁରୁ ଧନେଶ୍ୱର ସ୍ୱାଇଁ ଓ ପ୍ରସିଦ୍ଧ ନୃତ୍ୟାଙ୍ଗନା ଗୁରୁ ମୀରା ଦାଶ ଯୋଗଦାନ କରି ଅନୁଷ୍ଠାନର କଳାତ୍ମକ ଦିଗଗୁଡ଼ିକୁ ପ୍ରଶଂସା କରିଥିଲେ । ମୁଖ୍ୟ ଅତିଥି ଡକ୍ଟର ବେନ୍ଦୁରୁ କହିଥିଲେ ନୃତ୍ୟ ଓ ସଂଗୀତ ଯେକୌଣସି ଜାତିରେ ସାରସ୍ୱତ ସମ୍ପଦ ଓ ଏହାର ସାଧନା ଜାରି ରହିବା ଉଚିତ ଏବଂ କଳା ହିଁ ମଣିଷର ଅସଲ ସାଂସ୍କୃତିକ ପରିଚୟ । ସମ୍ମାନିତ ଅତିଥି ଶ୍ରୀ ସ୍ୱାଇଁ କହିଥିଲେ ନୃତ୍ୟ, ସଙ୍ଗୀତ, ଚାରୁକାବ୍ୟର ପୂଜା ଓ ସାଧନା ମଣିଷ ମନରେ ଶାନ୍ତି, ଏକାଗ୍ରତା ଆଣିବାରେ ସକ୍ଷମଅଛି ହୁଏ । ସମ୍ମାନିତ ଅତିଥି ଶ୍ରୀମତୀ ଦାସ ନୃତ୍ୟର ଲାବଦିନିମୟ ଓ ଅଙ୍ଗସୁଦ୍ଧି ଦିଗରିଲୁ ନୃତ୍ୟ ଶିକ୍ଷା ତଥା ଗୁରୁମାନେ ଧ୍ୟାନ ଦେବା ଉଚିତ ବୋଲି ବକ୍ତବ୍ୟ ରଖିଥିଲେ । ସାଂସ୍କୃତିକ ସନ୍ଧ୍ୟାରେ ଅନୁଷ୍ଠିତ ହୋଇଥିବା ଓଡିଶୀ ନୃତ୍ୟ କ୍ରମରେ ମଙ୍ଗଳାଚରଣ, ଦଶବ୍ର ପଲୁଚୀ, ବିଶେଷ କରି ଅଷ୍ଟନାୟିକା ଅଭିନୟ, ଅନ୍ୟତମ କେଶବମ ଓ ପଲ୍ଲୀ ନୃତ୍ୟ ପରିବେଷଣ ଦର୍ଶକ ମାନଙ୍କୁ ମନ୍ତ୍ରମୁଗ୍ଧ କରି ରଖିଥିଲା । ଉକ୍ତ ଉତ୍ସବରେ ଅଷ୍ଟମ ଯୁବ ପ୍ରତିଭା ସମ୍ମାନ ମଧ୍ୟ ଆୟୋଜିତ ହୋଇଥିଲା । ଅଭିନେତ୍ରୀ ଓ ଉଦଘୋଷିକା ଅଳିତା ମହାନ୍ତି, ହାସ୍ୟ ଅଭିନେତ୍ରୀ କ୍ରାଷ୍ଣା ରାଉତ ଓ ଓଡ଼ିଆ ଟେଲିଭିଜନ ଧାରାବାହିକର ଜଣଶୁଣା ଅଭିନେତ୍ରୀ ତେଜସ୍ୱିନୀ ରଥ ଏହି ସମ୍ମାନ ପାଇଥିଲେ । ଏହି ଅବସରରେ ବ୍ରହ୍ମର ଚିତ୍ରୟ କୁମାର ନାୟକଙ୍କ ପୁସ୍ତକ 'ସନ୍-ସଟ୍' ଉନ୍ମୋଚିତ ହୋଇଥିଲା ।

ନବରଙ୍ଗପୁର ପୌରପାଳିକାରେ ସ୍ୱତନ୍ତ୍ର ସଘନ ସଂଶୋଧନ କାର୍ଯ୍ୟକ୍ରମ ଆରମ୍ଭ

ନବରଙ୍ଗପୁର, ୩୧/୦୫ (ଆ.ପ୍ର) : ସ୍ୱତନ୍ତ୍ର ସଘନ ସଂଶୋଧନ (ଏସ ଆଇ ଆର) ଓଡ଼ିଶା ୨୦୨୬ ପରିପେକ୍ଷିରେ ଆଜି ୭୫-ନବରଙ୍ଗପୁର ନିର୍ବାଚନ ମଣ୍ଡଳୀ ଅନ୍ତର୍ଗତ ନବରଙ୍ଗପୁର ପୌରପାଳିକାର ବିଭିନ୍ନ ନିର୍ବାଚନ କୁଥ ଅନ୍ତର୍ଗତ ଖୁର୍ଦ ମାନଙ୍କରେ ଉପ ଜିଲ୍ଲାପାଳ ତଥା ଇ ଆର୍ ଓ ପ୍ରକାଶ କୁମାର ମିଶ୍ର ବି ଏଲ ଓ ମାଙ୍ଗଲ ଘରକୁ ଘର ଯାଇ ପରିଗଣନା ଫର୍ମ ବିତରଣ କାର୍ଯ୍ୟ ତତ୍ୱାବଧାନ କରିଥିଲେ । ଏହି ତତ୍ୱାବଧାନ କାର୍ଯ୍ୟକ୍ରମରେ ପୌରପାଳିକା ନିର୍ବାହୀ ଅଧିକାରୀ ଅଶୋକ କର୍ଣ୍ଣ, ସୁପରଭାଇଜର୍ସ ସନ୍ତୋଷ ପାତ୍ର, ଭାଜେଶ ତ୍ରିପାଠୀ ଉପସ୍ଥିତ ରହି କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ । ବିଏଲଓ ମାନେ ଯେଉଁ ପରିଗଣନା ଫର୍ମ ବିତରଣ ଏବଂ ଫର୍ମ ପୂରଣ ବାଦ ସଂଗ୍ରହ, ଭୋଟର ତାଲିକା ଯେଉଁ ସ୍ଥଳ, ତୁଟିଶୂନ୍ୟ ରହିବ ତା ଉପରେ ବି ଏଲ ଓ ମାଙ୍କୁ ତାଲିମ ଦିଆଯାଇଛି । ଏହି ସ୍ୱତନ୍ତ୍ର ସଘନ ସଂଶୋଧନ କାର୍ଯ୍ୟ ଆସନ୍ତା ଜୁନ୍ ମାସ ୨୮ ତାରିଖ ପର୍ଯ୍ୟନ୍ତ ଅନୁଷ୍ଠିତ ହେବ ।

ପାରାଦୀପ ଅବକାରୀ ଇନ୍ସପେକ୍ଟର ନିଲମ୍ବିତ

ଜଗତସିଂହପୁର, ୩୧/୦୫ (ଆ.ପ୍ର) : ଜାଣିକୁ ନ ଜଣାଇ ଅନୁପସ୍ଥିତ ରହିବା, ଡ୍ୟୁଟିରେ ଅବହେଳା କରିବା ଘଟଣାକୁ ନେଇ ପାରାଦୀପ ଅବକାରୀ ଇନ୍ସପେକ୍ଟର ବନ୍ଦନା ପଟ୍ଟନାୟକଙ୍କୁ ମହଜୀ ପଡ଼ିଛି । ଜିଲ୍ଲାପାଳଙ୍କ ସୁପରିଶ ଆଧାରରେ ଅବକାରୀ କମିଶନର ଇନ୍ସପେକ୍ଟର ବନ୍ଦନା ପଟ୍ଟନାୟକଙ୍କୁ ତାଙ୍କିରିରୁ ନିଲମ୍ବିତ କରିଛନ୍ତି । ସେହିପରି ଉପରିସ୍ଥ ଅଧିକାରୀଙ୍କ ନିର୍ଦ୍ଦେଶକୁ ଅବମାନନା କରିବା ଅଭିଯୋଗରେ ଅବକାରୀ ଅଧୀକ୍ଷକଙ୍କ ବରମା ବନ୍ଦ ପାଇଁ ବିଭାଗକୁ ଚିଠି ଲେଖିଛନ୍ତି ଜିଲ୍ଲାପାଳ । ମିଳିଥିବା ସୂଚନା ଅନୁସାରେ, ଗତ ୨୨ ତାରିଖରେ ଜିଲ୍ଲାପାଳଙ୍କ ନେତୃତ୍ୱରେ ଅଚରବାଙ୍କୀ ଠାରେ ସର୍ବସାଧାରଣରେ ମଦ୍ୟପାନ କରୁଥିବା ବ୍ୟକ୍ତିଙ୍କ ଉପରେ କାର୍ଯ୍ୟାନୁଷ୍ଠାନ ନିଆ ଯାଇଥିଲା । ମଦୁଆ ଧରିପକାଡ଼ି କରା ଯାଇଥିଲା । ସେହି ସମୟରେ ପାରାଦୀପ ଗେଟ୍ଟ ଅବକାରୀ ଇନ୍ସପେକ୍ଟର ବନ୍ଦନା ପଟ୍ଟନାୟକଙ୍କୁ ଖୋଜା ପଡ଼ିଥିଲା । କିନ୍ତୁ ସେ ଅନୁପସ୍ଥିତ ଥିଲେ । ଏ ସମ୍ପର୍କରେ ଅବକାରୀ ଅଧୀକ୍ଷକଙ୍କୁ ମଧ୍ୟ ଅବଗତ କରା ଯାଇଥିଲା । ଇନ୍ସପେକ୍ଟର ବନ୍ଦନା ପଟ୍ଟନାୟକ ଉପରିସ୍ଥ ଅଧିକାରୀଙ୍କୁ ନ ଜଣାଇ ପାଦାନ୍ତିପ୍ରତି ତାଙ୍କ ଘରକୁ ଯାଇଥିବା ଜଣାପଡ଼ିଥିଲା । ଇନ୍ସପେକ୍ଟରଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନେବା ପାଇଁ ଜିଲ୍ଲାପାଳ ଅବକାରୀ ଅଧୀକ୍ଷକଙ୍କୁ ନିର୍ଦ୍ଦେଶ ଦେଇଥିଲେ । ଜିଲ୍ଲା ଅବକାରୀ ଅଧୀକ୍ଷକ କାର୍ଯ୍ୟାନୁଷ୍ଠାନ ନେଇ କାରଣଦର୍ଶାଅ ନୋଟିସ୍ ଜାରି କରିଥିଲେ । ଜିଲ୍ଲାପାଳ ଏ କଥା ଜାଣିବା ପରେ ଅବକାରୀ ଅଧୀକ୍ଷକଙ୍କ ଉପରେ କ୍ଷୁବ୍ଧ ହେବା ସହ କାରଣଦର୍ଶାଅ ମାଗିଥିଲେ । ଏକାଧିକ ଇନ୍ସପେକ୍ଟରଙ୍କ ବିରୋଧରେ ବିଭାଗୀୟ ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନ ପାଇଁ ଅବକାରୀ କମିଶନରଙ୍କୁ ଚିଠି ଲେଖିଥିଲେ ଜିଲ୍ଲାପାଳ । ଜିଲ୍ଲାପାଳଙ୍କ ସୁପାରିଶ ଆଧାରରେ ଏହି କାର୍ଯ୍ୟାନୁଷ୍ଠାନ ନିଆଯାଇଛି । ସେହିପରି ଅବକାରୀ ଅଧୀକ୍ଷକଙ୍କ ବରମା ବନ୍ଦ ପାଇଁ ବିଭାଗକୁ ଚିଠି ଲେଖା ଯାଇଥିବା ଜଣାପଡ଼ିଛି । ଏ ନେଇ ଅବକାରୀ ଅଧୀକ୍ଷକଙ୍କ ପ୍ରତିକ୍ରିୟା ମିଳିପାରି ନାହିଁ ।

ଫାର୍ମହାଉସ୍‌ରେ ହାତୀକୁ ମାରି ପୋତିଦେଲେ !

ହିନ୍ଦୋଳ, ୩୧/୦୫ (ଆ.ପ୍ର) : ଏକ ହାତୀକୁ ମାରି ଫାର୍ମ ହାଉସ୍‌ରେ ପୋତି ଦିଆଯାଇଥିବା ନେଇ ଅଭିଯୋଗ ମିଳିବା ପରେ ବନ ବିଭାଗ ପକ୍ଷରୁ ଖୋଳକାଡ଼ ଆରମ୍ଭ ହୋଇଛି । ବନବିଭାଗର ସ୍ୱତନ୍ତ୍ର ଟିମ୍ ଡେଙ୍କାନାଳଜିଲ୍ଲାରୁ ହିନ୍ଦୋଳ ସହରରେ ଅଟ୍ଟା ଏହି ଫାର୍ମ ହାଉସ୍‌କୁ ଯାଇ ହାତୀ ପୋତା ଯାଇଥିବା ସ୍ଥାନ ଚିହ୍ନଟ କରିଛନ୍ତି । ସୋମବାର ଏହି ସ୍ଥାନକୁ ଖୋଳାଯିବ । ଏପରେ ଫାର୍ମ ହାଉସ୍‌ର ମାଲିକଙ୍କ ସମେତ ୩ ଜଣଙ୍କୁ ଅଟକ ରଖାଯାଇଛି । ସୂଚନା ଅନୁସାରେ, ହିନ୍ଦୋଳ ଏନ୍‌ଏସିର ୧୪ନମ୍ବର ୱାର୍ଡର ଚରଣପୁରପାରେ କୁଦେର ରାଜଙ୍କ ଚାରି ଏକର ଜମିରେ ଫାର୍ମ ହାଉସ୍ ରହିଛି । ଏହି ଫାର୍ମ ହାଉସ୍‌ରେ ଏକ ହାତୀକୁ ପୋତି ଦିଆଯାଇଥିବା ନେଇ ବନ ବିଭାଗ ଖବର ପାଇବା ପରେ ଆଜି (ରବିବାର) ଦବ୍ବାଣ କରିଥିଲା । ଫାର୍ମ ହାଉସ୍ ମାଲିକ କୁଦେର ରାଜ, କୁଜୁ ଭୂଇଁଆ ଓ ରାଜୁ ଚୌଧୁରୀଙ୍କୁ ହିନ୍ଦୋଳ ବନବିଭାଗ କାର୍ଯ୍ୟାଳୟରେ ଅଟକ ରଖି ପଚରାଉଚରା କରିଥିଲା । ହିନ୍ଦୋଳ ରେଞ୍ଜ ଅଧିକାରୀ ତ୍ରିଲୋଚନ ଦେହୁରୀ କହିଛନ୍ତି, ଫାର୍ମ ହାଉସ୍‌ରେ ହାତୀ ପୋତାଯାଇଥିବା ସ୍ଥାନକୁ ଚିହ୍ନଟ କରିଛୁ । ଫାର୍ମ ହାଉସ୍ ମାଲିକ ହାତୀକୁ ପୋତିଥିବା ସ୍ୱୀକାର କରିବା ସହ ସେହି ସ୍ଥାନ ଦେଖାଇଥିଲେ । ସନ୍ଧ୍ୟା ହୋଇଯିବାରୁ ଖୋଳା ଯାଇନି । ସେପରେ ବନ ବିଭାଗର ବରିଷ୍ଠ ଅଧିକାରୀମାନେ ଜଗି ରହିବାରୁ ସଙ୍ଗ ସମ୍ପର୍କୁ ଫାର୍ମହାଉସ୍‌କୁ ସିଲ୍ କରିଛନ୍ତି । ସୋମବାର ସକାଳେ ଲେଭିଜିରେ ଖୋଳାଯାଇ ହାତୀର ମୃତଦେହ ବାହାର କରାଯିବ ବୋଲି ବନ ବିଭାଗ ସୂଚନା ଦେଇଛି । ଏହି ଫାର୍ମ ହାଉସ୍ ବରିଷ୍ଠପାର୍ଶ୍ୱରେ ସୋଲାର୍ ଲାଇଟ୍ ବ୍ୟବସ୍ଥା କରାଯିବା ସହ ସେ ?ରବାଡ଼ ରହିଛି । ସେହି ସୋଲାର୍ କରେଂଟ ସଂସ୍ପର୍ଶରେ ଆସି ହାତୀଟିର ମୃତ୍ୟୁ ହୋଇଥିବା କିଛି ଲୋକ କହୁଛନ୍ତି ।

ସାମ୍ବାଦିକ ସୁରକ୍ଷା, ପେନ୍‌ସନ ଓ ସାମ୍ବାଦିକ ଭବନ ନିର୍ମାଣ ନେଇ ଗୁରୁତ୍ୱପୂର୍ଣ୍ଣ ନିଷ୍ପତି

ନୂଆପଡ଼ା, ୩୧/୦୫ (ଆ.ପ୍ର) : ନୂଆପଡ଼ା ଜିଲ୍ଲା ପ୍ରେସ କ୍ଲବ୍‌ର ସାଧାରଣ ବୈଠକ ଓ ନୂତନ କାର୍ଯ୍ୟକର୍ତା ଚୟନ ଖଡ଼ିଆଳ କଳାଣ ମଣ୍ଡପ-୨ ଠାରେ ଅନୁଷ୍ଠିତ ହୋଇଯାଇଛି । ବୈଠକରେ ସର୍ବସମ୍ମତିକ୍ରମେ ବରିଷ୍ଠ ସାମ୍ବାଦିକ ଅଜିତ୍ କୁମାର ପଣ୍ଡାଙ୍କୁ ସଭାପତି ଓ ତପନ ଦାଶଙ୍କୁ ସମ୍ପାଦକ ଭାବେ ମନୋନୀତ କରାଯାଇଛି । ପୂର୍ବତନ ସଭାପତି ପରମେଶ୍ୱର ବାରିକଙ୍କ ଅଧ୍ୟକ୍ଷତାରେ ଆୟୋଜିତ ବୈଠକରେ ଗତ ସାତ୍ତେ ତିନି ବର୍ଷର ସାଙ୍ଗଠନିକ କାର୍ଯ୍ୟକଳାପର ସମୀକ୍ଷା କରାଯାଇଥିଲା । ସମ୍ପାଦକ ତପନ ଦାଶ ବାର୍ଷିକ ବିବରଣୀ ପାଠ କରି ପ୍ରେସ କ୍ଲବ୍‌ର କାର୍ଯ୍ୟକଳାପ ଉପସ୍ଥାପନ କରିଥିଲେ । ବୈଠକରେ ସାମ୍ବାଦିକମାନଙ୍କ ସୁରକ୍ଷା, ସମ୍ମାନ ଓ ପେନ୍‌ସନ ବ୍ୟବସ୍ଥା ପାଇଁ ସରକାରଙ୍କ ନିକଟରେ ଦାବି ଉପସ୍ଥାପନ କରିବା ସହ ଜିଲ୍ଲା ପ୍ରେସ କ୍ଲବ୍‌ର ନିଜସ୍ୱ ଜମିରେ ସାମ୍ବାଦିକ ଭବନ ନିର୍ମାଣ ନେଇ ମଧ୍ୟ ନିଷ୍ପତି ଗ୍ରହଣ କରାଯାଇଥିଲା । ଆସନ୍ତା ବୈଠକ ପାର୍ଟିଶ୍ୟାଂଚକରେ ଆୟୋଜନ କରି ସେଠାକାର ସମସ୍ୟା ଉପରେ ଗୁରୁତ୍ୱାରୋପ କରିବାକୁ ସଦସ୍ୟମାନେ ମତ ପ୍ରକାଶ କରିଥିଲେ । ନୂତନ କାର୍ଯ୍ୟକାରିଣୀରେ ପରମେଶ୍ୱର ବାରିକ ଉପ-ସଭାପତି, ଜୁଗଲ ଚରଣ ଦେହେରା ସଙ୍ଗଠକ, ବାପିନା କୁମାର ସାହୁ କୋଷାଧ୍ୟକ୍ଷ, ହେମନ୍ତ କୁମାର ଦେହେରା ସୁଗ୍ମ ସମ୍ପାଦକ, ଗଣେଶ ରଣା ସହ-ସମ୍ପାଦକ ଓ ବାନବନ୍ଧୁ ଛତ୍ରିଆ ଏବଂ ମୁନା ପାଣିଗ୍ରାହୀ କାର୍ଯ୍ୟକାରୀ ସଦସ୍ୟ ଭାବେ ମନୋନୀତ ହୋଇଛନ୍ତି । ବୈଠକରେ ପରାମର୍ଶଦାତା ଡଃ ମୋହନ ରାମଚନ୍ଦ୍ର ମିଶ୍ର, ବରିଷ୍ଠ ଆଇନଜୀବୀ ଚିତରଞ୍ଜନ ସିଂଦେଓ, ରଘୁ ନାଗ, କ୍ଷୀରସିନ୍ଧୁ ସଗଡ଼ିଆ ପ୍ରମୁଖ ଉପସ୍ଥିତ ଥିଲେ । ସଙ୍ଗଠକ ଜୁଗଲ ଚରଣ ଦେହେରା ସ୍ୱାଗତ ଭାଷଣ ଦେଇଥିବା ବେଳେ ଶେଷରେ ଧନ୍ୟବାଦ ଜ୍ଞାପନ କରିଥିଲେ ।

ରୁଦ୍ରମାଧବ ରାୟଙ୍କ ଦଶମ ଶ୍ରାଦ୍ଧ ବାର୍ଷିକୀ ପାଳିତ

ଦଶପଲ୍ଲା, ୩୧/୦୫ (ଆ.ପ୍ର) : ଦଶପଲ୍ଲାସ୍ଥିତ କୃଷ୍ଣପ୍ରିୟା ଦେବୀ ମହିଳା ମହାବିଦ୍ୟାଳୟ ପରିସରରେ ମହାବିଦ୍ୟାଳୟର ପ୍ରାଣପୁରୁଷିଷ୍ଠାତା ତଥା ପୂର୍ବତନ ସଂସଦ ରୁଦ୍ରମାଧବ ରାୟଙ୍କ ଦଶମ ଶ୍ରାଦ୍ଧ ବାର୍ଷିକୀ ଦିବସର ଦିନ ଅତ୍ୟନ୍ତ ଶ୍ରଦ୍ଧା ଓ ଭାବବିହ୍ୱଳ ପରିବେଶରେ ପାଳନ କରାଯାଇଛି । ଏହି ଅବସରରେ ଏକ ସ୍ମୃତିତୋରଣ ସରାଗ ଆୟୋଜନ କରାଯାଇଥିଲା । ମହାବିଦ୍ୟାଳୟର ଅଧ୍ୟକ୍ଷା ପୂର୍ଣ୍ଣିମାମୀ ଦେବୀଙ୍କ ପ୍ରତ୍ୟକ୍ଷ ତତ୍ୱାବଧାନରେ ଅନୁଷ୍ଠିତ ସଭାରେ ମୁଖ୍ୟ ଅତିଥି ଭାବେ ବିଦାୟୀ ରାୟ ଯୋଗଦେଇ ସ୍ୱର୍ଗତ ରାୟଙ୍କ ଜନସେବା, ଶିକ୍ଷା ପ୍ରତି ତାଙ୍କର ଅଙ୍ଗାଳାର ଏବଂ ଅଂଚଳର ସାମଗ୍ରିକ ବିକାଶ ପାଇଁ ତାଙ୍କ ଅବଦାନକୁ ସ୍ମରଣ କରିଥିଲେ । ସେ କହିଥିଲେ ରାୟ, ରୁଦ୍ରମାଧବ ରାୟଙ୍କ ଦୂରଦୃଷ୍ଟି ଓ ପ୍ରଚେଷ୍ଟା ଫଳରେ ଏହି ଅଂଚଳର ଅନେକ ଛାତ୍ରୀ ଉଚ୍ଚଶିକ୍ଷାର ସୁଯୋଗ ପାଇପାରିଛନ୍ତି । ସମ୍ମାନିତ ଅତିଥି ରାଜେ କୁଳ ଅଧ୍ୟକ୍ଷା ସୁନନ୍ଦା ସାହୁ, ଏନ୍‌ଏସି ଅଧ୍ୟକ୍ଷା ପୂରମ ପ୍ରିୟଦର୍ଶିନୀ, ମହାବିଦ୍ୟାଳୟର ପୂର୍ବତନ ଅଧ୍ୟକ୍ଷ ଉପେନ୍ଦ୍ର କୁମାର ସାହୁ ଓ ବିଶିଷ୍ଟ ସମାଜସେବୀ ସଜନ କୁମାର ରାୟ ପ୍ରମୁଖ ଉପସ୍ଥିତ ରହି ସ୍ୱର୍ଗତ ରାୟଙ୍କ ପଟ୍ଟଚିତ୍ରରେ ପୁଷ୍ପମାଲ୍ୟ ଅର୍ପଣ କରିଥିଲେ । ଅତିଥିମାନେ ନିଜ ବକ୍ତବ୍ୟରେ ରୁଦ୍ରମାଧବ ରାୟଙ୍କ ଆଦର୍ଶ, ତ୍ୟାଗ ଓ ନାରୀ ଶିକ୍ଷା ପ୍ରତି ତାଙ୍କର ଅବିସ୍ମରଣୀୟ ଅବଦାନ ଉପରେ ଆଲୋକପାତ କରିଥିଲେ । ବକ୍ତାମାନେ କହିଥିଲେ ଯେ, ଗ୍ରାମାଞ୍ଚଳରେ ମହିଳା ଶିକ୍ଷାର ପ୍ରସାର ଲକ୍ଷ୍ୟ ନେଇ ସେ ଯେଉଁ ସ୍ୱପ୍ନ ଦେଖିଥିଲେ, ଆଜି ତାହା ସାକାର ହୋଇ ଏହି ମହାବିଦ୍ୟାଳୟ ଅଂଚଳର ଶିକ୍ଷା କ୍ଷେତ୍ରରେ ଏକ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିପାରିଛି । ଏହି କାର୍ଯ୍ୟକ୍ରମରେ ମହାବିଦ୍ୟାଳୟର ସମସ୍ତ ଅଧ୍ୟାପକ, ଅଧ୍ୟାପିକା, କର୍ମଚାରୀ ଓ ଛାତ୍ରୀମାନେ ଉପସ୍ଥିତ ରହି ସ୍ୱର୍ଗତ ରାୟଙ୍କ ପ୍ରତି ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ । ଶେଷରେ କୃତୀ ଛାତ୍ରୀଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା । ସେହିପରି ବିଶ୍ୱାଳୁଙ୍କି ଗ୍ରାମଗୁଡ଼ିକରେ ଥିବା ରୁଦ୍ରମାଧବ ରାୟଙ୍କ ପ୍ରତିମୂର୍ତ୍ତିରେ ପୂର୍ବତନ ବ୍ଲକ ଅଧ୍ୟକ୍ଷ ଉପେନ୍ଦ୍ର ସାହୁ ପୁଷ୍ପମାଲ୍ୟ ଅର୍ପଣ କରିଥିଲେ ।

ହୋମଗାର୍ଡ ପବିତ୍ର ମୋହନ ନାଏକ ନିଲମ୍ବିତ, ଉଚ୍ଚସ୍ତରୀୟ ତଦନ୍ତ ଦାବି ଜୋରଦାର



ଜୟପାଟଣା/କଳାହାଣ୍ଡି, ୩୧/୦୫ (ଆ.ପ୍ର) : କଳାହାଣ୍ଡି ଜିଲ୍ଲାର ଜୟପାଟଣା ପୋଲିସ ବ୍ୟବସ୍ଥାରେ ଏକ ଚର୍ଚ୍ଚିତ ଓ ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟାନୁଷ୍ଠାନ ସାମ୍ନାକୁ ଆସିଛି । ଜୟପାଟଣା ଥାନାରେ କାର୍ଯ୍ୟରତ ହୋମଗାର୍ଡ ପବିତ୍ର ମୋହନ ନାଏକଙ୍କୁ ଅନିର୍ଦ୍ଦିଷ୍ଟ କାଳ ପାଇଁ ନିଲମ୍ବିତ କରାଯାଇଛି । ତାଙ୍କ ବିରୋଧରେ ଆସିଥିବା ଗୁରୁତର ଅଭିଯୋଗ ଆଧାରରେ କଳାହାଣ୍ଡି ଜିଲ୍ଲା ପୋଲିସ ପକ୍ଷରୁ ଏହି ପଦକ୍ଷେପ ନିଆଯାଇଥିବା ଜଣାପଡ଼ିଛି । ପ୍ରାପ୍ତ ସୂଚନା ଅନୁଯାୟୀ, ପବିତ୍ର ମୋହନ ନାଏକ ନିଜ ପଦବୀର ଅପବ୍ୟବହାର କରି ଦୀର୍ଘଦିନ ଧରି ସ୍ଥାନୀୟ ଅଂଚଳରେ ବେଆଇନ ବଟି ଆଦାୟ କରୁଥିବା ନେଇ ଅଭିଯୋଗ ଉଠିଥିଲା । ବିଶେଷକରି ମଦ ବ୍ୟବସାୟ, ସଟ୍ଟା କାରବାର, ଜୁଆ ଆଡ୍ଡା ଏବଂ ଗଞ୍ଜେଇ କାରବାର ସହ ଜଡିତ କିଛି ବ୍ୟକ୍ତିଙ୍କ ସହ ତାଙ୍କର ଘନିଷ୍ଠ ସମ୍ପର୍କ ରହିଥିବା ଅଭିଯୋଗ ହୋଇଥିଲା । ଆଚରଣର ଲୟ ଦେଖାଇ ଏବଂ ପୋଲିସ ପ୍ରଶାସନର ନାମ ବ୍ୟବହାର କରି ସେ ନିୟମିତ ଭାବେ ଅର୍ଥ ଆଦାୟ କରୁଥିବା ନେଇ ଉକ୍ତ ପଦାଧିକାରୀଙ୍କ ନିକଟରେ ଏକାଧିକ ଅଭିଯୋଗ ସହଂଦିଥିଲା । ଜୟପାଟଣା ଅଂଚଳର ସ୍ଥାନୀୟ ବାସିନ୍ଦା ହୋଇଥିବାରୁ ପବିତ୍ର ମୋହନ ନାଏକ ସ୍ଥାନୀୟ ସ୍ତରରେ ନିଜର ଏକ ପ୍ରଭାବ ବିସ୍ତାର କରିଥିଲେ ବୋଲି ଚର୍ଚ୍ଚା ହେଉଛି । ଅଭିଯୋଗ ଅନୁସାରେ, ସେ କେବଳ ବେଆଇନ କାରବାରୀଙ୍କ ସହ ସ

ଦୈନିକ
ଆରମ୍ଭ
SEITHO ARAMBHA
ସୋମବାର, ୧ ଜୁନ୍, ୨୦୨୬ : ବାଲେଶ୍ୱର : ପୃଷ୍ଠା -୭

କାଳବୈଶାଖୀର ତାଣ୍ଡବ: କୋମନାରେ ଯୁବ କୁକୁଡ଼ା ଚାଷୀଙ୍କ ଫାର୍ମ ଉଜାଡି ଦେଲା, ଶତାଧିକ ଛୁଆ ମୃତ

କୋମନା, ୩୧/୦୫ (ଆ.ପ୍ର) : ନୂଆପଡ଼ା ଜିଲ୍ଲା କୋମନା ବ୍ଲକର ମହୁଲଭଟା ଗ୍ରାମରେ କାଳବୈଶାଖୀ ତାଣ୍ଡବ ଚାଲିଛି । ଶୁକ୍ରବାର ଅପରାହ୍ନରେ ହଠାତ୍ ଆସିଥିବା ପ୍ରବଳ ଝଡ଼ ଓ ବର୍ଷା ଯୋଗୁଁ ଜଣେ ଯୁବ କୁକୁଡ଼ା ଚାଷୀଙ୍କ ଫାର୍ମରେ ଶତାଧିକ କୁକୁଡ଼ା ଛୁଆଙ୍କ ମୃତ୍ୟୁ ଘଟିଥିବାବେଳେ ଲକ୍ଷାଧିକ ଟଙ୍କାର କ୍ଷତି ହୋଇଛି । ମହୁଲଭଟା ଗ୍ରାମର ଶିକ୍ଷିତ ଯୁବକ ସୁଦାମ ସାହୁ ପାଠପଢ଼ା ଶେଷ କରିବା ପରେ ଚାକିରି ପଛରେ ନ ଧାଇଁ ସ୍ୱାବଲମ୍ବୀ ହେବା ପାଇଁ କୁକୁଡ଼ା ଚାଷକୁ ଜୀବିକାର ମାଧ୍ୟମ ଭାବେ ବାଛିଥିଲେ । ବିଭିନ୍ନ ସୂତ୍ର ଓ ବ୍ୟାଙ୍କରୁ ଋଣ ନେଇ ପ୍ରାୟ ଦୁଇ ବର୍ଷ ପୂର୍ବେ ସେ ଏକ କୁକୁଡ଼ା ଫାର୍ମ ସ୍ଥାପନ କରି ବ୍ୟବସାୟ ଆରମ୍ଭ କରିଥିଲେ । ପ୍ରାରମ୍ଭିକ ସଫଳତା ପରେ ବିତି ବର୍ଷ ସେ ଅଧିକ ସଂଖ୍ୟାରେ କୁକୁଡ଼ା ଛୁଆ ଆଣି ପାଳନ କରୁଥିଲେ । ତେବେ ଶୁକ୍ରବାର ଅସିଥିବା କାଳବୈଶାଖୀ ତାଙ୍କର ସମସ୍ତ ଆଶା ଉପରେ ପାଣି ପକାଇ ଦେଇଛି । ପ୍ରବଳ ପବନ ଓ ବର୍ଷାରେ ଫାର୍ମର ବ୍ୟାପକ କ୍ଷତି ହୋଇଥିବାବେଳେ ପ୍ରତିକୂଳ ପାଗ ଏବଂ ଅତ୍ୟଧିକ ଚାପ ସହି ନପାରି ଫାର୍ମ ଭିତରେ ଅଧା ଶତାଧିକ କୁକୁଡ଼ା ଛୁଆଙ୍କ ମୃତ୍ୟୁ ଘଟିଛି । ଏହା ଫଳରେ ସୁଦାମଙ୍କ ଲକ୍ଷାଧିକ ଟଙ୍କାର ବ୍ୟବସାୟ ଉଜୁଡ଼ି ଯାଇଛି । ଋଣ ଚୋଟ ସହିତ ଏତଲି ଅପୂରଣୀୟ କ୍ଷତି ତାଙ୍କୁ ଗଭୀର ଆର୍ଥିକ ସଙ୍କଟରେ ପକାଇ ଦେଇଛି । ଦେଣ୍ଡୁ ସ୍ଥାନୀୟ ପ୍ରଶାସନ, ପ୍ରାଣିଧନ ବିଭାଗ ଏବଂ ଜିଲ୍ଲା ପ୍ରଶାସନ ଘଟଣାର ସରଜମିନ ତଦନ୍ତ କରି କ୍ଷତିଗ୍ରସ୍ତ ଯୁବ ଚାଷୀଙ୍କୁ ସରକାରୀ ନିୟମ ଅନୁଯାୟୀ ଯଥାଶୀଘ୍ର ଉପଯୁକ୍ତ କ୍ଷତିପୂରଣ ପ୍ରଦାନ କରିବାକୁ ସ୍ଥାନୀୟ ଅଞ୍ଚଳରେ ଦାବି ହେଉଛି

ନିୟମଗିରିର ଦୁର୍ଗମ ଅଂଚଳରେ ରାୟଗଡ ଜିଲ୍ଲା ପ୍ରଶାସନ ଡୋଙ୍ଗରିଆ କନ୍ଧ ସମ୍ପ୍ରଦାୟଙ୍କୁ ଭୋଟର ତାଲିକା ସଂଶୋଧନ ପାଇଁ ଏନ୍ୟୁମେରେସନ ଫର୍ମ ବଂଟନ

ରାୟଗଡ଼, ୩୧/୦୫ (ଆ.ପ୍ର) : ରାୟଗଡ଼ ଜିଲ୍ଲାର ନିୟମଗିରି ଅଂଚଳରେ ବସବାସ କରୁଥିବା ପିଡିଟିକି ସମ୍ପ୍ରଦାୟର "ଡୋଙ୍ଗରିଆ କନ୍ଧ" ଲୋକଙ୍କୁ ଗଣତନ୍ତ୍ରର ମୁଖ୍ୟ ସ୍ରୋତରେ ସାମିଲ କରିବା ପାଇଁ ଜିଲ୍ଲା ପ୍ରଶାସନ ପକ୍ଷରୁ ଏକ ବଡ଼ ପଦକ୍ଷେପ ନିଆଯାଇଛି । ଜିଲ୍ଲାପାଳ ରାୟଗଡ଼ ଆଶୁତୋଷ କୁଲକର୍ଣ୍ଣୀଙ୍କ ନିର୍ଦ୍ଦେଶ କ୍ରମେ ଏବଂ ୧୩୯-ବିଷମଳତେ (ଏସ୍‌ଟି) ବିଧାନସଭା ନିର୍ବାଚନମଣ୍ଡଳୀର ଇଲେକ୍ଟୋରାଲ ରୋଲ୍‌ଅବ୍‌ଜେକ୍ଟ ଅଫିସର (ଇଆରଓ) ତଥା ଅତିରିକ୍ତ ଜିଲ୍ଲାପାଳ (ସାଧାରଣ) ନବୀନ ଚନ୍ଦ୍ର ନାୟକଙ୍କ ତତ୍ତ୍ୱାବଧାନରେ ସ୍ୱତନ୍ତ୍ର ସଘନ ସଂଶୋଧନ (Special Intensive Revision-SIR) କାର୍ଯ୍ୟକ୍ରମ ଅନ୍ତର୍ଗତ ବିଷମଳତେ ବ୍ଲକର ନିୟମଗିରି ଅଂଚଳରେ ବସବାସ କରୁଥିବା ଡୋଙ୍ଗରିଆ କନ୍ଧ ପିଡିଟିକି (Particularly Vulnerable Tribal Group) ସମ୍ପ୍ରଦାୟଙ୍କ ନିକଟରେ ପହଂଚି ଏନ୍ୟୁମେରେସନ ଫର୍ମ ବଂଟନ କରାଯାଇଛି । ସାମାଜର ପ୍ରତ୍ୟେକ ବର୍ଗର ଯୋଗ୍ୟ ମତଦାତାଙ୍କୁ ଭୋଟର ତାଲିକା ସଂଶୋଧନ ପ୍ରକ୍ରିୟାରେ ସାମିଲ କରିବା ଉଦ୍ଦେଶ୍ୟରେ ଅଜି ୧୩୯-ବିଷମଳତର ବିଧାନସଭା ନିର୍ବାଚନମଣ୍ଡଳୀ ଅନ୍ତର୍ଗତ ଏଆରଓ-କମ୍-ଡିଡିଓ ଶିବ ପ୍ରସାଦ ପଟ୍ଟନାୟକ, ଡିପିଡିଓ ସୁଦୀପ କୃଷ୍ଣ ବେହେରା, ଡି.ଏଲଓ ସୁପରଭାଇଜର ହରିଦାସ ଦାଶ୍ୟା, ପାର୍ଟ ନଂ-୯୩ ଓ ୯୪ର ବୁଥ ସ୍ତରୀୟ ଅଧିକାରୀ ଉମେଶ ପେଡେଂଟି ଏବଂ ଜାମ ଭୌଶଲ୍ୟା ନିୟମଗିରିର ଦୁର୍ଗମ ଡୋଙ୍ଗରିଆ କନ୍ଧ ବସତିଗୁଡ଼ିକ ପରିଦର୍ଶନ କରିଥିଲେ । ଏହି ଅବସରରେ ଯୋଗ୍ୟ ମତଦାତାଙ୍କୁ ଏନ୍ୟୁମେରେସନ ଫର୍ମ ବଂଟନ କରାଯିବା ସହିତ ସ୍ୱତନ୍ତ୍ର ନିବିଡ଼ ସଂଶୋଧନ କାର୍ଯ୍ୟକ୍ରମ ସମ୍ପର୍କରେ ସଚେତନ କରାଯାଇଥିଲା । ଦୁର୍ଗମ ଭୌଗୋଳିକ ପରିସ୍ଥିତି ସତ୍ତ୍ୱେ କୌଣସି ଯୋଗ୍ୟ ମତଦାତା ଯେପରି ଏହି ପ୍ରକ୍ରିୟାରୁ ବାଦ୍ ପଡ଼ିବେ ନାହିଁ, ସେଥିପାଇଁ ପ୍ରଶାସନ ପକ୍ଷରୁ ସମସ୍ତ ପ୍ରୟାସ କରାଯାଇଛି । ରାୟଗଡ଼ ଜିଲ୍ଲା ପ୍ରଶାସନର ଏହି ସ୍ୱିପ୍ ପଦକ୍ଷେପ ମାଧ୍ୟମରେ ଆଦିବାସୀ ଓ ପିଡିଟିକି ସମ୍ପ୍ରଦାୟ ସମେତ ସମାଜର ସମସ୍ତ ବର୍ଗଙ୍କୁ ନିର୍ବାଚନ ପ୍ରକ୍ରିୟାରେ ସକ୍ରିୟ ଭାବେ ସାମିଲ କରିବା ଦିଗରେ ଏକ ଉଲ୍ଲେଖନୀୟ ପ୍ରୟାସ କରାଯାଇଛି ।

ମିଳିତ ନିଶା ନିବାରଣ ଅଭିଯାନ ଓ ଇଣ୍ଟରାକ୍ଟ କ୍ଲବ୍ ଅଫ୍ ସିଦ୍ଧିବିନାୟକ ପବ୍ଲିକ୍ ସ୍କୁଲ୍‌ର ମିଳିତ ଆନୁକୂଲ୍ୟରେ ବିଶ୍ୱ ତମାଖୁ ବର୍ଜନ ଦିବସ ପାଳିତ

ବାଲେଶ୍ୱର, ୩୧/୦୫ (ଆ.ପ୍ର) : ମିଳିତ ନିଶା ନିବାରଣ ଅଭିଯାନ (ମନା), ବାଲେଶ୍ୱର ଓ ସିଦ୍ଧିବିନାୟକ ପବ୍ଲିକ୍ ସ୍କୁଲ୍ ମିଳିତ ଆନୁକୂଲ୍ୟରେ 'ମନା'ର ସଭାପତି ପ୍ରଭାକର ସାହୁଙ୍କ ଅଧ୍ୟକ୍ଷତାରେ ଆଜି ବାଲେଶ୍ୱରର ଆତିଥ୍ୟ ଭବନରେ "ବିଶ୍ୱ ତମାଖୁ ବର୍ଜନ ଦିବସ" ପାଳିତ ହୋଇଯାଇଛି । ସଭାପତି ସଭା ଆରମ୍ଭରେ ସମସ୍ତଙ୍କୁ ସ୍ୱାଗତ କରିବା ସହ ଆଜି ଦିବସର ଆଲୋଚନାମୁଖ୍ୟ ଓ 'ମନା' ଦ୍ୱାରା ଦିବସ ଧରି ଏ ଦିଗରେ କାର୍ଯ୍ୟ କରିଆସୁଥିବା କଥା ପ୍ରକାଶ କରିଥିଲେ । 'ମନା'ର ସାଧାରଣ ସଂପାଦିକା ମମତା ମହାପାତ୍ର ମଞ୍ଚାସୀନ ଅତିଥିମାନଙ୍କର ପରିଚୟ ପ୍ରଦାନ କରିବା ସହିତ ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନର ଆହ୍ୱାନ ଉପରେ ଗୁରୁତ୍ୱ ଦେବାପାଇଁ ମତ ରଖିଥିଲେ । ମୁଖ୍ୟାତିଥି ରୂପେ ବାଲେଶ୍ୱରର ପୂର୍ବତନ ଜିଲ୍ଲା ମୁଖ୍ୟ ଚିକିତ୍ସା ଅଧିକାରୀ ଡା. ମିନାଷ୍ରୀ ରାୟ ଯୋଗଦେଇ ପିଲାମାନଙ୍କୁ ତମାଖୁର ଶରୀର ଉପରେ ପ୍ରଭାବ ଓ ତା'ର ଭୟାବହ ପରିଣତି ବିଷୟରେ ବୁଝାଇଥିଲେ । ଆମ ଆଗରେ ବହୁ ଲୋକନାୟକ ପଦାର୍ଥ ଆସିବ, ମାତ୍ର ନିଜକୁ ସଂଯତ କରି ସେଥିରୁ ନିବୃତ୍ତ ରହିବା ଆମର କର୍ତ୍ତବ୍ୟ ହେବା ଜରିତ ବୋଲି ପିଲାମାନଙ୍କୁ ଉପଦେଶ ଦେଇଥିଲେ । 'ମନା'ର ବରିଷ୍ଠ ଉପଦେଷ୍ଟା ତଥା ରୋଟାରିୟାନ୍ ସୁବ୍ରତ କର ତାଙ୍କ ବକ୍ତବ୍ୟରେ ସରକାରଙ୍କର ନୀତି ଓ ସମାଜରେ ତା'ର ପ୍ରଭାବ ଉପରେ ଆଗୋଚନା କରିବା ସଙ୍ଗେସଙ୍ଗେ ସରଳତା ଓଡ଼ିଶାକୁ ନିଶାମୁକ୍ତ କରିବା ପାଇଁ ଉଦ୍ୟମ କରିବାର ଆବଶ୍ୟକତା ଅଛି ବୋଲି ପ୍ରକାଶ କରିଥିଲେ । ସମ୍ମାନିତ ଅତିଥି ତଥା ସିଦ୍ଧି ବିନାୟକ ପବ୍ଲିକ୍ ସ୍କୁଲ୍‌ର ଅଧ୍ୟକ୍ଷ ସୁଧାଂଶୁ ଶେଖର ପଣ୍ଡା ତାଙ୍କ ବକ୍ତବ୍ୟରେ ଆମେ ସମସ୍ତେ ପୃଥିବୀକୁ ବଦଳାଇ ପାରିବା ନାହିଁ, କିନ୍ତୁ ନିଜ ପୃଥିବୀକୁ ଚେଷ୍ଟାକରେ ବଦଳାଇ ପାରିବା ବୋଲି ମତ ରଖିଥିଲେ । ଅନ୍ୟତମ ବକ୍ତା ତ. କ୍ଷିତୀଶ୍ୱର ଦାଶ ସ୍କୁଲ୍‌ମାନଙ୍କରେ ସଚେତନତା କାର୍ଯ୍ୟକ୍ରମ କରିବା ସଂଗେସଂଗେ ପିଲାମାନଙ୍କୁ ତମାଖୁ ସେବନରୁ ଦୂରେଇ ରହିବାପାଇଁ ଉପଦେଶ ଦେଇଥିଲେ । 'ମନା'ର ଉପସଭାପତି ସୁଶ୍ରୀ ଅର୍ଚ୍ଚନା ନନ୍ଦୀ ତମାଖୁ ସେବନର କୁପ୍ରଭାବ ଉପରେ ମନ୍ତବ୍ୟଉ କରିଥିଲେ । ଏହି ଅବସରରେ ସିଦ୍ଧି ବିନାୟକ ପବ୍ଲିକ୍ ସ୍କୁଲ୍‌ର ଛାତ୍ରଛାତ୍ରୀ ରଶ୍ମିକା ପଣ୍ଡା, ସୃଷ୍ଟିକା କୁମାରୀ ସାହୁ, କାବ୍ୟା ପଣ୍ଡା, ଆଶୁତୋଷ ଶତପଥୀ, ଗୀତାଞ୍ଜଳି ମହାପାତ୍ର ଓ ଜୋତିଶ୍ମା ଜେନା ନିଶା ବର୍ଜନ ଉପରେ ନିଜନିଜର ବକ୍ତବ୍ୟ ରଖିଥିଲେ । ଏହି କାର୍ଯ୍ୟକ୍ରମରେ ଗୀତାଞ୍ଜଳି ସିଂହ, ପ୍ରଫୁଲ୍ଲ କୁମାର ଦାସ, ରବି କୁମାର ପାଣ୍ଡିଗ୍ରାହୀ, ଶୁଭଙ୍କର ମହାପାତ୍ର, ଅକ୍ଷୟ କୁମାର ତ୍ରିପାଠୀ, ପ୍ରଭାକର ସାହୁ (ଖ), ତ. ଦୟାନିଧି ମହାପାତ୍ର, ରମେଶ ଚନ୍ଦ୍ର ଜେନା, ପଦ୍ମଲୋଚନ ଦତ୍ତ, ଭାସ୍କର ମିଶ୍ର, ରାଜତୀ ପଣ୍ଡା, ଶଶାଙ୍କ ଶେଖର ଦତ୍ତ, ଜ୍ଞାନା ସାହା, ଜଜ୍ୟାଣୀ ନନ୍ଦ, କ୍ରିଷ୍ଣା ପ୍ରଧାନ, ଶାନ୍ତି ବିସି, ସୁକୁନ୍ଦା ମହାନ୍ତି, ସ୍ନେହଲତା ପତି, କାମନ୍ତୀ ଦେ, ପ୍ରଶାନ୍ତି ସାହୁ, ପ୍ରଭୁଦତ୍ତ ସାହୁ, ଗଙ୍ଗାଧର ଫୁଷି, ଯୋଗେଶ ଚନ୍ଦ୍ର ପ୍ରଧାନ, ଚେଣ୍ଟୁଧର ସାହୁ, ମାଧବଦାସ ଲବଲାମ୍ବ, ଶଚୀନ୍ଦ୍ର ଦାଶ, କମଳାକାନ୍ତ ନାୟକ, ଶରତ ସାହୁ, ଦଶରଥ ପ୍ରଧାନ, ସଞ୍ଜୟ ପଣ୍ଡା, ପ୍ରତିମା ପତିଗ୍ରା, ଶରତ ପଣ୍ଡା, ପ୍ରଚାର ସିହ୍ନା ପ୍ରମୁଖ କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ । ଗୋରାଙ୍ଗ ପାଣ୍ଡିଗ୍ରାହୀ ମଞ୍ଚଆହ୍ୱାନ କରିଥିବାବେଳେ ତ. କେଶବ ଚରଣ ପଣ୍ଡା ଦେବେପାଠ କରିଥିଲେ ଓ ସଭପତି ପଣ୍ଡା ଧନ୍ୟବାଦ ଅର୍ପଣ କରିଥିଲେ ।

ଶିକ୍ଷୟିତ୍ରୀଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା ଜ୍ଞାପନ

ଖଣ୍ଡପଡା, ୩୧/୦୫ (ଆ.ପ୍ର) : ଖଣ୍ଡପଡ଼ା ବ୍ଲକ ଅଧୀନ ରାଣୀଛେଲି ଫଂଚାୟତର ନତବରପ୍ରସାଦ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ କାର୍ଯ୍ୟରତ ଶିକ୍ଷୟିତ୍ରୀ ଜ୍ୟୋତ୍ସ୍ନାମୟି ସାହୁଙ୍କୁ ଗରିବାର ଅନୁଷ୍ଠାନ ପରିସରରେ ଅବସରକାଳୀନ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଛି । ଅନୁଷ୍ଠାନର ପ୍ରଧାନଶିକ୍ଷକ ସନ୍ତୋଷ କୁମାର ସାହୁଙ୍କ ପୌରୋହିତ୍ୟରେ ଆୟୋଜିତ ସମ୍ବର୍ଦ୍ଧନା କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଅତିରିକ୍ତ ବ୍ଲକ ଶିକ୍ଷାଧିକାରୀ ଜଳିଙ୍କ ଚନ୍ଦ୍ର ନାଏକ, ମୁଖ୍ୟ ବକ୍ତା ଭାବେ ଏବିଇଓ ପ୍ରଦୀପ୍ତ କୁମାର ସାହୁ ଓ ସମ୍ମାନିତ ଅତିଥି ଭାବେ ଅବସରପ୍ରାପ୍ତ ଶିକ୍ଷାବିତ ବସନ୍ତ କୁମାର ସାହୁ, ସିଆରସିସି ମନୋଜ କୁମାର ସାହୁ, ଖଣ୍ଡପଡ଼ା ବ୍ଲକ ପ୍ରାଥମିକ ଶିକ୍ଷକ ସଂଘର ସଭାପତି ଦୀନବନ୍ଧୁ ଦାସ, ଗ୍ରାମ୍ୟ ସଭାପତି ରବୀନ୍ଦ୍ର ପ୍ରଧାନଙ୍କ ସମେତ ବିଦ୍ୟାଳୟ ପରିଚାଳନା କମିଟି ସଭାନେତ୍ରୀ ତଳିନୀ ପ୍ରଧାନ ପ୍ରମୁଖ ଯୋଗ ଦେଇ ଅବସର ଗ୍ରହଣ କରିଥିବା ଶିକ୍ଷୟିତ୍ରୀଙ୍କ ଶିକ୍ଷାଦାନ ଶୈଳୀ, ସମୟାନୁବର୍ତ୍ତିତା ଓ ଛାତ୍ର ବତ୍ସଳତା ସଂପର୍କରେ ଆଲୋକପାତ କରିଥିଲେ । ବରିଷ୍ଠ ଶିକ୍ଷକ ଚିତରଞ୍ଜନ ପଣ୍ଡା କାର୍ଯ୍ୟକ୍ରମରେ ସଂଚାଳନା କରିଥିଲେ । ଏ ଅବସରରେ ଶିକ୍ଷୟିତ୍ରୀଙ୍କୁ ଉପଢୌକନ, ପୁଷ୍ପଗୁଚ୍ଛ ଓ ମାନପତ୍ର ପ୍ରଦାନ ପୂର୍ବକ ସମ୍ବର୍ଦ୍ଧିତ କରାଯାଇଥିଲା । କାର୍ଯ୍ୟକ୍ରମ ପରିଚାଳନାରେ ବସନ୍ତ କୁମାର ରାଉତ, ଅଭିମନ୍ୟୁ ଦାସ, ଶ୍ରୁତିରାଣୀ ସାହୁ, ସରୋଜ କୁମାର ପଣ୍ଡା, ଦିଲ୍ଲୀପ କୁମାର କାଜିଲ ପ୍ରମୁଖ ସଚ୍ଚାୟ ସହଯୋଗ କରିଥିଲେ ।

ରାସ୍ତାକଡରୁ ବୃଦ୍ଧଙ୍କ ମୃତଦେହ ଉଦ୍ଧାର ଘଟଣାରେ ହତ୍ୟାକାରୀ ଜ୍ୱାଇଁ କୋର୍ଟ ଚାଲାଣ

ଅସ୍ତରଙ୍ଗ, ୩୧/୦୫ (ଆ.ପ୍ର) : ଅସ୍ତରଙ୍ଗ ଥାନା ଅନ୍ତର୍ଗତ ମୁଦୁଲର ଗ୍ରାମ ଭ୍ରମର ନାୟକ (୭୦)ର ମୃତଦେହ ଉଦ୍ଧାର ପରେ ଜ୍ୱାଇଁ ସୁକାନ୍ତ ଚୌଧୁରୀ ନିଜେ ହତ୍ୟାକାରୀ ବୋଲି ସ୍ୱୀକାର କରିଛି । ଥାନା ପରେ ଗତକାଲି ଠାରୁ ଅଟକ ଥିବା ସୁକାନ୍ତକୁ ଗିରଫ କରି ପୁଲିସ୍ କୋର୍ଟ ଚାଲାଣ କରିଛି । ଆଜି ଛୁଟି ଥିବା ଓ ଅସ୍ତରଙ୍ଗ କୋର୍ଟର ବିଚାରପତି ନଥିବାରୁ ଅସ୍ତରଙ୍ଗ ପୁଲିସ୍ ଅଭିଯୁକ୍ତକୁ ନିମପଡା ନେଇ ସ୍ପତନ୍ତ୍ର କୋର୍ଟରେ ହାଜର କରିଥିଲା । ଜାମିନୀ ନାମାଙ୍କୁଲ ବେଦାରୁ ଆସାମୀକୁ ଜେଲ୍ ପଠାଇ ଦିଆଯାଇଛି । ସବୁଠାରୁ ବଡ଼କଥା ହେଲା ଶଶୁରଙ୍କୁ ହତ୍ୟା କରିବା ସେ ମାନିଯାଇଛି । ଶଶୁର ଠାରୁ ଟଙ୍କା ଛଡାଇ ନେଇ ଏକ ଗୁଜାଳରେ ପୋଡିବା ଓ ପ୍ରମାଣ ନଷ୍ଟ କରିବାକୁ ବୃଦ୍ଧ ଶଶୁରଙ୍କୁ ହତ୍ୟାକରି ବଣ କୁଦାରେ ପିଟି ଦେଇଥିଲା । ଗୁଜାଳ ଭିତରେ ପୋଡା ଯାଇଥିବା ଟଙ୍କାକୁ ଗତକାଲି ରାତିରେ ପୁଲିସ୍ ଉଦ୍ଧାର କରିବା ସ୍ଥାନୀୟ ଲୋକେ ସୂଚନା ଦେଇଛନ୍ତି । ସୂଚନାନୁସାରେ ମୁଦୁଲର ଗ୍ରାମ ଭ୍ରମର ନାୟକ (୭୦) ନାମକ ଜଣେ ବ୍ୟକ୍ତି ନିକଟରେ ଗିଜିମୁର ଗ୍ରାମରେ ଜାଗା କିଣି ଏକ ଗୃହ ନିର୍ମାଣ କରୁଥିଲେ । ତାଙ୍କର ପୁଅ ନଥିଲା ବେଳେ ଚାରି ଝିଅ ମଧ୍ୟରୁ ତିନି ନୟର ମଝିଅଣି ଝିଅ ମାଧୁରୀ ଦିଲ୍ଲୀରେ କୌଣସି ଏକ ସଂସ୍ଥାରେ କାମ କରା ବେଳେ ସୁଭାଷ୍ଚ ନାମକ ଜଣେ ଯୁବକଙ୍କୁ ଭଲ ପାଇଁ ବନ୍ଧା ହୋଇଥିଲେ । ଯାହାର ଘର ଉତରପ୍ରଦେଶରେ ଓ ସେ ଜଣେ ମୁସଲିମ୍ ସମ୍ପ୍ରଦାୟର ବୋଲି ଶୁଣିବାରୁ ମିଳିଛି । ବିବାହ ପରେ ଏହି ପୁଅ ଜନ୍ମ ହେବା ଓ ତାକୁ ଧରି ସେଠାରେ କିଛି ଦିନ ରହିବା ବେଳେ ସ୍ୱାମୀ ସ୍ତ୍ରୀ ମଧ୍ୟରେ ମନମାନିନ୍ୟ ହେବାରୁ ଝିଅ ମାଧୁରୀ ଘରକୁ ଆସି ବାପା ପାଖରେ ରହୁଥିଲେ । ଶଶୁର ଘରେ ଜ୍ୱାଇଁ ରହି କାମଧନ୍ଦା କରି ସ୍ୱାମୀ ସ୍ତ୍ରୀ ଚଳୁଥିବେ ମଧ୍ୟ ଦିନିକୁ ସମୟରେ ବିବାଦ ଉପୁଜୁଥିଲା । ନିଶାଖଣ୍ଡ ଅବସ୍ଥାରେ ଯୁବକ ଜଣକ ଆସି ସ୍ତ୍ରୀକୁ ହଇରାଣ କରିବା ଓ ଶଶୁରଙ୍କ ସମ୍ପତ୍ତି ଉପରେ ଲୋଭୁପ ଦୃଷ୍ଟି ପଡିଥିଲା । ଶଶୁର ଘରେ ରହିବା ସହ ତାଙ୍କ ଠାରୁ ଟଙ୍କା ଛଡାଇ ନେଇ ସୁଯୋଗ ଖୋଜି ହତ୍ୟାକରିଥିଲା । ପ୍ରମାଣ ନଷ୍ଟ କରିବାକୁ ଏକ ଗାଜାକଡର ବଣ କୁଦାରେ ଫିଙ୍ଗି ଦେବା ପରେ ଫେରାର ହୋଇଯାଇଥିଲା । ବୃଦ୍ଧଙ୍କ ମୃତଦେହ ଠାଡ ପରେ ଅସ୍ତରଙ୍ଗ ପୁଲିସ୍ ତଦନ୍ତାନ୍ତ ତଦନ୍ତ କରି ଖୁବ୍ ସମୟ ମଧ୍ୟରେ ଅଭିଯୁକ୍ତ ଜ୍ୱାଇଁକୁ କାବୁ କରିଥିଲା ।ଏପରେ ମୃତ ବୃଦ୍ଧଙ୍କ ସାନ ଝିଅ ରାଜାରାଣୀ ସ୍ୱାଇଁ ରାଘାର ତଦ୍ୟାଲାଣ୍ଡ ଘଟଣାରେ ପାଖରେ ରହୁଥିବା ଜ୍ୱାଇଁକୁ ଦାୟୀକରି ସିଧାସଳଖ ଅସ୍ତରଙ୍ଗ ଥାନାରେ ଅଭିଯୋଗ କରିଥିଲା । ଅସ୍ତରଙ୍ଗ ଥାନାରେ ୧୪୭/୨୦୨୬ରେ ଏକ ମାମଲା ରୁଜୁ କରି ଅଭିଯୁକ୍ତକୁ ଥାନାରେ ଅଟକ ରଖି ପୁଲିସ୍ ଅଧିକ ପଚରାଉଚରା କରିଥିଲା । ତଦନ୍ତ ବେଳେ ଅଭିଯୁକ୍ତ ଜ୍ୱାଇଁ ସୁକାନ୍ତ ଶଶୁରଙ୍କୁ ମାରି ହତ୍ୟାକାଣ୍ଡ ଜିଆଇବା ସ୍ୱୀକାର କରିଥିଲା । ପରେରେ ଅଭିଯୁକ୍ତକୁ ଗିରଫ ତାଲ୍ଲାରୀ ମାଲନା ପରେ ନିମାପଡା କୋର୍ଟରେ ହାଜର କରିଥିଲା । ବିଚାର ପରେ ଜାମିନ ନମିଳିବାରୁ ଅଭିଯୁକ୍ତ ଜେଲ୍ ଯିବା ଅସ୍ତରଙ୍ଗ ଥାନାରୁ ଖବର ମିଳିଛି ।

ସାପ କାମୁଡାରେ ମହିଳାଙ୍କ ମୃତ୍ୟୁ, ସହାୟତା ନିମନ୍ତେ ଗ୍ରାମବାସୀଙ୍କ ଦାବି

ମିମୁଲିଆ, ୩୧/୦୫ (ଆ.ପ୍ର) : ଚନ୍ଦ୍ରପଡା ଗ୍ରାମର ଜୈନିକ ମହିଳାଙ୍କୁ ବିଷଧର ସାପ କାମୁଡିବାରୁ ମହିଳାଙ୍କ ମୃତ୍ୟୁ, ସ୍ଥାନୀୟ ଅଂଚଳରେ ଶୋକର ଛାୟା ଖେଳିଯାଇଛି । ସୂଚନାରୁ ପ୍ରକାଶ ସିମୁଲିଆ ଥାନା ଅନ୍ତର୍ଗତ ଶଙ୍ଖପୁର ପଂଚାୟତର ଚନ୍ଦ୍ରପଡା ଗ୍ରାମର ରାଜେନ୍ଦ୍ର ମହାଲଣା ମଧ୍ୟରାତ୍ରରେ ଜିଲ୍ଲା ବାଲିପଡାରେ କାଠ କାମ କାମ କରି ନିଜ ପରିବାର ପ୍ରତିପୋଷଣ କରୁଥିଲେ । ପରିବାର କହିଲେ ସ୍ତ୍ରୀ ଆଉଡୀ (୨୯)ବର୍ଷ, ବଡ଼ ଝିଅ ପୂଜା (୮)ବର୍ଷ, ମଝିଆ ଝିଅ ନିଜା (୬)ବର୍ଷ ଓ ପୁଅ ପ୍ରଣୀତ ଏକ ବର୍ଷ । ସ୍କୁଲ ଛୁଟି ହେତୁ ପରିବାର ବର୍ଗଙ୍କୁ ବାରିପଦା ନେଇ ଯାଇଥିଲେ । ଗୁରୁବାର ଦିନ ରାତିରେ ଶୋଇଥିବା ଅବସ୍ଥାରେ ଏକ ବିଷଧର ସାପ ଆଉଡୀକୁ କାମୁଡି ଥିଲା । ଆଉଡୀକୁ ସଙ୍ଗେ ସଙ୍ଗେ ମେଡିକାଲକୁ ନିଆଗଲା ମିମନ୍ତେ ଗତି କରିଥିଲେ । ଚିକିତ୍ସାଧୀନ ଅବସ୍ଥାରେ ଶନିବାର ଦିନ ରାତିରେ ମୃତ୍ୟୁ ହୋଇଥିଲା । ଆଜି ତାର ଶବକୁ ଚନ୍ଦ୍ରପଡା ଗ୍ରାମରେ ଶୋକାକୁଳ ପରିବେଶରେ ଶବଦାହ କରାଯାଇଥିଲା । ରାଜେନ୍ଦ୍ର ଅତ୍ୟନ୍ତ ଗରିବ ଓ ଦିନ ମଜୁରିଆ ଭାବେ କାର୍ଯ୍ୟ କରନ୍ତି । ତିନୋଟି ମା ଝିଅଙ୍କ ପିଢାକୁ ନେଇ କିପରି ଶୁଦ୍ଧିକ୍ରିୟା ଓ ପରିବାର ପ୍ରତିପୋଷଣ କରିବେ ଚିନ୍ତାରେ ଭାଙ୍ଗି ପଡିଛନ୍ତି ରାଜେନ୍ଦ୍ର । ଏପରି ଅବସ୍ଥାରେ ନିଃସହାୟ ରାଜେନ୍ଦ୍ରକୁ ସରକାରୀ ଓ ବେସରକାରୀ ସ୍ତରରେ ସାହାଯ୍ୟର ହାତ ବଢାଇବାକୁ ନିବେଦନ କରିଛନ୍ତି ଗ୍ରାମବାସୀ ।

୨ ମାସ ହେଲା ବ୍ୟାଙ୍କରୁ ବାର୍ଦ୍ଧକ୍ୟଭତ୍ତା ଅର୍ଥ ନ ପାଇ ବୁଢ଼ାବୁଢ଼ୀ ହଟହଟା

ମାହାଙ୍ଗା, ୩୧/୦୫ (ଆ.ପ୍ର) : ମାହାଙ୍ଗା ବ୍ଲକରେ ବାର୍ଦ୍ଧକ୍ୟ ଭତ୍ତା ଅର୍ଥ ପ୍ରଦାନରେ ବିଳମ୍ବକୁ ନେଇ ବୁଢ଼ାବୁଢ଼ୀମାନଙ୍କ ମଧ୍ୟରେ ଅସନ୍ତୋଷ ବଢ଼ିବାରେ ଲାଗିଛି । ବିଗତ ସରକାର ଆମଳରେ ପ୍ରତିମାସ ୧୫ତାରିଖରେ ପଂଚାୟତ କାର୍ଯ୍ୟାଳୟରେ ଭତ୍ତା ବଣ୍ଟନ କରାଯାଉଥିଲା । ଯେଉଁମାନେ ବ୍ୟାଙ୍କରୁ ଭତ୍ତାଅର୍ଥ ପାଉଥିଲେ ସରକାର ସେମାନଙ୍କୁ ବି ଠିକ୍ ସମୟରେ ସେମାନଙ୍କର ବ୍ୟାଙ୍କ ଆକାଉଣ୍

ସେଠିଠାରୁ
ଆରମ୍ଭ
SEITHO ARAMBHA
ସୋମବାର, ୧ ଜୁନ୍, ୨୦୨୬ : ବାଲେଶ୍ୱର : ପୃଷ୍ଠା -୮

ଆଜି ବି ଅଧୁରା ଭାରତର ଫିଫା ବିଶ୍ୱକପ୍ ସ୍ୱପ୍ନ

ନୂଆଦିଲ୍ଲୀ, ୩୧/୫(ନ୍ୟୁ.ଏ): ଫିଫା ବିଶ୍ୱକପ୍ ଆସିଲେ ଭାରତରେ 'ଫୁଟବଲ୍ ଖେଳ' ଫୁଟବଲ୍‌ର ଶୋଚନୀୟ ସ୍ଥିତି ଅପଣାଛାଏଁ ମନକୁ ଆସିଯାଏ । ଅନ୍ତର୍ଜାତୀୟ ପଦାର୍ପଣର ୮୮ବର୍ଷ ପରେ ମଧ୍ୟ ବିଶ୍ୱର ସବୁଠାରୁ ଜନବହୁଳ ଦେଶ ଭାରତ ସବୁଠାରୁ ଲୋକପ୍ରିୟ ଖେଳର ବିଶ୍ୱ ଲିଡ୍‌ରେରେ ଅଛେ ମାତ୍ର ଟି ସାମିଲ ନହେବାର ଦୁଃଖ ଓ ଅଫସୋସ ମଧ୍ୟ କ୍ରୀଡ଼ାପ୍ରେମୀଙ୍କୁ ବ୍ୟଥିତ କରେ । ଏଭଳି ସ୍ଥିତିରେ ୭୬ ବର୍ଷ ତଳେ ଅର୍ଥାତ୍ ୧୯୫୦ରେ ମିଳିଥିବା ବିଶ୍ୱକପ୍ ଖେଳିବାର ସୁଯୋଗକୁ ଭାରତ ଜାତୀୟ ଫୁଟବଲ୍ ଦଳ ଛାଡ଼ିଦେଇଥିଲା । ଏଥିପାଇଁ ଏକ ବଡ଼ ଅନୁସୋନନାର ବିଷୟ ବୋଲି କୁହାଯାଇପାରେ । ୧୯୫୦ ମସିହା ବିଶ୍ୱକପ୍ ଯୋଗ୍ୟତା ପର୍ଯ୍ୟାୟରେ ଭାରତର ସବୁ ପ୍ରତିପକ୍ଷ ଛାଡି ଯାଇଥିଲେ । ପରେରେ ଭାରତ ସ୍ୱତଃପ୍ରବୃତ ଭାବେ ବିଶ୍ୱକପ୍‌ର ଏହି ସଂସ୍କରଣ ଲାଗି ଯୋଗ୍ୟତା ଅର୍ଜନ କରିଥିଲା । ହେଲେ ଗଣ୍ଡ ଖର୍ଚ୍ଚ ବହନ କରିବାର କ୍ଷମତା ନଥିବାରୁ ସର୍ବଭାରତୀୟ ଫୁଟବଲ୍ ମହାସଂଘ ଦଳ ପଠାଇ ନଥିଲା । ପରେ କିନ୍ତୁ ଭାରତୀୟ ଦଳ ଖାଲିପାଦରେ ଖେଳୁଥିବାରୁ ଏଥିଲାଗି 'ଫିଫା'ର ଅନୁମତି ନଥିଲା ବୋଲି ଚର୍ଚ୍ଚା ହୋଇଥିଲା । କିନ୍ତୁ ଏହା ଗୁଜବ ବୋଲି ଜଣାପଡ଼ିଥିଲା । ସେବେଠାରୁ ଭାରତୀୟ ଫୁଟବଲ୍ ଦଳ ବିଶ୍ୱକପ୍ ଲାଗି ଯୋଗ୍ୟତା ଅର୍ଜନ କରିବା ଦୂରର ଆଖ, ଯୋଗ୍ୟତା ପର୍ଯ୍ୟାୟର ପ୍ରଥମ ମାଇଲଖୁଣ୍ଟ ମାତ୍ର ଥରେ ପାର ହୋଇଛି । ୨୦୧୮ରେ ନେପାଳକୁ ୨-୦ରେ ହରାଇ ଭାରତୀୟ ଦଳ ଏହି ସଫଳତା ଲାଭ କରିଥିଲା । ଭାରତୀୟ ଫୁଟବଲ୍ ଆଜି ସିନା ଅବଷ୍ଟାଗ୍ରସ୍ତ । ହେଲେ ଏହାର ଅତୀତ ବେଶ୍ ଗୌରବମୟ । ଊନବିଂଶ ଶତାବ୍ଦୀର ମଧ୍ୟଭାଗରେ ବ୍ରିଟିସ୍ ସେନ୍ଟ୍ରାଲିଙ୍କ ଦ୍ୱାରା ଭାରତରେ ଫୁଟବଲ୍ ଖେଳର ଆରମ୍ଭ ହୋଇଥିଲା । କ୍ରମଶଃ କୋଲକାତା ଭାରତୀୟ ଫୁଟବଲ୍‌ର ପ୍ରମୁଖ ଫେଷ୍ଟଭୁଲୀ ପାଲଟି ଯାଇଥିଲା । ଏଫ୍‌ଏ କପ୍ ଓ ଷ୍ଟିଫିସ୍ କପ୍ ପରେ ବିଶ୍ୱର ତୃତୀୟ ସର୍ବପୁରାତନ ଫୁଟବଲ୍ ପ୍ରତିଯୋଗିତା ୧୮୮୮ରେ ଡୁରାଣ୍ଡ କପ୍ ଭାରତରେ ହିଁ ଆରମ୍ଭ ହୋଇଥିଲା । ସେହି ସମୟରେ କାଲିକାତା ଏଫ୍‌ସି, ଡେଲହାଉସି କ୍ଲବ୍, ଟ୍ରେଡର୍ସ କ୍ଲବ୍, ମୋହନ ବାଗାନ ଏଫସି ଭଳି ବହୁ ଫୁଟବଲ୍ ସଂଗଠନ ଗଠିତ ହୋଇଥିଲା । ଲୋକପ୍ରିୟତା ବଢ଼ିବା ସହ ୧୮୯୩ରେ ଭାରତୀୟ ଫୁଟବଲ୍ ସଂଘ ଗଠିତ ହୋଇଥିଲା । ହେଲେ ଏହାର ପରିଚାଳନା ବୋର୍ଡରେ ଜଣେ ହେଲେ ବି ଭାରତୀୟ ସଦସ୍ୟ ନଥିଲେ । କାଳକ୍ରମେ ଦକ୍ଷିଣ ଭାରତରୁ ମଧ୍ୟ ଫୁଟବଲ୍ ବ୍ୟାପ୍ତ ହୋଇଥିଲା । ୧୯୨୪ ପାଖାପାଖି ବ୍ରିଟିସ୍ ଓ ଭାରତୀୟ ଖେଳାଳିଙ୍କୁ ନେଇ ଏକାଧିକ ଦଳ ବିଦେଶ ଯାଇ ମ୍ୟାଚ୍ ଖେଳିଥିଲେ । ତେବେ ପୂର୍ବାଞ୍ଚଳ ଭାରତୀୟ ଦଳ ୧୯୩୦ ମସିହା ପରଠାରୁ ହିଁ ବିଦେଶରେ ଯାଇ ଫୁଟବଲ୍ ଖେଳିବା ଆରମ୍ଭ କରିଥିଲା ବୋଲି କେତେକ ରେକର୍ଡରୁ ଜଣା ଯାଇଥାଏ । ୧୯୩୮ ମସିହାରେ ପରାଧୀନ ଭାରତରେ ପ୍ରଥମ ସଂଗଠିତ ଓ ଆନୁଷ୍ଠାନିକ ଦଳ ଅଷ୍ଟ୍ରେଲିଆ ଗସ୍ତ କରି ୫ ମ୍ୟାଚ୍ ବିଶିଷ୍ଟ ଶୃଙ୍ଖଳା ଖେଳିଥିଲା । ନ୍ୟୁଜାଲାଣ୍ଡରେ ୪-୧ରେ ଅଷ୍ଟ୍ରେଲିଆକୁ ହରାଇ ପ୍ରଥମ ବିଜୟ ପାଇଥିଲା । ୧୯୪୮ ଅଲିମ୍ପିକ ଖେଳିବାକୁ ଚୀନ ଦଳ ଲଣ୍ଡନ ଗସ୍ତ କରିବା ଜାଗରେ ଭାରତରେ ଛିଙ୍କି ମ୍ୟାଚ୍ ଖେଳିଥିଲା । ଏହି ଅଲିମ୍ପିକ ହିଁ ଭାରତୀୟ ଫୁଟବଲ୍ ଦଳର ସବୁଠୁ ବଡ଼ ଅନ୍ତର୍ଜାତୀୟ ପ୍ରତିଯୋଗିତା ଥିଲା ।

ଇରାନ ନୌସେନାର ସୁରକ୍ଷାକବଚ 'କାସ୍ପିଆନ୍ ସାଗର'; ଆମେରିକା ପାଇଁ ଅପହଂଚ

ତେହେରାନ, ୩୧/୫(ନ୍ୟୁ.ଏ): ଇରାନ ବିରୋଧରେ ଆମେରିକା ଓ ଇସ୍ରାଏଲର ଯୁଦ୍ଧ ଆରମ୍ଭ ହେବା ପରଠାରୁ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଲାଗାତାର ଇରାନ ନୌସେନାକୁ ପରିହାସ କରିଆସୁଛନ୍ତି । ଗତ ବୁଧବାର ଟ୍ରମ୍ପ ଇରାନ ନୌସେନାକୁ ଆକ୍ରେସ କରି ଟ୍ରୁଥ୍ ସୋସିଆଲରେ ଏକ ମିମ୍ ସେୟାର କରିଥିଲେ । ଏଆଇ-ଜେନେରେଟେଡ୍ ମିମ୍‌ରେ ଇରାନ ଯୁଦ୍ଧଜାହାଜ ସମୁଦ୍ରର ପାଣି ତଳେ ଥିବା ଚିତ୍ରିତ କରିଥିଲେ । ଟ୍ରମ୍ପ କହିବାର ଉଦ୍ଦେଶ୍ୟ ଥିଲା ଯେ, ଆମେରିକାସ୍ଥ ସାମରିକ କାର୍ଯ୍ୟାନୁଷ୍ଠାନରେ ଇରାନର ନୌସେନା ସମୂହ ନଷ୍ଟ ହୋଇଯାଇଛି । ଟ୍ରମ୍ପଙ୍କ ଅଂଚଳାର ପୂରାପୂରି ଅସତ୍ୟ ମଧ୍ୟ ନୁହେଁ । ଆମେରିକା ଓ ଇଜ୍ରାଏଲ ଆକ୍ରମଣରେ ପାରସ୍ୟ ସାଗରରେ ଇରାନର ନୌସେନା ଗଲାର ଭାବେ ପ୍ରତାଡିତ ହୋଇଛି । ଦକ୍ଷିଣ ଉପକୂଳରେ ଆମେରିକା ଇରାନର ଜାହାଜଗୁଡ଼ିକ ବୁଡ଼ାଇ ଦେଇଥିଲା । ପରେରେ ଇରାନର ନୌସେନାର ସମ୍ପତ୍ତି ଗଲାର ଭାବେ ହ୍ରାସ ପାଇଛି । କିନ୍ତୁ ଇରାନର ଉତରରେ ଉପସାଗର ଜଳସୀମାଠାରୁ ବହୁ ଦୂରରେ ସ୍ଥଳଭାଗ ଘେରା କାସ୍ପିଆନ ସାଗରରେ ତେହେରାନର ଏକ ସକ୍ରିୟ ନୌବାହିନୀ ରହିଛି । ଯୁଦ୍ଧରେ ଏପର୍ଯ୍ୟନ୍ତ ଆମେରିକା ଇରାନର ଉତରରେ ଥିବା ଏହି ନୌସେନାକୁ ଏପର୍ଯ୍ୟନ୍ତ ଟାର୍ଗେଟ କରିନାହିଁ, ଯାହାକି ଅସମାପ୍ତ ଯୁଦ୍ଧରେ ଇରାନର ଜୀବନରେଖା ପାଲଟିଛି । କାସ୍ପିଆନ ସାଗରର ଏକ ଅନନ୍ୟ ଭୂରାଜନୈତିକ ପରିବେଶ ଦ୍ୱାରା ସୁରକ୍ଷିତ ଇରାନର ଉତର ନୌବାହିନୀ ପାଇଁ ସୁରକ୍ଷା କବଚ ପାଲଟିଛି ତାହା ନୁହେଁ ଯୁଦ୍ଧ ସମୟରେ ଦେଶକୁ ଏପରି ଭାବରେ ସାହାଯ୍ୟ କରିଛି ଯାହା ଗଣମାଧ୍ୟମର ଶିରୋନାମାରେ ସ୍ଥାନ ପାଇନାହିଁ । କାସ୍ପିଆନ ସାଗରକୁ ଦୁର୍ଲଭମେମିୟାନ, ଆଜରବାଇଜାନ, ରୁଷ, ଇରାନ ଓ କାଜାଖସ୍ଥାନ ଘେରି ରହିଛନ୍ତି । ଆମେରିକା ପାଇଁ ଏଠାରେ ଆକ୍ରମଣ କରିବା ଜଟିଳ ହୋଇଯାଇଛି । ପାରସ୍ୟ ଉପସାଗର ପରି କାସ୍ପିଆନ ସାଗର ମଧ୍ୟ ଏକ ଭୂରାଜନୈତିକ ଜଳକ୍ଷେତ୍ର । ଏହି ଅଂଚଳ ଉପରେ ରୁଷ୍ ଓ ଚୀନ୍‌ର ଗଲାର ପ୍ରଭାବ ରହିଥିବାରୁ ଏଠାରେ ଇରାନ ଉପରେ ଆକ୍ରମଣ କରିବା ଆମେରିକା ପାଇଁ ଖୁବ୍ କଷ୍ଟକର । ଏଇକଥା ପୋଲିଏର୍ ଙ୍ଗଇର ଅଂଶ ଥିବା ଦେହ୍ର ଏସିଆ ଗଣରାଜ୍ୟ (ସିଏଆର)କୁ ଦାର୍ଘଦିନ ଧରି ରୁଷର ରଣନୈତିକ ପ୍ରଭାବ କ୍ଷେତ୍ରର ଅଂଶ ଭାବରେ ବିବେଚନା କରାଯାଇଆସୁଛି । ଇରାନର କର୍ଦର୍ଶ ଫ୍ରିଟ୍

ପ୍ରତିଦ୍ୱନ୍ଦ୍ୱୀ କ୍ରୀଡ଼ାବିତଙ୍କ ଗୁଳିରେ ଜାତୀୟ ପାରା ଆଥଲେଟ୍ ଚିରାଗ ତ୍ୟାଗୀ ମୃତ

ନୂଆଦିଲ୍ଲୀ, ୩୧/୫(ନ୍ୟୁ.ଏ): ଉତର ପ୍ରଦେଶର ଗାଜିଆବାଦ ଅଂଚଳରେ ଏକ ଅତି ଚାଞ୍ଚଲ୍ୟକାରୀ ହତ୍ୟାକାଣ୍ଡ ସାମ୍ନାକୁ ଆସିଛି, ଯେଉଁଠାରେ ଜଣେ ୨୫ ବର୍ଷୀୟ ଜାତୀୟ ସ୍ତରର ଜଭେଲିୟମାନ ପାରା ଆଥଲେଟଙ୍କୁ ତାଙ୍କର ହିଁ ଜଣେ ସହ-ପ୍ରତିଯୋଗୀ ଗୁଳି କରି ହତ୍ୟା କରିଛନ୍ତି । ତନ୍ଦିନ ଅକ୍ଟୋବର ମାସରେ ଜାପାନଠାରେ ଅନୁଷ୍ଠିତ ହେବାକୁ ଥିବା ପାରା ଏସିଆନ୍ ଗେମ୍ସ ପାଇଁ ଯୋଗ୍ୟତା ହାସଲ କରିବାର ମାତ୍ର କିଛି ଦିନ ପରେ ଏହି ପ୍ରତିଭାବାନ ଖେଳାଳି ଚିରାଗ ତ୍ୟାଗୀଙ୍କୁ ହତ୍ୟା କରାଯାଇଛି । ପରିବାର ଲୋକଙ୍କ ଅଭିଯୋଗ ପରେ ପୋଲିସ ହତ୍ୟାକାରୀଙ୍କୁ ଧରିବାରେ ସଫଳ ହୋଇଥିବା ବେଳେ ଅଧିକ ତଦନ୍ତ ପାଇଁ ପଚରାଉଚରା ଜାରି ରହିଛି । ପରିବାର ସଦସ୍ୟଙ୍କ ସୂଚନା ଅନୁଯାୟୀ, ଗତ ବୁଧବାର ସକାଳେ ଚିରାଗ ନିଜ ହଷ୍ଟେଲ୍ ଅଭିମୁଖେ ବାହାରିଥିଲେ, ମାତ୍ର ଦୀର୍ଘ ସମୟ ଧରି ତାଙ୍କ ସହ କୌଣସି ଯୋଗାଯୋଗ ସମ୍ଭବ ହୋଇନଥିଲା । ଏଥିରେ ଚିନ୍ତିତ ହୋଇ ପରିବାର ପକ୍ଷରୁ ପୋଲିସ ନିକଟରେ ଏକ ନିଖୋଜ ଅଭିଯୋଗ ଦାୟର କରାଯାଇଥିଲା । ଶନିବାର ଅପରାହ୍ନରେ ଗାଜିଆବାଦର ସାଲ କୁଞ୍ଜ ଅଂଚଳରୁ ପୋଲିସ ଚିରାଗଙ୍କ ମୃତଦେହ ଉଦ୍ଧାର କରିଛି ଏବଂ ପ୍ରାଥମିକ ଯାଂଚରୁ ତାଙ୍କୁ ଗୁଳି କରି ହତ୍ୟା କରାଯାଇଥିବା ସ୍ପଷ୍ଟ ହୋଇଛି । ପୋଲିସ ସିସିଟିଭି ଫୁଟେଜ୍ ଆଧାରରେ ଅନୁସନ୍ଧାନ କରି ଚିରାଗଙ୍କ ସହ ପ୍ରଶିକ୍ଷଣ ନେଉଥିବା ଅନ୍ୟ ଜଣେ ପାରା ଆଥଲେଟ୍ ଯଶ୍ ଖଟିକଙ୍କୁ ଅଟକ ରଖି ପଚରାଉଚରା କରିବା ପରେ ଏହି ସାଙ୍ଘାତିକ ହତ୍ୟାକାଣ୍ଡର ରହସ୍ୟ ଖୋଲିଛି । ପୁଲିସ୍ ଶାସନ ପକ୍ଷରୁ ଡିସିପି ଧବଳ ଜେସୱାଲ୍ ଗଣମାଧ୍ୟମକୁ ସୂଚନା ଦେଇ କହିଛନ୍ତି ଯେ, ଏହି ହତ୍ୟାକାଣ୍ଡ ପକ୍ଷରେ ''ପ୍ରତିଶୋଧର ପ୍ରତିଶୋଧ'' ବା ପୂର୍ବ ଶତ୍ରୁତା ରହିଥିଲା । ଉତ୍ତର ଚିରାଗ ଓ ଯଶ୍ ଆଥଲେଟିକ୍ସର "ଗ୍ରାଉଣ୍ଡ୍" ବା ଅଞ୍ଚଳ ବର୍ତ୍ତମାନ ପରସ୍ପର ବିରୁଦ୍ଧରେ ପ୍ରତିଦ୍ୱନ୍ଦ୍ୱିତା କରୁଥିଲେ । ପୂର୍ବରୁ ଚିରାଗ ଯଶର କେତେକ କାଗଜପତ୍ରର ସତ୍ୟାସତ୍ୟ ଯାଂଚ ପ୍ରକ୍ରିୟାକୁ ନେଇ ଜଟୁଁ ପକ୍ଷଙ୍କ ନିକଟରେ ଅଭିଯୋଗ କରିଥିଲେ, ଯେଉଁ କାରଣରୁ ଯଶ୍ ପ୍ରତିଯୋଗିତାରୁ ବାଦ୍ ପଡ଼ିଥିଲା । ଏହି ଆକ୍ରୋଶ ଓ ପ୍ରତିଶୋଧ ନିଆଁରେ ଜଳି ଯଶ୍ ଚିରାଗଙ୍କୁ ଏକ ନିଛାଟିଆ ସ୍ଥାନକୁ ଆଣି ତାଙ୍କ ପଛ ପଟୁ ପିସ୍ତଲରେ ଗୁଳି କରିଥିଲା । ବର୍ତମାନ ପୁଲିସ୍ ଅଭିଯୁକ୍ତ ଯଶକୁ ଗିରଫ କରି ତା' ବିରୁଦ୍ଧରେ ହତ୍ୟା ମାମଲା ରୁଜୁ କରିଛି । ହତ୍ୟାରେ ବ୍ୟବହୃତ ବନ୍ଧୁକ ଉଦ୍ଧାର କରିବା ପାଇଁ ପୁଲିସ୍ ର ସ୍ୱତନ୍ତ୍ର ଟିମ୍ ବିଭିନ୍ନ ସ୍ଥାନରେ ଚଢ଼ାଉ ଜାରି ରଖିଥିବା ବେଳେ, ଏହି ଘଟଣାରେ ଅନ୍ୟ କାହାର ସଂପୃକ୍ତି ଅଛି କି ନାହିଁ ସେ ଦିଗରେ ଅଧିକ ତଦନ୍ତ କରାଯାଉଛି । ଶବ ବ୍ୟବଚ୍ଛେଦ ରିପୋର୍ଟ ଆସିବା ପରେ ମୃତ୍ୟୁର ଖଚିକ୍ କାରଣ ସାମ୍ନାକୁ ଆସିବ ବୋଲି ଅଧିକାରୀମାନେ ପ୍ରକାଶ କରିଛନ୍ତି ।

ଟିଏମ୍‌ସିରେ ନିରବ ବିଦ୍ରୋହ; ବୈଠକକୁ ଆସିଲେନି ୬୦ ବିଧାୟକ

କୋଲକାତା, ୩୧/୫ (ନ୍ୟୁ.ଏ): ପଶ୍ଚିମବଙ୍ଗରେ ତୃଣମୂଳ କଂଗ୍ରେସ (ଟିଏମସି)ର ନିର୍ବାଚନୀ ବିପର୍ଯ୍ୟୟ ପରେ ଦଳର ଆଭ୍ୟନ୍ତରୀଣ ସ୍ଥିତି ଜଟିଳ ରୂପ ନେଇଛି । ଦଳରେ ଲାଖି ରହିଥିବା ବଡ଼ ଧରଣର ସାଂଗଠନିକ ସଙ୍କଟ ଏବେ ସାମନାକୁ ଆସିଛି । ଦଳର ଦୁଇ ଶୀର୍ଷ ନେତା ଅଭିଷେକ ବାନାର୍ଜୀ ଏବଂ କଲ୍ୟାଣ ବାନାର୍ଜୀଙ୍କ ଉପରେ ହୋଇଥିବା ଆକ୍ରମଣ ପରେ ଦଳ ସୁପ୍ରିମୋ ମମତା ବାନାର୍ଜୀଙ୍କ କାଳୀଘାଟ ବାସଭବନରେ ଆଜି ତଲାସାଲାଇଥିବା ଗୁରୁତ୍ୱପୂର୍ଣ୍ଣ ବୈଠକକୁ ୬୦ ଜଣ ବିଧାୟକ ବର୍ଜନ କରିଛନ୍ତି । ଏହି ଅଭାବନୀୟ ପରିସ୍ଥିତି ଯୋଗୁଁ ବୈଠକ ବାତିଲ କରିବାକୁ ପଡ଼ିଛି, ଯାହା ମମତାଙ୍କ କ୍ଷମତା ଏବଂ ଦଳୀୟ ନିୟନ୍ତ୍ରଣ ଉପରେ ଏକ ବଡ଼ ପ୍ରଶ୍ନବାଚୀ ସୃଷ୍ଟି କରିଛି । ଟିଏମ୍‌ସି ବିଧାୟକ ଦଳ ନେତା ଶୋଭନଦେବ ଚଟ୍ଟୋପାଧ୍ୟାୟଙ୍କ ଦ୍ୱାରା ଏହି ଜରୁରୀକାଳୀନ ବୈଠକ ଡକାଯାଇଥିଲା । ବିଧାନସଭା ୮୦ ଜଣ ବିଧାୟକଙ୍କ ମଧ୍ୟରୁ କେବଳ ୨୦ ଜଣ ଏଥିରେ ଯୋଗ ଦେଇଥିଲେ । ଫିରହାଦ ହାକିମ, ନୟନା ବାନାର୍ଜୀ, ମଦନ ମିତ୍ର, ଅଶ୍ମୀମା ପାତ୍ର ଏବଂ ବୁଲାର ଘୋଷଙ୍କ ଭଳି କିଛି ବରିଷ୍ଠ ନେତା ଉପସ୍ଥିତ ରହି ନିଜର ଆନୁଗତ୍ୟ ପ୍ରକାଶ କରିଥିଲେ ମଧ୍ୟ ୬୦ ଜଣ ବିଧାୟକ ସମ୍ପୂର୍ଣ୍ଣ ଅନୁପସ୍ଥିତ ରହିବା ସହ ସେମାନଙ୍କ ସହ କୌଣସି ଯୋଗାଯୋଗ ହୋଇପାରି ନାହିଁ । ଦଳର ମୁଖପାତ୍ର କୁନାଲ ଘୋଷ ଦାବି କରିଛନ୍ତି ଯେ ନେତାମାନଙ୍କ ଉପରେ ହୋଇଥିବା ଆକ୍ରମଣ ଯୋଗୁଁ ବିଧାୟକମାନେ ନିଜ ନିଜ ଅଂଚଳରେ ବ୍ୟସ୍ତ ଅଛନ୍ତି, କିନ୍ତୁ ଏହି ସଫେଇ ଦଳୀୟ କର୍ମୀଙ୍କୁ ସନ୍ତୁଷ୍ଟ କରିପାରିନାହିଁ । ଦଳ ଭିତରେ ବଢ଼ି ଚାଲିଥିବା ଅସନ୍ତୋଷଏହି ସାଂଗଠନିକ ସଙ୍କଟର ମୁଖ୍ୟ କାରଣ ବୋଲି କୁହାଯାଉଛି । ପ୍ରଥମେ ସୋନାରପୁରଠାରେ ସାଂସଦ ଅଭିଷେକ ବାନାର୍ଜୀଙ୍କୁ ଆକ୍ରମଣ କରାଯାଇଥିଲା ଏବଂ ଏହାର କିଛି ଘଂଟା ମଧ୍ୟରେ ମୁର୍ଶିଦାବାଦ ଜିଲ୍ଲାରେ କଲ୍ୟାଣ ବାନାର୍ଜୀଙ୍କୁ ମଧ୍ୟ ଆକ୍ରମଣ ହୋଇଥିଲା । ଏହି ଘଟଣା ପରେ ଦଳୀୟ ବିଧାୟକମାନେ ବୈଠକକୁ ନଆସିବା ଏକ ନିରବ ବିଦ୍ରୋହ ବୋଲି କୁହାଯାଉଛି । ୨୦୧୧ ମସିହାରୁ ପଶ୍ଚିମବଙ୍ଗରେ ଏକଛତ୍ର ଶାସନ କରିଆସିଥିବା ଟିଏମ୍‌ସି ଶୃଙ୍ଖଳା ନିର୍ବାଚନୀ ପରାଜୟ ପରେ ବୋହଳି ଯାଇଛି, ଯାହାର ସିଧାସଳଖ ପାଇଦା ଶାସକ ବିଜେପିକୁ ଯାଉଛି ।

ବିଦେଶୀ ନିବେଶକ ଉଠାଇ ନେଲେ ୩୨୯୬୩ କୋଟି ଟଙ୍କା

ନୂଆଦିଲ୍ଲୀ, ୩୧/୫(ନ୍ୟୁ.ଏ): ଭାରତୀୟ କଳ୍ପିତି ବଜାରରୁ ବିଦେଶୀ ନିବେଶକମାନଙ୍କ ପୁଞ୍ଜି ପ୍ରତ୍ୟାହାର ଜାରି ରହିଛି । ବିଦେଶୀ ପୋର୍ଟଫୋଲିଓ ନିବେଶକ (ଏଫ୍‌ପିଆଇ) ମାନେ ମେ ମାସରେ ଭାରତର କଳ୍ପିତି ବଜାରରୁ ୩୨,୯୬୩ କୋଟି ଟଙ୍କା ଉଠାଇ ନେଇଛନ୍ତି । ନ୍ୟାସନାଲ ଷ୍ଟକ ଡିପୋଜିଟୋରିଜ୍ ଲିମିଟେଡ (ଏନ୍‌ଏସ୍‌ଡିଏଲ୍)ର ତଥ୍ୟ ଅନୁଯାୟୀ, ୨୦୨୬ ମସିହାର ପ୍ରଥମ ୫ ମାସରେ ଏଫ୍‌ପିଆଇମାନେ ଭାରତୀୟ ବଜାରରୁ ୨.୨୬ ଲକ୍ଷ କୋଟି ଟଙ୍କା ଉଠାଇ ନେଇଛନ୍ତି । ୨୦୨୫ ମସିହାରେ ଏଫ୍‌ପିଆଇମାନେ ଭାରତୀୟ ବଜାରରୁ ୧.୬୬ ଲକ୍ଷ କୋଟି ଟଙ୍କା ଉଠାଇ ନେଇଥିବାବେଳେ ଚଳିବର୍ଷର ପ୍ରଥମ ପାଂଚମାସରେ ତାପରୁ ବହୁ ଅଧିକ ରାଶି ଉଠାଇ ନେଇଲେଣି । ୨୦୨୬ ମସିହାର ତଥ୍ୟ ଉପରେ ନଜର ପକାଇଲେ ଜଣାଯାଏ କେବଳ ଫେବୃଆରି ମାସରୁ ଛାଡ଼ିଦେଲେ ଅନ୍ୟ ସବୁ ମାସରେ ଏଫ୍‌ପିଆଇମାନେ ଭାରତୀୟ ବଜାରରୁ ପୁଞ୍ଜି ପ୍ରତ୍ୟାହାର କରିଛନ୍ତି । ଜାନୁଆରିରେ ୩୫,୯୬୨ କୋଟି, ମାର୍ଚ୍ଚରେ ୧.୧୭ ଲକ୍ଷ କୋଟି, ଏପ୍ରିଲରେ ୬୦,୮୪୭ କୋଟି, ମେ ମାସରେ ୩୨୯୬୩ କୋଟି ଉଠାଇ ନେଇଛନ୍ତି । ଅନ୍ୟପକ୍ଷରେ ଫେବୃଆରି ମାସରେ ଏଫ୍‌ପିଆଇମାନେ ଭାରତୀୟ ବଜାରରେ ୨୨୬୧୫ କୋଟି ଟଙ୍କା ନିବେଶ କରିଛନ୍ତି । ବିଶେଷଜ୍ଞଙ୍କ କହିବାନୁଯାୟୀ, ଜାପାନ, ଦକ୍ଷିଣ କୋରିଆ, ତାଇୱାନ ଏବଂ ଆମେରିକା ଭଳି ବଜାରରେ କର୍ପୋରେଟ୍‌ମାନେ ଆର୍ଥିକ ପ୍ରଦର୍ଶନ ଭଲ ରହିଛି । ଏଥିପାଇଁ ଭାରତରେ ପୂର୍ବରୁ ନିବେଶ କରୁଥିବା ବିଦେଶୀ ନିବେଶକମାନେ ଆମେରିକା, ଜାପାନ, ଦକ୍ଷିଣ କୋରିଆ ଓ ତାଇୱାନମୁହଁ ହୋଇଛନ୍ତି । ଏହାବ୍ୟତୀତ ଡଲାର ତୁଳନାରେ ଟଙ୍କା ମୂଲ୍ୟ ଭଙ୍ଗାରର ଦୁର୍ବଳ ହେବାର ପ୍ରଭାବ ମଧ୍ୟ ଏଫ୍‌ପିଆଇମାନଙ୍କ ଉପରେ ପଡ଼ିଛି । ସେମାନେ ଭାରତ ଛାଡ଼ି ବିଦେଶବଜାରମୁହଁ ହୋଇଛନ୍ତି । ଏହାବ୍ୟତୀତ ଅଶୋଧିତ ତେଲ ଦର ବୃଦ୍ଧି ଏବଂ ହର୍ମୁଜ ପ୍ରଣାଳୀରେ ପରିବହନ ବାଧାବନ୍ଦ ଭାରତର କଳ୍ପିତି ବଜାରକୁ ପ୍ରଭାବିତ କରିଛି ।

ନେପାଳୀ ସଂସଦରେ ବିବାଦୀୟ ବୟାନ ରଖିଲେ ବାଲେନ୍ ଶାହ

କାଠମାଣ୍ଡୁ, ୩୧/୫(ନ୍ୟୁ.ଏ): ନେପାଳ ପ୍ରଧାନମନ୍ତ୍ରୀ କାଣ୍ଡେଲ୍ ଶାହ ଭାରତକୁ ଲାଗି ରହିଥିବା ସୀମାକୁ ନେଇ ନେପାଳ ସଂସଦରେ ବିବାଦୀୟ ବୟାନ ଦେଇଛନ୍ତି । ବାଲେନ୍ଦ୍ର ଶାହ କହିଛନ୍ତି, ଭାରତ ଯେଉଁଠି ନେପାଳର ଭୂଭାଗକୁ ମାଡ଼ି ବସିଛି, ନେପାଳ ମଧ୍ୟ ଅନେକ ସ୍ଥାନରେ ଭାରତର ଭୂମିକୁ ମାଡ଼ି ବସିଛି । ଦ କାଠମାଣ୍ଡୁ ପୋଷ୍ଟ ରିପୋର୍ଟ ଅନୁଯାୟୀ, ନେପାଳର ପ୍ରଧାନମନ୍ତ୍ରୀ ଆଶ୍ୱାସନା ଦେଇଛନ୍ତି ଯେ, ଲିପୁଲେଖ, ଲିମ୍ପିୟାଧୁରା ଓ କାଲାପାନୀ ସୀମା ବିବାଦ କୂଟନୈତିକ ଆଲୋଚନା ମାଧ୍ୟମରେ ସମାଧାନ କରାଯିବ । ଶ୍ରମ ସଂସ୍କୃତି ପାର୍ଟିର ସାଂସଦ ଆରେନ୍ ରାୟଙ୍କ ଦ୍ୱାରା ସଂସଦରେ ପଚରା ଯାଇଥିବା ପ୍ରଶ୍ନର ଉତରରେ ବାଲେନ୍ଦ୍ର ଶାହ କହିଛନ୍ତି, ପ୍ରଧାନମନ୍ତ୍ରୀ ହେବା ପରେ ମୁଁ ଜାଣିବାକୁ ପାଇଛି ଯେ, ନା କେବଳ ଭାରତ, ନେପାଳ ମଧ୍ୟ ଭାରତର ଭୂମି ମାଡ଼ି ବସିଛି । ଏହି ପ୍ରସଙ୍ଗରେ ଦୁଇ ଦେଶ ଏକାଠି ବୈଠକ କରି ବିଚାର କରିବା ଉଚିତ । ଏହାବ୍ୟତୀତ ଲିପୁଲେଖ ଓ ଲମ୍ପିୟାଧୁରା ରାସ୍ତାରେ ହେଉଥିବା ବ୍ୟାପାର ଉପରେ ନେପାଳ କମ୍ୟୁନିଷ୍ଟ ପାର୍ଟିର ଉପ-ସଂସଦୀୟ ଦଳର ନେତା ପଦ୍ମା ଅୟାର୍ଲ ଏକ ପ୍ରଶ୍ନ କରିଥିଲେ, ଏହାର ଜବାବରେ ପ୍ରଧାନମନ୍ତ୍ରୀ ଶାହ କହିଛନ୍ତି ଯେ, ଲିପୁଲେଖ, ଲିମ୍ପିୟାଧୁରା ଓ କାଲାପାନୀ ବିବାଦର ସମାଧାନ କୂଟନୈତିକ ଆଲୋଚନା ମାଧ୍ୟମରେ କରାଯିବ । ଶାହ ନେପାଳ ସଂସଦକୁ ସୂଚନା ଦେଇ କହିଛନ୍ତି, ନେପାଳ ଏହି ପ୍ରସଙ୍ଗରେ ଭାରତକୁ ପୂର୍ବରୁ ଏକ ଆଧିକାରିକ କୂଟନୈତିକ ବାର୍ତ୍ତା ପଠାଇସାରିଛି ଓ ଭାରତରୁ ଜବାବ ମଧ୍ୟ ମିଳିସାରିଛି । ବାଲେନ୍ଦ୍ର ଶାହ କହିଛନ୍ତି, ଭାରତରୁ ମିଳିଥିବା ଜବାବରେ କୁହାଯାଇଛି ଯେ, ଉଭୟ ସରକାର ଐତିହାସିକ, ସର୍ବେକ୍ଷଣ ଓ କ୍ଷେତ୍ର ବିଶେଷଜ୍ଞଙ୍କୁ ସାମିଲ କରି ଏକ ଟିମ୍ ଗଠନ କରିବ ଓ କଥାବାର୍ତ୍ତା ଦ୍ୱାରା ଏହାର ସମାଧାନ କରିବ । ନେପାଳ ପ୍ରଧାନମନ୍ତ୍ରୀ ଆହୁରି ମଧ୍ୟ କହିଛନ୍ତି ଯେ, ନେପାଳ ଏହି ସମ୍ପାଦ ବିବାଦକୁ ନେଇ ଚୀନ ଓ ବ୍ରିଟେନ୍ ସହିତ ମଧ୍ୟ